


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-289 ◆FRIDAY ◆17 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮୯ ◆ଶୁକ୍ରବାର ◆୧୭ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦





# ସ୍ମୃତିରେ ପ୍ରବାଦ ପୁରୁଷ...



# ବେସାଲିସ୍ ବାଦ୍‌ଶାହା

ତାଙ୍କୁ କୁହାଯାଉଥିଲା ଝଡ଼ର ଇଗଲ୍ । ଓଡ଼ିଶା ସହ ଯୋଡ଼ି ହୋଇ ରହିଥିଲା ତାଙ୍କର ନାଭିସୂତ୍ର । ଇଂରେଜ ସରକାର ଅଧୀନରେ ସେ ବୈମାନିକ ଭାବରେ କାର୍ଯ୍ୟ କରୁଥିଲେ, ମାତ୍ର ଭାରତ ମାତା ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱ ତାଙ୍କୁ ଚାକିରିରେ ବାନ୍ଧି ପାରି ନ ଥିଲା । ସମୟାନ୍ତରେ ସେ ପାଲଟିଥିଲେ ଦେଶର ସ୍ୱାଧୀନତା ସଂଗ୍ରାମର ଅନନ୍ୟ ଯୋଦ୍ଧା । ହରି ସିଂହଙ୍କୁ ପ୍ରଭାବିତ କରି କାଶ୍ମୀରକୁ ଭାରତରେ ମିଶ୍ରଣର ସମ୍ମତିପତ୍ର ଆଣିବା ଠାରୁ ବିପଜ୍ଜନକ ପରିସ୍ଥିତିରେ ରଷ୍‌କୁ ଯୁଦ୍ଧାସ୍ତ୍ର ଯୋଗାଣ; ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ସୁକର୍ଣ୍ଣୋଙ୍କୁ ଡଚ୍‌ଙ୍କ କବଳରୁ ଉଦ୍ଧାର ପର୍ଯ୍ୟନ୍ତ ଅନେକ ଦୁଃସାହସିକ କାର୍ଯ୍ୟର ସେ ଥିଲେ କର୍ଣ୍ଣଧାର । ଯେଉଁଥିପାଇଁ ଦେଶବାସୀ ତାଙ୍କୁ ଦେଇଥିଲେ ଜାତୀୟ ବୀରର ମାନ୍ୟତା ।

ସେ ଥିଲେ ବିଜୁ ପଟ୍ଟନାୟକ । ଓଡ଼ିଶା ଓ ଓଡ଼ିଆଙ୍କ ବିକାଶର ଆଦ୍ୟନାୟକ । ପାରାଦ୍ୱୀପ ବନ୍ଦରଠାରୁ ଆରମ୍ଭ କରି ଭୁବନେଶ୍ୱର ବିମାନବନ୍ଦର, ଭୁବନେଶ୍ୱର ସୈନିକ ସ୍କୁଲ, ଓୟୁଏଟି, ନାଲ୍‌କୋ, ସୁନାବେଡ଼ା ବିମାନ ଯନ୍ତ୍ରାଂଶ କାରଖାନା, ରାଉରକେଲା ଇସ୍ପାତ କାରଖାନାରେ ଏବେ ବି ଦିଶେ ତାଙ୍କର ସ୍ୱପ୍ନିଳ ବିକାଶର ଝକ୍‌ମକ୍ ଛାପ । ଓଡ଼ିଶା ଥିଲା ତାଙ୍କର ପ୍ରାଣ । ତାଙ୍କ ଧମନୀର ରକ୍ତରେ ଥିଲା ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ପ୍ରଚଣ୍ଡ ଆବେଗ । ଓଡ଼ିଶାର ପ୍ରାଚୀନ ନାମ କଳିଙ୍ଗ ଆଧାରରେ ସେ ସ୍ଥାପନ କରିଥିଲେ କଳିଙ୍ଗ ଟ୍ୟୁବ୍ସ, କଳିଙ୍ଗ ଏୟାର ଲାଇନ୍ସ, କଳିଙ୍ଗ ଆଇରନ ୱାର୍କସ, କଳିଙ୍ଗ ରିଫ୍ରାକ୍ଟରିଜ୍ । ଏପରିକି 'କଳିଙ୍ଗ' ନାମରେ ଏକ ଦୈନିକ ସମ୍ବାଦପତ୍ର ସେ ଆରମ୍ଭ କରିଥିଲେ ଏବଂ ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ଆରମ୍ଭ କରିଥିଲେ ଆନ୍ତର୍ଜାତିକ 'କଳିଙ୍ଗ ପୁରସ୍କାର' ।

ଜାତି, ଧର୍ମ, ବର୍ଣ୍ଣ, ରାଜନୀତି ଠାରୁ ସେ ଥିଲେ ଊର୍ଦ୍ଧ୍ୱରେ । ଓଡ଼ିଶାର ବିକାଶ ବ୍ୟତୀତ ରାଜନୀତି ତାଙ୍କ ପାଇଁ କିଛି ମହତ୍ୱ ରଖୁ ନ ଥିଲା । ସେ ଥିଲେ ବେସାଲିସ୍ ବାଦ୍‌ଶାହା, ପ୍ରଚଣ୍ଡ ସ୍ୱାଭିମାନୀ ଓଡ଼ିଆ । ମଧୁବାବୁଙ୍କ ପରବର୍ତ୍ତୀ ପିଢ଼ିରେ ଓଡ଼ିଶାର ସ୍ୱାଭିମାନ ପାଇଁ ଲଢୁଥିବା ଏକମାତ୍ର ଓଡ଼ିଆ । ଯେଉଁଥିପାଇଁ ଅନେକବାର ସେ କ୍ଷମତାକୁ ହାତରେ ପାଇ ବି ହାତଛଡ଼ା କରିଛନ୍ତି । ଅର୍ଦ୍ଧଶତାବ୍ଦୀର ରାଜନୈତିକ ଜୀବନରେ ଅନେକବାର କ୍ଷମତାର ଶୀର୍ଷରେ ପହଞ୍ଚି କ୍ଷମତାଠାରୁ ଦୂରେଇ ରହିଛନ୍ତି । ଲବି ରାଜନୀତିକୁ ସେ ପ୍ରଚଣ୍ଡ ଘୃଣା କରୁଥିଲେ । କ୍ଷମତା ପାଇଁ ସେ କେବେ ଲବି କରୁ ନ ଥିଲେ ଓ ଲବି କରୁଥିବା ଲୋକଙ୍କୁ ସହ୍ୟ କରୁ ନ ଥିଲେ । ସେଇଥିପାଇଁ ସେ ଥିଲେ ଅଦମନୀୟ, ନିଜ ଇଚ୍ଛାର ସମ୍ରାଟ । ଆଜି ବି ସେ ସାଢ଼େ ଚାରି କୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ, ଅତି ଆପଣାର 'ପ୍ରବାଦ ପୁରୁଷ' ।







# ଜନନାୟକ

■ ଡ. ପ୍ରଫୁଲ୍ଲ କୁମାର ସାହୁ

ବେଳେ ବେଳେ ମହାକାଳକୁ ଚକିତ କରି ଏମିତି ଜଣେ ଜଣେ ଯୋଗଜନ୍ମା ପୁରୁଷ ଜନ୍ମ ନିଅନ୍ତି, ଯିଏ ଇତିହାସ ସୃଷ୍ଟି କରନ୍ତି, ଇତିହାସକୁ ବଦଳାଇବାର କ୍ଷମତା ରଖନ୍ତି । ସେହିଭଳି ଜଣେ ବ୍ୟକ୍ତି ଥିଲେ ବିଜୁ ପଟ୍ଟନାୟକ । ତାଙ୍କ ନାମ ଉଚ୍ଚାରଣ ମାତ୍ରକେ ଓଡିଆଙ୍କ ଆଖି ଆଗରେ ନାଚିଯାଏ ଶିଖର ଛୁଇଁଥିବା ଜଣେ ଉତ୍ତୁଙ୍ଗ ମଣିଷର ଛବି । ଫୁଟବଲ ଖେଳିବା ଠାରୁ ବିମାନ ଉଡାଇବା ପର୍ଯ୍ୟନ୍ତ ସେ ସବୁଥିରେ ଥିଲେ ସାହସୀ, ଧୂରନ୍ଧର ଓ ଦୁର୍ଦ୍ଧଶ ।

ଜୀବିତାବସ୍ଥାରେ ଓଡିଶାର ଯେଉଁ ଦୁଇଜଣ ଯୋଗଜନ୍ମାଙ୍କୁ କିମ୍ବଦନ୍ତୀ ପୁରୁଷ ମାନ୍ୟତା ମିଳିଛି, ସେମାନଙ୍କ ମଧ୍ୟରେ ଜଣେ ମଧୁବାବୁ ଓ ଆଉ ଜଣେ ବିଜୁବାବୁ । ମଧୁବାବୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ପ୍ରାଣ ପ୍ରତିଷ୍ଠାତା; ତାଙ୍କ ପରେ ବିଜୁବାବୁ ସାଜିଲେ ଓଡ଼ିଶା ନବନିର୍ମାଣର ବିସ୍ମୟ ବିଶ୍ୱକର୍ମା । ଏକ ଅଗ୍ନିପଥର ଅପରାଜେୟ ପଥିକ ହେଉଛନ୍ତି ବିଜୁବାବୁ । ଓଡିଆ ଜାତି ତାର କୃତିତ୍ୱକୁ ନେଇ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ଲଭୁ-ତାହା ହିଁ ଥିଲା ବିଜୁବାବୁଙ୍କ ଜୀବନର ଅଭିଳଷିତ ସ୍ୱପ୍ନ । ବିଶ୍ୱକବି ରବୀନ୍ଦ୍ରନାଥ ଥିଲେ ତାଙ୍କର ସ୍ୱପ୍ନ ଗୁରୁ । ସେ ସବୁବେଳେ କହୁଥିଲେ- "ଯଦି ସ୍ୱପ୍ନ ଦେଖିବ ତ ବଡବଡ ସ୍ୱପ୍ନ ଦେଖ' ।

ବିଜୁବାବୁ ଥିଲେ ନାରୀ ସଶକ୍ତିକରଣର ପଥ ପ୍ରଦର୍ଶକ । ଗୋଟେ ସ୍ୱାଭିମାନୀ ଓ ନିର୍ଭୀକ ଜାତିର ପୁନର୍ଗଠନ କ୍ଷେତ୍ରରେ ସେ ମା'ମାନଙ୍କ ଗୁରୁଦାୟିତ୍ୱକୁ ଅନୁଭବ କରିଥିଲେ ଏବଂ ସେହି ଆଧାରରେ ପ୍ରସ୍ତୁତ କରିଥିଲେ ନାରୀ ସଶକ୍ତିକରଣର ନକ୍ସା । 'ମୋ ସ୍ୱପ୍ନର ଓଡିଶା' ଶୀର୍ଷକ ଭାଷଣରେ ସେ କହିଛନ୍ତି-"ମୁଁ ସେହି ଦିନର ସ୍ୱପ୍ନ ଦେଖୁଛି, ଯେଉଁଦିନ ପ୍ରତ୍ୟେକ ମହିଳା ପୁରୁଷଙ୍କ ସହ କାନ୍ଧରେ କାନ୍ଧ ମିଳାଇ ସମାନ ଭାବରେ ଦାୟିତ୍ୱ ନିର୍ବାହ କରିବେ ଏବଂ ସବୁକ୍ଷେତ୍ରରେ ପାଇବେ ସମାନ ସୁବିଧା ଓ ସୁଯୋଗ ।' ଜଣେ ବାସ୍ତବବାଦୀ ନେତା ଭାବରେ ବିଜୁବାବୁ ଏହି ସ୍ୱପ୍ନକୁ ବାସ୍ତବାୟିତ କରିବା ଦିଗରେ ଦୃଢ ଓ ତତ୍କାଳ ପଦକ୍ଷେପ ନେଇଛନ୍ତି । ସମଗ୍ର ଦେଶରେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେବାର ପ୍ରାୟ ଅଢେଇ ବର୍ଷ ପୂର୍ବରୁ ଏଠାରେ ତାକୁ ସେ କାର୍ଯ୍ୟକାରୀ କରିଥିଲେ ଏକ ନୂଆ ରୂପରେ । କ୍ଷମତା ବିକେନ୍ଦ୍ରୀକରଣ ଓ ମହିଳାଙ୍କୁ ସୁରକ୍ଷା ଓ ସମ୍ମାନ ପ୍ରଦାନ କ୍ଷେତ୍ରରେ ସେ ଥିଲେ ଭାରତବର୍ଷର ଜଣେ ଅଗ୍ରଗଣ୍ୟ ଓ ଦୃଷ୍ଟାନ୍ତ ସୃଷ୍ଟିକାରୀ ନେତା । କେବଳ ରାଜନୀତି କ୍ଷେତ୍ରରେ ନୁହେଁ, ସାମଗ୍ରିକ ଭାବରେ ମହିଳାଙ୍କ ସାମାଜିକ ଓ ଆର୍ଥିକ ବିକାଶ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଇଥିଲେ । ଯୌତୁକ ରାକ୍ଷସ କବଳରୁ ନାରୀକୁ ସୁରକ୍ଷା ଦେବାପାଇଁ ସେ ବିବାହ ଖର୍ଚ୍ଚକୁ ୨୫ ହଜାର ଟଙ୍କାରେ ସୀମିତ ରଖିବା ପାଇଁ ଜାରି କରିଥିଲେ ନିର୍ଦ୍ଦେଶନାମା । ମହିଳା ହିଂସା ରୋକିବା ଲକ୍ଷ୍ୟରେ ତାଙ୍କରି ସମୟରେ ମହିଳା ଥାନା ପ୍ରତିଷ୍ଠା ସହିତ ଗଠନ ହୋଇଥିଲା ମହିଳା ଆୟୋଗ । ନାରୀମାନଙ୍କ ଗୁରୁତ୍ୱ ତଥା ମର୍ଯ୍ୟାଦା ବୃଦ୍ଧି ପାଇଁ ସ୍କୁଲ କଲେଜରେ ପିଲାଙ୍କ ନାମଲେଖା ବେଳେ ବାପାଙ୍କ ନାମ ସହିତ ମା'ଙ୍କ ନାମ ଲେଖାଗଲା ଏବଂ ବୋର୍ଡ ସାର୍ଟିଫିକେଟରେ ବାଧ୍ୟତାମୂଳକ ଭାବରେ ଉଲ୍ଲେଖ ରହିଲା ମା'ଙ୍କ ନାଁ । ଜମି ପଟାରେ ବି ଉଲ୍ଲେଖ ରହିଲା ଉଭୟ ସ୍ୱାମୀ ଓ ସ୍ତ୍ରୀର ନାମ । ସରକାରୀ ଚାକିରି କ୍ଷେତ୍ରରେ ମହିଳାଙ୍କ ପାଇଁ ରଖିଲେ ୩୦ ଶତାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ସହିତ କୋହଳ କରାଗଲା ବୟସ ସୀମା । ଆଦିବାସୀ ମହିଳାଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବା ପାଇଁ ବୃଦ୍ଧି ପାଇଲା ସର୍ବନିମ୍ନ ମଜୁରି ହାର । ମହିଳାଙ୍କ ଆର୍ଥିକ ବିକାଶ ପାଇଁ ପ୍ରତିଷ୍ଠା ହେଲା ମହିଳାବ୍ୟାଙ୍କ ।

କ୍ରୀଡ଼ା ବିକାଶ ପାଇଁ ବିଜୁବାବୁ ବିଜୁବାବୁଙ୍କ ଅବଦାନ ଅନେକ । ୧୯୯୩ ମସିହାରେ ବିଜୁଙ୍କ ଉଦ୍ୟମରେ ଗଠନ ହେଲା ଓଡିଶା ମହିଳା ଫୁଟବଲ ଦଳ । ମହିଳାମାନଙ୍କ ମଦ ବିରୋଧୀ ଆନ୍ଦୋଳନ ପ୍ରତି ବିଜୁବାବୁଙ୍କର ଥିଲା ଦୃଢ଼ ସମର୍ଥନ । କୋରାପୁଟର ସୁମନୀ ଝୋଡ଼ିଆ, ଅନ୍ଧାରୀ ମାଝି ଓ ସବାଇ ମାଝି ନାମକ ତିନିଜଣ ମହିଳାଙ୍କୁ ନିଜର ରାଜନୈତିକ ପରାମର୍ଶଦାତା ସହ ରାଜନୀତିରେ ବିଜୁବାବୁ ଥିଲେ ରୋକ୍ ଠୋକ୍ ଓ ବେପରୁଆ । ଆଜିକାଲି ନେତାଙ୍କ ପରି ଜୟଧର୍ମକୁ ସେ ରାଜଧର୍ମ ଭାବରେ ଗ୍ରହଣ କରୁ ନ ଥିଲେ; ଭୋଟ ହାତେଇବା ପାଇଁ ସ୍ୱର୍ଗରୁ ଚାନ୍ଦ ତୋଳି ଆଣିବାର ପ୍ରତିଶ୍ରୁତି ବି ଦେଉ ନ ଥିଲେ । ଦୁର୍ବାର ଦୁଃସାହସ ମଧ୍ୟରେ ଦେଶ ଓ ଜାତିକୁ ଆଗକୁ ନେବା ଥିଲା ତାଙ୍କର ରାଜନୈତିକ ଆଦର୍ଶର ମୂଳକଥା । କ୍ଷମତା ହାତେଇବା ନିଶାରେ ଦେଶର ସ୍ୱାର୍ଥକୁ ବଳି ଦେବାର ଯେଉଁ ହୀନମନ୍ୟତା ଏବର ନେତାମାନଙ୍କୁ ଗ୍ରାସ କରିଛି, ବିଜୁବାବୁ ଥିଲେ ତାହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ । ତାଙ୍କ ନିର୍ବାଚନ ପ୍ରଚାରରେ ସ୍ଲୋଗାନ ନ ଥିଲା, ଅଭିସନ୍ଧି ନ ଥିଲା କି ମିଛ ପ୍ରତିଶ୍ରୁତି ନ ଥିଲା । ସେଥିପାଇଁ ବିଜୁଙ୍କ ଶିଖରସ୍ପର୍ଶୀ ଦର୍ପିତ ବ୍ୟକ୍ତିତ୍ୱ ନିକଟରେ ସାମ୍ପ୍ରତିକ ଭାରତୀୟ ରାଜନୀତିର ପ୍ରତିଷ୍ଠିତ ରାଜନେତାମାନେ ବି ଖର୍ବକାୟ ଦିଶନ୍ତି ।

ବିଜୁଙ୍କ ଜୀବନ ଓ ଓଡ଼ିଶାର ରାଜନୈତିକ ଚେତନାର ମୂଳପିଣ୍ଡ ସମ୍ପୂର୍ଣ୍ଣ ଓତଃପ୍ରତ । ସମଗ୍ର ରାଜ୍ୟ ଥିଲା ତାଙ୍କ ନଖ ଦର୍ପଣରେ । ଓଡିଶାର ପ୍ରାୟ ଏମିତି କୌଣସି ଅଞ୍ଚଳ ନାହିଁ, ଯେଉଁଠି ବିଜୁବାବୁଙ୍କ ପାଦ ପଡ଼ିନାହିଁ । ଓଡିଶାରେ ପ୍ରାୟ ଏମିତି କେହି ଲୋକ ନାହିଁ, ଯିଏ ବିଜୁବାବୁଙ୍କ ନାଁ ଶୁଣି ନାହିଁ । କ୍ଷମତାରେ ସେ ବେଶୀ ଦିନ ନ ଥିଲେ, ମାତ୍ର ଜଣେ ସ୍ୱର୍ଦ୍ଦିତ ଜାତିପ୍ରାଣ ଜନନାୟକ ଭାବରେ ସେ ଚିରକାଳ ଲୋକଙ୍କ ହୃଦୟରେ ଅଛନ୍ତି ଓ ଚିରକାଳ ରହିବେ, ଏଥିରେ ସନ୍ଦେହ ନାହିଁ । ■

ମୋ: ୬୩୭୧୬୪୨୪୬୪

# କିମ୍ବଦନ୍ତୀ ପୁରୁଷ

■ ଡ. ହିମାଂଶୁ ଆଚାର୍ଯ୍ୟ

ପ୍ରବାଦପୁରୁଷ କହିଲେ ଯଥେଷ୍ଟ ହେବ ନାହିଁ । ଝଡ଼ର ଇଗଲ ଓ ମାଟିର ମୂର୍ତ୍ତିକାର ବି ପର୍ଯ୍ୟାପ୍ତ ନୁହେଁ ତାଙ୍କୁ ସାମଗ୍ରିକ ଭାବେ ଚିତ୍ରିତ କରିବାରେ । ଜୀବନ ସାରା ନଜିର ପରେ ନଜିର ସୃଷ୍ଟି କରିବାରେ ହିଁ ତାଙ୍କର ରେକର୍ଡ଼ । ଜୀବଦଶାରେ ଯିଏ ସୃଷ୍ଟି କରିଥିଲେ ରାଜନୀତିରେ ଚହଳ ପରେ ଚହଳ, ମୃତ୍ୟୁର ୨୯ ବର୍ଷ ପରେ ବି ସେଇ ପ୍ରବାଦପୁରୁଷ ପାଲଟିଛନ୍ତି ସମସ୍ତଙ୍କର କେନ୍ଦ୍ରବିନ୍ଦୁ । ୧୯୯୭ ମସିହା ଏପ୍ରିଲ ୧୭ ତାରିଖ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷକୁ ଶୋକାକୁଳରେ ଭରିଦେଇଥିଲା ତାଙ୍କରି ବିୟୋଗ । ନବୀନ ନିବାସରୁ ସ୍ୱର୍ଗଦ୍ୱାର ଅଗଣିତ ଶୋକାକୁଳ ଜନତାର ଅଭିନବ ଶୋଭାଯାତ୍ରା, ଲୁହ ଆଉ କୋହର ଏକ ମର୍ମଭେଦୀ ଉଚ୍ଛ୍ୱାସ୍ । ସେ ହେଉଛନ୍ତି ବିଜୟାନନ୍ଦ ପଟ୍ଟନାୟକ, ସବୁରି ପ୍ରିୟ ବିଜୁ ପଟ୍ଟନାୟକ, ଆମ ବିଜୁବାବୁ, ଜଣେ ଆଜୀବନ ମହାନାୟକ ।

ବିଜୁବାବୁ ନାଁ ଟି ଶୁଣିଲେ ମନରେ ହୃତ୍‌କମ୍ପ ସୃଷ୍ଟି ହୁଏ । ବଙ୍କିମ୍‌ଚନ୍ଦ୍ରଙ୍କ 'ବନ୍ଦେମାତରଂ', ସୁଭାଷ ବୋଷଙ୍କ 'ଜୟହିନ୍ଦ', କହିବା ପରି ଏକ ସ୍ୱରରେ ବିଜୁ ପଟ୍ଟନାୟକ ନାଁଟି କହିଦେଲେ ମନରେ କାହିଁକି ଉନ୍ମାଦନା ଆସେ । ବିଜୁପଟ୍ଟନାୟକ ଏକାଧାରରେ ଥିଲେ ବିଶିଷ୍ଟ ରାଜନୀତିଜ୍ଞ, ଦୁଃସାହସିକ ବୈମାନିକ, ଦୂରଦର୍ଶୀ ଶିଳ୍ପପତି, ଉଚ୍ଚକୋଟୀର କ୍ରୀଡାବିତ୍, ଦକ୍ଷକ୍ରୀଡା ସଙ୍ଗଠକ, ଦେଶଭକ୍ତ ସଂଗ୍ରାମୀ, ଓଡିଶା ଏବଂ ଭାରତର ଜଣେ ଅଦ୍ୱିତୀୟ ନେତା । ଜୀବନ ସଂଗ୍ରାମରେ ସେ କେବେ ଭାଙ୍ଗିପଡୁ ନଥିଲେ ଜୟ-ପରାଜୟ ଭିତରେ ଓ ସବୁକୁ ଖେଳୁଆଡ ମନୋଭାବରେ ଗ୍ରହଣ କରୁଥିଲେ ।

ରାଜନୀତି କ୍ଷେତ୍ରରେ ବିଜୁପଟ୍ଟନାୟକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ୧୯୪୭ ରୁ ୧୯୯୭ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଓଡିଶାର ତଥା ବିଭିନ୍ନ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିଥିଲେ ।୧୯୬୧ରୁ ୧୯୬୩ ମସିହା ପର୍ଯ୍ୟନ୍ତ ସେ ଓଡିଶାର ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଆରମ୍ଭ କରିଥିଲେ ନିର୍ମାଣ ଯୁଗ । ପାରାଦ୍ୱୀପ ବନ୍ଦର ଏକ୍ସପ୍ରେସ୍ ହାଇୱେ, ସୁନାବେଡା ମିଗ୍ ବିମାନ କାରଖାନା, ବାଲିମେଳା ଡ୍ୟାମ ଓ ବରଗଡ ସିମେଣ୍ଟ କାରଖାନା ନିର୍ମାଣ କରି ସେ ନବ ଓଡ଼ିଶାର ଗଠନ ପ୍ରକ୍ରିୟା ଆରମ୍ଭ କରିଥିଲେ । ସମ୍ବଲପୁର ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ରାଉରକେଲା ଇଞ୍ଜିନିୟରିଙ୍ଗ କଲେଜ, ସୈନିକ ସ୍କୁଲ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଓ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇ ଓଡ଼ିଶାରେ ବୈଷୟିକ ଓ ଯାନ୍ତ୍ରିକଶିକ୍ଷା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ ହୋଇଥିଲା । ୧୯୯୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ଥର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଆରମ୍ଭ କରିଥିଲେ ତ୍ରିସ୍ତରୀୟ ପଞ୍ଚାୟତି ବ୍ୟବସ୍ଥା । ପ୍ରଶାସନକୁ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ସେ ୧୩ ଟି ଜିଲ୍ଲାକୁ ୩୦ଟି ଜିଲ୍ଲାରେ ପରିଣତ କରିଥିଲେ । ମୁଖ୍ୟମନ୍ତ୍ରୀ ଥିବା ବେଳେ ଏକ ଟଙ୍କା ଦରମା ନେଇ ସେ ନିଆରା ବ୍ୟକ୍ତିତ୍ୱର ପ୍ରମାଣ ଦେଇଥିଲେ । ପୁଣି ରିକ୍ସାରେ ବସି ବା କେବେ ସାଇକେଲ ଚଢ଼ି ସେ ସଚିବାଳୟକୁ ଆସି ଭିନ୍ନ ଏକ ଉଦାହରଣ ସୃଷ୍ଟି କରିଥିଲେ ।

ବିଜୁ ପଟ୍ଟନାୟକ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ନିଜ ଜୀବନକୁ ପାଣି ଛଡାଇ ଡଚ୍ ସେନାବାହିନୀ ଦ୍ୱାରା କବଳିତ ଇଣ୍ଡୋନେସିଆର ତତ୍କାଳୀନ ରାଷ୍ଟ୍ରପତି ସୁକର୍ଣ୍ଣ, ପ୍ରଧାନମନ୍ତ୍ରୀ ଶାହାରିଆର ଓ ଉପ-ରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଦିଲ୍ଲୀକୁ ବିମାନ ଯୋଗେ ନେଇ ଆସିଥିଲେ । କୃତଜ୍ଞ ରାଷ୍ଟ୍ରପତି ସୁକର୍ଣ୍ଣ ତାଙ୍କୁ ପ୍ରାୟ ୫୦୦କୋଟି ଟଙ୍କାର ଉପହାର ସହଇଣ୍ଡୋନେସିଆର ସର୍ବୋଚ୍ଚ ସମ୍ମାନ ଭୂମିପୁତ୍ର ଉପାଧି ପ୍ରଦାନ କରିଥିଲେ । ସେବେବେଳର ୫୦୦ କୋଟି ଟଙ୍କା, ଏବେ କେତେ ହେବ ତାହା କଳ୍ପନାତୀତ । ମାତ୍ର ବିଜୁବାବୁ ଟଙ୍କାଟିଏ ବି ଗ୍ରହଣ କରିବାକୁ ମନା କରିଦେଇଥିଲେ ।ଏପରି ବଦାନ୍ୟତା ପୃଥିବୀ ଇତିହାସରେ ବିରଳ ।

ଛାତ୍ରାବସ୍ଥାରେ କଟକରୁ ପେଶାୱାର ସାଇକେଲରେ ଯାତ୍ରା, ପୋଲିସ୍ କର୍ଡନ୍ ଭାଙ୍ଗି ଗାନ୍ଧୀଙ୍କୁ ଦେଖିବାପାଇଁ ଯିବାବେଳେ ପୋଲିସ ଏସ୍.ପି.ହାରଗ୍ରୀଭ୍‌ଙ୍କଠାରୁ ଲାଠିମାଡ ଖାଇବା ଘଟଣା ତାଙ୍କ ଦୁଃସାହସିକତାର ନମୁନା ମାତ୍ର । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବଡଲାଟ୍ ୱାଭେଲ୍‌ଙ୍କ ପାଇଲଟ୍ ଥାଇ ସୁଦ୍ଧା ପୋଲିସ ଆଖିରେ ଧୂଳି ଦେଇ ଜୟପ୍ରକାଶ ନାରାୟଣ , ଅରୁଣା ଆଶଫ୍‌ଅଲ୍ଲୀ ଓ ରାମମନୋହର ଲୋହିଆଙ୍କୁ ନିରାପଦ ସ୍ଥାନରେ ପହଞ୍ଚାଇବା ତାଙ୍କ ଦୁଃସାହସିକତାର ଆଉ ଏକ ପରିଚୟ । ୧୯୬୨ ରେ ଚୀନ୍ ଭାରତ ଆକ୍ରମଣ ସମୟରେ ସେନାମାନଙ୍କୁ ସହାୟତାରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ ।

ଜଣେ ଓଡିଆ ଭାବେ ନିଜକୁ ପରିଚୟ ଦେଇ ସେ ଗର୍ବ ଅନୁଭବ କରିଥିଲେ । ସେଥିପାଇଁ ସେ କଳିଙ୍ଗ ଏୟାରଲାଇନ୍‌ସ, କଳିଙ୍ଗ ଟାଇଲ୍‌ସ ଓ କଳିଙ୍ଗପୁରସ୍କାର ଆଦି ପ୍ରତିଷ୍ଠା କରିଥିଲେ ।ଏହି କଳିଙ୍ଗ ପୁରସ୍କାର ଓଡିଶାକୁ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥିଲେ । ବାସ୍ତବିକ୍ ମଧୁବାବୁଙ୍କ ପରେ ଓଡିଆର ଟେକ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ସେ ହିଁ ଥିଲେ ଦ୍ୱିତୀୟ ବ୍ୟକ୍ତି । ବିଜୁ ପଟ୍ଟନାୟକ ଥିଲେ ଜଣେ ଉଚ୍ଚକୋଟୀର କ୍ରୀଡାବିତ୍ ଓ ଦକ୍ଷ ସଂଗଠକ । ୧୯୩୦ ଦଶକରେ ସେ ଓଡିଶାର ଖ୍ୟାତନାମା ଫୁଟବଲ ଖେଳାଳୀ ମଧ୍ୟରେ ଜଣେ ଥିଲେ । ତାଙ୍କ ସମୟରେ ସେ ପୋଲଭୋଲ୍ଟରେ ସେ ସମୟରେ ସର୍ବଶ୍ରେଷ୍ଠ କ୍ରୀଡାବିତ୍ ଥିଲେ । ୧୯୬୧-୬୨ ରେ କଟକରେ ପ୍ରଥମ ସର୍ବଭାରତୀୟ କଳିଙ୍ଗ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ସେ ଆରମ୍ଭ କରିଥିଲେ । ଓଡିଶାରୁ ପ୍ରଥମ ବ୍ୟକ୍ତି ଭାବେ ୧୯୬୪ ମସିହାରେ ବିଜୁ ପଟ୍ଟନାୟକ ଭାରତର ବାସ୍କେଟବଲ୍ ସଂଘର ସଭାପତି ପଦ ମଣ୍ଡନ କରିଥିଲେ ।ଏଥିସହିତ ଆଜି ରାଜ୍ୟ ମହିଳା ଫୁଟବଲ ଦଳ ସଫଳତାର ଯେଉଁ ଶୀର୍ଷରେ ପହଞ୍ଚିଛି, ତାହା ପଛରେ ରହିଛି ତାଙ୍କ ପ୍ରଚେଷ୍ଟାର ଫଳଶ୍ରୁତି । ଭାରତୀୟ ରାଜନୀତିରେ ସେ ଥିଲେ 'ଟଲ୍ ମ୍ୟାନ' । କେବଳ ଉଚ୍ଚତା ନୁହେଁ, ରାଜନୈତିକ ଉଚ୍ଚତାରେ ବି ସେ ଥିଲେ ଅନ୍ୟମାନଙ୍କଠାରୁ ଉଚ୍ଚରେ । ସ୍ୱାଧୀନତା ଆନ୍ଦୋଳନରୁ ଆରମ୍ଭ କରି ଭାରତର ସୁରକ୍ଷା ଓ ଅଖଣ୍ଡତା କ୍ଷେତ୍ରରେ ତାଙ୍କର ଅବଦାନ ତାଙ୍କୁ ଜଣେ କିମ୍ବଦନ୍ତୀ ମଣିଷ କରିଥିଲା । ■

**ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର**
**ମୋ : ୯୩୩୭୨୨୧୯୨୪**












# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-289 ♦FRIDAY ♦17 APRIL 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୮୯ ♦ଶୁକ୍ରବାର ♦୧୭ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ମେସୀଙ୍କ ବିରୋଧରେ ଠକେଇ ଅଭିଯୋଗ



■ ମିଆମି, ୧୬।୪ (ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଫୁଟବଲ ଖେଳାଳି ଲିଓନେଲ ମେସିଙ୍କ ବିରୋଧରେ ଠକେଇ ଅଭିଯୋଗ ଆସିଛି। ଫିଫା ବିଶ୍ୱକପ୍ ଚାମ୍ପିଅନ ଆର୍ଜେଣ୍ଟିନାର ମେସି ଗତବର୍ଷ ୭ ନିୟୁତ ଆମେରିକୀୟ ଡଲାର ବଦଳରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଖେଳିବାକୁ କରିଥିବା ରାଜିନାମାର ଉଲ୍ଲଙ୍ଘନ କରିଛନ୍ତି। ମିଆମି -ଡାଡେ କୋର୍ଟରେ ମେସି ଓ ଆର୍ଜେଣ୍ଟିନା ଫୁଟବଲ ସଂଘ ନାମରେ ଏକ ଠକେଇ ଓ ରାଜିନାମା ଉଲ୍ଲଙ୍ଘନ କରିଥିବା ଅଭିଯୋଗରେ ଏକ ପ୍ରମୋଟର ସଂସ୍ଥା ଏହି ମକଦ୍ଦମା କରିଛି। ଉଭୟ ମେସି ଓ ତାଙ୍କ ଦେଶର ସଂଘ ଏଯାଏ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି। ମେସି ଏବେ ବହୁ ଅଧିକ ଅର୍ଥରେ ଇଣ୍ଟର ମିଆମି ପକ୍ଷରୁ ଆମେରିକାର ମେଜର ଲିଗ୍ ଫୁଟବଲ ଖେଳୁଛନ୍ତି। ସେ ମଧ୍ୟ ଆର୍ଜେଣ୍ଟିନା ପକ୍ଷରୁ ଖେଳୁଛନ୍ତି। ମକଦ୍ଦମାରୁ ମିଳିଥିବା ତଥ୍ୟ ଅନୁଯାୟୀ ମେସି ଓ ଆର୍ଜେଣ୍ଟିନା ଟିମ୍ ପ୍ରତିଦ୍ୱନ୍ଦ୍ୱୀ ଭେନେଜୁଏଲା ସହ ଏକ ପ୍ରଦର୍ଶନୀ ମ୍ୟାଚ୍ ପୁଏର୍ଟୋରିକେରେ ଖେଳିବାର ଥିଲା। ଏହି ମ୍ୟାଚ୍ ଆୟୋଜିତ ହୋଇଥିଲେ ମଧ୍ୟ ମେସି ଏଠାରେ ଖେଳି ନ ଥିଲେ, କିନ୍ତୁ ପାଭିଲିୟନରେ ବସି ଖେଳ ଦେଖିଥିଲେ। କିନ୍ତୁ ଏହାର ପରଦିନ ସେ ଇଣ୍ଟର ମିଆମି ପକ୍ଷରୁ ଖେଳି ୨ଟି ଓ କିଛିଦିନ ପରେ ପୁଏର୍ଟୋରିକୋ ବିପକ୍ଷରେ ଖେଳି ୨ଟି ଗୋଲ ଦେଇଥିଲେ। ସେ ଫିଟ୍ ଥିଲେ ମଧ୍ୟ ମ୍ୟାଚ୍ ନ ଖେଳିବାରୁ ତାଙ୍କ ବିରୋଧରେ ଠକେଇ ଓ ରାଜିନାମା ଉଲ୍ଲଙ୍ଘନ ଅଭିଯୋଗରେ ଏହି କମଦ୍ଦମା କରାଯାଇଛି।








# ୮୪୦୦ ବୋତଲ କଫ୍‌ସିରପ ଜବତ

ଭୁବନେଶ୍ୱର, ୧୬।୪(ସମିସ): ଗୁଜୁରାଟ ପର୍ଯ୍ୟନ୍ତ ଲମ୍ବିଛି ରାଜ୍ୟରେ ନିଶା ପାଇଁ ବ୍ୟବହାର ହେଉଥିବା କଫ୍‌ସିରପ୍‌ର ଚେର। ଗୁଜୁରାଟର ଅହମ୍ମଦାବାଦରୁ କଫ୍‌ସିରପ ଆସୁଛି ଓଡ଼ିଶାରେ ବିକ୍ରି ହେଉଛି। ଏକ ଅନ୍ତଃରାଜ୍ୟ ରାଜ୍ୟ ଗ୍ୟାଙ୍ଗ୍ ଏହି କାରବାରକୁ ଅପରେଟ୍ କରୁଛି। ବିଭିନ୍ନ ଲଜିଷ୍ଟିକ୍ ଅପରେଟରଙ୍କ ଦ୍ୱାରା ପରିଚାଳିତ କଣ୍ଟେନର ଟ୍ରକ୍‌ରେ

- ଏସ୍‌ଟିଏଫ ଓ ଡ୍ରଗ୍ କଣ୍ଟ୍ରୋଲରଙ୍କ ମିଳିତ ଚଢ଼ଉ
- ଆସିଥିଲା ଗୁଜୁରାଟରୁ, ଯାଇଥାନ୍ତା ବାଲେଶ୍ୱର

କଫ୍‌ସିରପ୍ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଉଛି। ଏଗୁଡ଼ିକୁ ରଖିବାକୁ ଲଜିଷ୍ଟିକ୍ ସଂସ୍ଥାର ୱେୟାର ହାଉସ୍‌କୁ ବ୍ୟବହାର କରାଯାଉଛି। ଫଳରେ କଫ୍‌ସିରପ ପରିବହନ ସମ୍ପର୍କରେ କେହି ଟେର୍ ପାଇ ପାରୁ ନାହାନ୍ତି। ଦେଶର ଅନ୍ୟତମ ବୃହତ୍ତମ ଲଜିଷ୍ଟିକ୍ ସଂସ୍ଥାର ୱେୟାର୍ ହାଉସରେ ଏସ୍‌ଟିଏଫ୍ ଚଢ଼ଉ ପରେ ବିପୁଳ ପରିମାଣର 'ରେକ୍ସକଫ୍' କଫସିରପ ଜବତ କରିଛି।

ଶନିବାର ଫୁଲନଖରାସ୍ଥିତ ଭିଆର୍‌ଏଲ୍ ଲଜିଷ୍ଟିକ୍ ଉପରେ ଡ୍ରଗ୍ କଣ୍ଟ୍ରୋଲର ଏବଂ ଏସ୍‌ଟିଏଫ୍‌ର ମିଳିତ ଚଢ଼ଉରେ ୭୦ ପେଟି କଫ୍‌ସିରପ ଜବତ କରାଯାଇଛି। ଯେଉଁଥିରୁ ୮୪୦୦ଟି କଫ୍‌ସିରପ ବୋତଲ ରହିଥିବା ଜଣାପଡ଼ିଛି। ଏହି କଫ୍‌ସିରପ ଗୁଜୁରାଟର ଅହମଦାବାଦ୍‌ରୁ ଆସିଥିଲା। ବାଲେଶ୍ୱର ପର୍ଯ୍ୟନ୍ତ ଯାଇଥାନ୍ତା ବୋଲି ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ମୁତାବକ, କିଛିଦିନ ତଳେ ଏକ କଣ୍ଟେନର ବୋଝେଇ ଟ୍ରକ୍ ଅହମ୍ମଦାବାଦ୍‌ରୁ ଉକ୍ତ ୱେୟାର୍ ହାଉସକୁ ଆସିଥିଲା। ଏଥିରୁ ୭୦ଟି ପେଟି ଏଠାରେ ଅନ୍‌ଲୋଡ୍ ହୋଇଥିଲା। କିଛି ସପ୍ତାହ ଧରି ଏହି ପେଟି ଗୁଡ଼ିକ ଏଠାରେ ପଡ଼ି ରହିଥିଲା। ଏସ୍‌ଟିଏଫ୍‌କୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ ଏଠାରେ ନିଶା ପାଇଁ ବ୍ୟବହୃତ ବେଆଇନ୍ କଫ୍‌ସିରପ୍ ଗଚ୍ଛିତ ରହିଛି।

ଏଣୁ ଡ୍ରଗ୍ କଣ୍ଟ୍ରୋଲର ସହାୟତାରେ ଏସ୍‌ଟିଏଫ୍ ଏଠାରେ ଚଢ଼ଉ କରିଥିଲା। ଡ୍ରଗ୍ କଣ୍ଟ୍ରୋଲର ଏତଲା ଆଧାରରେ ଏସ୍‌ଟିଏଫ୍ ୭/୨୬ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଛି। କିଏ ଏହି ପେଟିଗୁଡ଼ିକୁ ଅହମ୍ମଦାବାଦ୍‌ରୁ ମଗାଇଥିଲା। ବାଲେଶ୍ୱରର ଜିଲ୍ଲାର କେଉଁ ବ୍ୟକ୍ତି ପାଖକୁ ଏହି କଫ୍‌ସିରପ୍ ଯାଇଥାନ୍ତା। ବାଟରେ ଆଉ କିଏ ଏହାକୁ ନେଇଥାନ୍ତା। ଭିଆର୍‌ଏଲ୍ ଲଜିଷ୍ଟିକ୍‌ର କଣ ଭୂମିକା ରହିଛି। ଏସମ୍ପର୍କରେ ଏସ୍‌ଟିଏଫ୍ ଖୋଳତାଡ଼ ଜାରି ରଖିଛି।



ରାଜ୍ୟରେ ନିଶା ବ୍ୟବହୃତ କଫ୍‌ସିରପଗୁଡ଼ିକର ଅବାଧ ବିକ୍ରି ଉପରେ ବ୍ୟାନ୍ ରହିଛି। ହେଲେ ରାଜ୍ୟର ନିଶାଡ଼ିଙ୍କ ମଧ୍ୟରେ ଏହି କଫ୍‌ସିରପ୍‌ର ଚାହିଦା ବେଶ ଅଧିକ। ଏଣୁ ଏକ ଅନ୍ତଃରାଜ୍ୟ ରାକେଟ୍ ଓଡ଼ିଶାକୁ ନିୟମିତ ଭାବେ ଏହି କଫ୍‌ସିରପ ଯୋଗାଇଆସୁଥିଲେ। ଏହି ଅନ୍ତରାଜ୍ୟ ଗ୍ୟାଙ୍ଗ୍‌ରେ ରାଜ୍ୟ ବାହାର ସଦସ୍ୟଙ୍କ ସମେତ ଓଡ଼ିଶାର କିଛି ନିଶା ବେପାରୀ ସାମିଲ ଥିବା ଜଣାପଡ଼ିଛି।

# ଷ୍ଟାଫ୍ ନର୍ସଙ୍କୁ ଦୁଷ୍କର୍ମ; ଇଞ୍ଜିନିୟର ଗିରଫ

ଭୁବନେଶ୍ୱର, ୧୬।୪ (ସମିସ): ରାଜଧାନୀରେ ପୁଣି ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବିବାହ ପ୍ରତିଶ୍ରୁତି ଦେଇ ଷ୍ଟାଫ୍ ନର୍ସଙ୍କୁ ଦୁଷ୍କର୍ମ କରିଛି ପ୍ରେମିକ। କେବଳ ଦୁଷ୍କର୍ମ କରିନାହିଁ; ଔଷଧ ଦେଇ ଗର୍ଭ ନଷ୍ଟ ମଧ୍ୟ କରିଛି। ପୀଡ଼ିତା ଏନେଇ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ କରିଛି ପୁଲିସ। ଅନୁଗୁଳ ଜିନ୍ଦଲରେ ଚଢ଼ଉ କରି ଇଞ୍ଜିନିୟରକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜିନ୍ଦଲ ନଗର ଟାଉନସିପରେ ରହୁଥିବା କେନ୍ଦୁଝର ହରିଚନ୍ଦନପୁରର ସ୍ୱଦେଶ ସ୍ୱରୂପ ବଳ (୩୧)।



- ଫେସବୁକରୁ ହୋଇଥିଲା ପରିଚୟ
- ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଅଭିଯୋଗ
- ଔଷଧ ଦେଇ ଗର୍ଭ ନଷ୍ଟ କରିଥିଲା ପ୍ରେମିକ

ମଧ୍ୟରେ ସ୍ୱଦେଶ ତାଙ୍କୁ ବିଭିନ୍ନ ଲଜକୁ ନେଇ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲା।

ଏହାରି ଭିତରେ ଗତ ଜାନୁଆରୀ ମାସରେ ଯୁବତୀ ଜଣକ ଗର୍ଭବତୀ ହୋଇ ଯାଇଥିଲେ। ଏହି ବିଷୟରେ ଜାଣିବା ପରେ ସ୍ୱଦେଶ ତାଙ୍କୁ ଔଷଧ ଦେଇଥିଲା। ଫଳରେ ତାଙ୍କ ଗର୍ଭ ନଷ୍ଟ ହୋଇ ଯାଇଥିଲା। ଏହାପରେ ସ୍ୱଦେଶର ପରିବାର ଯୁବତୀଙ୍କ ଘରକୁ ଯାଇ ବିବାହ ପ୍ରସ୍ତାବ ଦେଇଥିଲେ। ଭୁବନେଶ୍ୱରର ଏକ ହୋଟେଲରେ ଉଭୟଙ୍କ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସ୍ୱଦେଶ ମଧ୍ୟ ରେଜିଷ୍ଟ୍ରି ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇ ପୁଣି ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ନିକଟରେ ସ୍ୱଦେଶ ବିଶାଖାପାଟଣା ଯାଇଥିବା ବେଳେ ଯୁବତୀ ତାଙ୍କୁ କଲ୍ କରିଥିଲେ। ସ୍ୱଦେଶ ତାଙ୍କୁ ବିବାହ କରିବାକୁ ସିଧାସଳଖ ମନା କରିଦେବା ସହ ଧମକଚମକ ଦେଇଥିଲା। ଏଥିସହିତ ସମସ୍ତ ସାମାଜିକ ଗଣମାଧ୍ୟମ ଓ ମୋବାଇଲ ନମ୍ବରକୁ ବ୍ଲକ କରି ଦେଇଥିଲା।

ପୁଲିସ ସୂଚନା ଅନୁସାରେ, କନ୍ଧମାଳ ଜିଲ୍ଲାର ଜଣେ ଯୁବତୀ ରାଜଧାନୀରେ ଏକ ଘରୋଇ ହସ୍ପିଟାଲରେ ଷ୍ଟାଫ୍ ନର୍ସ ଭାବେ ଚାକିରି କରିଛନ୍ତି। ୨୦୨୩ ମସିହାରେ ଫେସବୁକ ମାଧ୍ୟମରେ ସ୍ୱଦେଶ ସହ ତାଙ୍କର ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ସ୍ୱଦେଶ ତାଙ୍କୁ ହଷ୍ଟେଲରୁ ଆଇଜି ପାର୍କ ନେଇଥିଲା ଓ ସେଠାରୁ ଏକ ଲଜକୁ ନେଇ ଯାଇଥିଲା। ଲଜରେ ରହଣି ସମୟରେ ଯୁବତୀଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିଲା। ଏହାର ପରଦିନ ବିବାହ କରିବାକୁ ପ୍ରତିଶ୍ରୁତି ଦେବା ସହ ହଷ୍ଟେଲରେ ଆଣି ଛାଡ଼ି ଦେଇଥିଲା। ପ୍ରେମ ସମ୍ପର୍କରେ ରହିବା

ପ୍ରତାରଣାର ଶିକାର ହେବାପରେ ଯୁବତୀ ଜଣକ ଇନଫୋସିଟି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଯୁବତୀଙ୍କ ବୟାନ ରେକର୍ଡ କରିବା ସହ ଡାକ୍ତରୀମାଇନା କରିଥିଲା। ବୁଧବାର ଜିନ୍ଦଲ ଟାଉନସିପରେ ଚଢ଼ଉ କରି ସ୍ୱଦେଶକୁ ଉଠାଇ ଆଣିଥିଲା। ଗୁରୁବାର ଡାକ୍ତରୀମାଇନା ପରେ ସ୍ୱଦେଶକୁ କୋର୍ଟ ଚାଲାଣ କରିଛି ପୁଲିସ।

# ବାଇକ୍ ଚୋରକୁ ବର୍ଷେ ଜେଲ୍

- ଚୋରି ଟଙ୍କା ଭାଗବଣ୍ଟାରୁ ସାଙ୍ଗକୁ ହତ୍ୟା
- ବିଚାରାଧୀନ ରହିଛି ହତ୍ୟା ମାମଲା

ଭୁବନେଶ୍ୱର, ୧୬।୪ (ସମିସ): ଭରତପୁର ଥାନା ଅଞ୍ଚଳରେ ଘଟିଥିବା ଏକ ବାଇକ୍ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଜେଏମ୍‌ଏଫସି-୫ର ବିଚାରପତି ଇତିଶ୍ରୀ ମହାପାତ୍ର ଏହି ମାମଲାର ବିଚାରକରି ଆସାମୀ ନରହରି ନାୟକକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ବାଇକ୍ ଚୋରିର ଟଙ୍କା ଭାଗ ବଣ୍ଟାକୁ ନେଇ ହୋଇଥିବା ଝଗଡ଼ାରୁ ସାଙ୍ଗ କୈଳାସ ନାୟକକୁ ହତ୍ୟା କରିଥିଲା ନରହରି।

ପୁଲିସ ସୂଚନାନୁସାରେ, ଭରତପୁର ଗ୍ରିଲ୍ ଦୋକାନ ଗଳିରେ ରହୁଥିବା ହିମାଂଶୁ ପ୍ରଧାନ ଗତବର୍ଷ ଜୁଲାଇ ୧୭ ତାରିଖ ରାତିରେ ଘର ସାମ୍ନାରେ ଗାଡ଼ି ପାର୍କିଂ କରିଥିଲେ। ବିଳମ୍ବିତ ରାତିରେ କୈଳାସ ଓ ନରହରି ମିଶି ହିମାଂଶୁଙ୍କ ବାଇକ୍ ଚୋରି କରିଥିଲେ। ସକାଳୁ ଗାଡ଼ି ନ ପାଇ ହିମାଂଶୁ ଭରତପୁର ଥାନାରେ ଏତଲା ଦେବାପରେ ଭରତପୁର ଥାନା କେସ ନଂ-୩୯୫/୨୫ରେ ବିଏନଏସ୍ ଧାରା-୩୦୩(୨) ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ସବ୍-ଇନ୍ସପେକ୍ଟର ପ୍ରଶାନ୍ତ ମହାରଣା ଘଟଣାର ତଦନ୍ତ କରି ନରହରିକୁ ଗିରଫ କରିବା ସହ ତା' ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ଅଦାଲତ ଘଟଣା ସହିତ ସମ୍ପୃକ୍ତ ସାକ୍ଷୀଙ୍କ ଜବାନବନ୍ଦି ଓ ପ୍ରାସଙ୍ଗିକ ଦସ୍ତାବିଜ ଆଧାରରେ ମାମଲାର ବିଚାରକରି ହରିହରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଏନଏସ୍ ଧାରା-୩୦୩(୨) ଅନୁଯାୟୀ ୧ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୨ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୩ ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରୋସିକ୍ୟୁଟର ରାଜଲକ୍ଷ୍ମୀ ନାୟକ ଏହି ମାମଲାକୁ ପରିଚାଳନା କରୁଥିଲେ।

ସେପଟେ ଗାଡ଼ି ଚୋରି କରିବା ପରେ ଅର୍ଥାତ୍ ଜୁଲାଇ ୧୭ ତାରିଖ ରାତିରେ ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ନରହରି ଓ କୈଳାସ ମଧ୍ୟରେ ସାଙ୍ଘାତିକ ଝଗଡ଼ା ହୋଇଥିଲା। ନରହରି ରାଗିଯାଇ ପ୍ରଥମେ କୈଳାସଙ୍କୁ ଆକ୍ରମଣ କରିଥିଲା। କୈଳାସ ତଳେ ପଡ଼ିଯିବା ପରେ ନରହରି ପାଖରେ ଥିବା ସିମେଣ୍ଟ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। କୈଳାସ ମୃତ୍ୟୁବରଣ କରିବା ପରେ ନରହରି ଚୋରା ବାଇକ ନେଇ ଫେରାର ହୋଇ ଯାଇଥିଲା। କୈଳାସଙ୍କ ମାଆ ବେବିନା ନାୟକଙ୍କ ଅଭିଯୋଗ ଆଧାରରେ ଭରତପୁର ଥାନା ପୁଲିସ ହତ୍ୟା ମାମଲା ରୁଜୁ କରିଥିଲା। ହତ୍ୟା ମାମଲାର ଚାର୍ଜସିଟ୍ ଦାଖଲ ହୋଇ ସାରିଥିବା ବେଳେ ତାହା ଏବେ ଅଦାଲତରେ ବିଚାରାଧୀନ ରହିଛି।

## ଆଇପିଏସ୍‌ଙ୍କ ଘରୋଇ ସହାୟିକାଙ୍କ ଝିଅ ନିଖୋଜ ଘଟଣା

# ରାଜଧାନୀରୁ ଅପହରଣ; ପୁରୀରେ ବିବାହ

ଭୁବନେଶ୍ୱର, ୧୬।୪ (ସମିସ): ଆଇପିଏସଙ୍କ ଘରୋଇ ସହାୟିକାଙ୍କ ଝିଅ ନିଖୋଜ ଘଟଣାରେ ପୁଲିସକୁ ସଫଳତା ମିଳିଛି। ଅଭିଯୋଗର ୩୬ ଘଣ୍ଟା ଭିତରେ ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ପିପିଲି ଥାନା ବ୍ରହ୍ମପୁରର ମହେଶ୍ୱର ପରିଡ଼ା (୨୪)। ପ୍ରେମ ସମ୍ପର୍କରୁ ଅପହରଣ ପରେ ବେଆଇନ୍ ଭାବେ ବିବାହ କରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

- ବ୍ରହ୍ମଗିରିରୁ ଉଦ୍ଧାର; ଅଭିଯୁକ୍ତ ଗିରଫ
- ବାଲ୍ୟବିବାହ ନିଷେଧ ଆଇନରେ ମାମଲା

ପୁଲିସ ସୂଚନାନୁସାରେ, ଡେଲଟା ଅଞ୍ଚଳରେ ରହୁଥିବା ମହିଳା ଜଣେ ଆଇପିଏସଙ୍କ ଘରେ ସହାୟିକା ଭାବେ କାମ କରନ୍ତି। ଗତ ସୋମବାର ଅପରାହ୍ଣରେ ତାଙ୍କ ଝିଅ ଫାୟାର ଷ୍ଟେସନ ଛକରେ ଥିବା କୋଚିଂ ସେଣ୍ଟରକୁ ଯାଇ ଆଉ ଫେରିନଥିଲେ। ଏନେଇ ମହିଳା ଜଣକ ନୂଆପଲ୍ଲୀ ଥାନାରେ ଏତଲା ଦେବାପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ନାବାଳିକା ଜଣକ କୋଚିଂ ସେଣ୍ଟରରେ ପହଞ୍ଚିବା ପରେ ସେଠାରେ ସାଇକେଲ ଓ ବ୍ୟାଗ୍ ଛାଡ଼ି ଦେଇ ବରମୁଣ୍ଡା ଆଡ଼କୁ ପଳାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଥିଲା। ପୁଲିସ ବୈଷୟିକ ବିଶ୍ଳେଷଣ ମାଧ୍ୟମରେ ସୂଚନା ପାଇ ଗତକାଲି ବିଳମ୍ବିତ ରାତିରେ ବ୍ରହ୍ମଗିରି ଥାନା ଅନ୍ତର୍ଗତ ପଞ୍ଚୁକ ଗାଁରେ ଚଢ଼ଉ କରିଥିଲା। ସେଠାରୁ ନାବାଳିକାକୁ ଉଦ୍ଧାର କରିବା ସହ ମହେଶ୍ୱରକୁ ଉଠାଇ ଆଣିଥିଲା। ଉଭୟଙ୍କୁ ପଚରାଉଚରା କରିବା ପରେ ଘଟଣା ପଦାକୁ ଆସିଥିଲା।



ମହେଶ୍ୱର ମଧ୍ୟ ନାବାଳିକାର ଘର ପାଖାପାଖି ରହୁଥିବା ବେଳେ ସିଆରପି ଛକରେ ଥିବା ଏକ ଜୁସ୍ ଦୋକାନରେ କାମ କରୁଥିଲା। ସେଠାରେ ରହଣି କାଳରେ ମହେଶ୍ୱର ସମ୍ପୃକ୍ତ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇଥିଲା। ନାବାଳିକାଙ୍କ ପରିବାର ଲୋକଙ୍କ ବିରୋଧ ସତ୍ତ୍ୱେ ମହେଶ୍ୱର ବର୍ଷେ ହେବ ସମ୍ପର୍କରେ ରହିଥିଲା। ଘର ଛାଡ଼ି ତା' ସହ ପଳାଇଯିବାକୁ ମହେଶ୍ୱର ପ୍ରବର୍ତ୍ତାଇଥିଲା ଗତ ସୋମବାର ଅପରାହ୍ଣରେ ନାବାଳିକା କୋଚିଂ ସେଣ୍ଟରରେ ସାଇକେଲ ଓ ବ୍ୟାଗ୍ ଛାଡ଼ି ମହେଶ୍ୱର ସହ ଭଡ଼ା ଗାଡ଼ିରେ ପଳାଇଥିଲେ। ମହେଶ୍ୱର ତାଙ୍କୁ ପୁରୀ ନେଇଯିବା ସହ ସେଠାକାର ଏକ ମନ୍ଦିରରେ ବେଆଇନ ଭାବେ ବିବାହ କରିଥିଲା। ପ୍ରଥମରୁ ଅପହରଣ ମାମଲା ରୁଜୁ କରିଥିବା ନୂଆପଲ୍ଲୀ ଥାନା ପୁଲିସ ନାବାଳିକାର ବୟାନ ଆଧାରରେ ଦଫା ଯୋଡ଼ିଛି। ବିଏନ୍‌ଏସ୍ ଧାରା - ୧୩୭(୨), ୮୭, ୧୨୭(୩) ଓ ବାଲ୍ୟବିବାହ ନିଷେଧ ଆଇନର ଧାରା ୯ରେ ମାମଲା ରୁଜୁ କରିଛି।

# ଗାଡ଼ି ଜବତ; ଜାଲ୍ ନମ୍ବର ପ୍ଲେଟ୍ ବ୍ୟବହାରକାରୀ ଗିରଫ



ଭୁବନେଶ୍ୱର, ୧୬।୪(ସମିସ): ଚାଲାଣରୁ ବଞ୍ଚିବାକୁ ଅନ୍ୟ ଜଣଙ୍କ ନମ୍ବର ପ୍ଲେଟ୍‌କୁ ନିଜ ଗାଡ଼ିରେ ବ୍ୟବହାର କରିବା। ଏହା ସହ ଟ୍ରାଫିକ୍ ନିୟମକୁ ଉଲ୍ଲଙ୍ଘନ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପୁରୀ ଜିଲ୍ଲା ସତ୍ୟବାଦୀ ଥାନା ଘାଷିଭବାନୀପୁର ଗ୍ରାମର ମଳୟରଞ୍ଜନ ଜେନା। ସେ ଭୁବନେଶ୍ୱରରେ ୟୁନିଟ୍-୨ ଅଞ୍ଚଳରେ ରହୁଥିଲେ। ଜାଲ୍ ନମ୍ବର ପ୍ଲେଟ୍ ଲଗା ବାଇକ୍‌କୁ ପୁଲିସ ଜବତ କରିଛି।

ମିଳିଥିବା ସୂଚନା ମୁତାବକ, ଧରଣୀଧର ଦାସଙ୍କ ଏକ ଗ୍ଲାମୋର ଗାଡ଼ି (ଓଡ଼ି୦୨ବିଜେ୬୪୨୦) ରହିଛି। ଧରଣୀଧର ବିନା ହେଲମେଟ୍‌ରେ ଗାଡ଼ି ଚାଳନା କରୁଥିଲେ ବୋଲି ତାଙ୍କ ନାମରେ ଏକ ହଜାର ଟଙ୍କାର ଇ-ଚାଲାଣ କଟିଥିଲା। ଯାହାକୁ ଦେଖି ଧରିଣୀଧର ତାଜୁବ୍ ହୋଇଥିଲେ। ସେ ନିୟମିତ ହେଲମେଟ୍ ପିନ୍ଧନ୍ତି, ଏହା କିଭଳି ହେଲା ବୋଲି ସେ ଜାଣିବାକୁ ଚେଷ୍ଟା କରିଥିଲେ। ଚାଲାଣ ଫଟୋରୁ କିଛି ସମୟ ପରେ ଜଣାପଡ଼ିଥିଲା ନମ୍ବର ପ୍ଲେଟ୍ ସମାନ ଥିଲେ ମଧ୍ୟ ଗାଡ଼ି ଅଲଗା। ତାଙ୍କ ଗାଡ଼ିରେ ଲାଗିଥିବା ନମ୍ବର ପ୍ଲେଟ୍‌ର ନକଲକୁ ଅନ୍ୟ କେହି ବ୍ୟବହାର କରୁଛି। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଟ୍ରାଫିକ୍ ନିୟମ

**ଚାଲାଣରୁ ବଞ୍ଚିବା ପାଇଁ ରଚିଥିଲା କାରସାଦୀ**

ଉଲ୍ଲଙ୍ଘନ କରୁଛି। ହେଲେ ଧରଣୀଧରଙ୍କ ନାମରେ ଚାଲାଣ ଆସୁଛି। କ୍ୟାପିଟାଲ ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା।

ସିସିଟିଭି କ୍ୟାମେରାରେ ସବୁ କାରନାମା ଧରାପଡ଼ିଯାଇଥିଲା। ସୋର୍ କମ୍ପାନୀ ଛକ ଠାରରେ ପୁଲିସ ତାଙ୍କୁ ଠାବ କରିବାରେ ସକ୍ଷମ ହୋଇଥିଲା। ପରେ ସେଠାରୁ ତାଙ୍କୁ ଗିରଫ କରାଯାଇ ବାଇକ୍‌କୁ ଜବତ କରାଯାଇଥିଲା। ତେବେ ଚାଲାଣରୁ ବଞ୍ଚିବା ପାଇଁ ନିଜ ନମ୍ବର ପ୍ଲେଟ୍‌ଟିକୁ ହଟାଇ ଅନ୍ୟ ଜଣଙ୍କ ନମ୍ବର ପ୍ଲେଟ୍ ଲଗାଇ ଦେଇଥିଲେ ବୋଲି ସ୍ୱୀକାର କରିଛନ୍ତି।

# ଖରା ପାଇଁ ସ୍କୁଲ୍ ସମୟର ପରିବର୍ତ୍ତନ କରିବାକୁ ଦାବି

ଭୁବନେଶ୍ୱର, ୧୬।୪(ସମିସ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ସମୟ ପରିବର୍ତ୍ତନ ପାଇଁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଦାବି କରାଯାଇଛି। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ କହିଛନ୍ତି ଯେ, ସକାଳ ୧୦ଟା ପରେ ଟାଣଖରାରେ ଘରୁ ବାହାରିବା କଷ୍ଟକର ହେଉଛି। ଏପରିସ୍ଥଳେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ତରଫରୁ ଚଳିତ ମାସ ୨ ତାରିଖରୁ ସକାଳ ୬ ଟା ୩୦ ମିନିଟ୍‌ରୁ ୧୦ ଟା ୩୦ ମନିଟ୍ ପର୍ଯ୍ୟନ୍ତ ସ୍କୁଲ ସମୟ ସ୍ୱିରିକୃତ କରାଯାଇଛି। କିନ୍ତୁ ଦିନ ୧୦ଘଟିକା ପରଠାରୁ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଆରମ୍ଭହୋଇଯାଉଛି। ଏଭଳି ପରିସ୍ଥିତିରେ ଦିନ ୧୦ଘଣ୍ଟା ୩୦ ମିନିଟ୍‌ରେ ବିଦ୍ୟାଳୟକୁ ଛୁଟି କରାଗଲେ ଛାତ୍ରଛାତ୍ରୀମାନେ ଘରକୁ ଫେରିବା ବେଳକୁ ଅଂଶୁଘାତ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଗ୍ରୀଷ୍ମପ୍ରବାହକୁ ନେଇ ସରକାର ପୂର୍ବରୁ ଘୋଷଣା କରିଥିବା ସମୟର ପୁନର୍ବିଚାର କରି ନିର୍ଘଣ୍ଟ ସମୟରେ ପରିବର୍ତ୍ତନ ଆଣିବା ପାଇଁ ଓଡ଼ିଶା ଓଷ୍ଟା ପକ୍ଷରୁ କୁହାଯାଇଛି। ଓଷ୍ଟା ପକ୍ଷରୁ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜ କିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

# ବିୟୁଟିଙ୍କୁ ଚାଉଳିଆଗଞ୍ଜ, ମୌସୁମୀଙ୍କୁ ମହିଳା ଥାନା

ଭୁବନେଶ୍ୱର, ୧୬।୪ (ସମିସ): କମିସନରେଟ ପୁଲିସର ଇନ୍ସପେକ୍ଟର ସ୍ତରରେ ପୁଣି ଏକ ଅଦଳବଦଳ ହୋଇଛି। ବାରଙ୍ଗ ଥାନାର ଅତିରିକ୍ତ ଥାନା ଅଧିକାରୀ ମୌସୁମି ମହାନ୍ତିଙ୍କୁ କଟକ ମହିଳା ଥାନା ଅଧିକାରୀ ଭାବେ ବଦଳି ହୋଇଛି। କଟକ ମହିଳା ଥାନା ଅଧିକାରୀ ବିୟୁଟି ମହାନ୍ତିଙ୍କୁ ଚାଉଳିଆଗଞ୍ଜ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ସେହିପରି ଚାଉଳିଆଗଞ୍ଜ ଥାନା ଅଧିକାରୀ ଚିନ୍ତେଶ୍ୱର ମୁଣ୍ଡାଙ୍କୁ କଟକ ଡିସିପି ଅଫିସକୁ ବଦଳି କରାଯାଇଛି।

ପ୍ରକାଶଥାଉକି ଗତକାଲି ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର ଡିସିପି ଅଫିସର ଏସିପି ମାନସ ରଞ୍ଜନ ପ୍ରଧାନଙ୍କୁ ଜୋନ୍ ୬ ଏସିପି ଭାବରେ ଅବସ୍ଥାପିତ କରାଯାଇଛି। ସେହିପରି କ୍ୟାପିଟାଲ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ନିରଞ୍ଜନ ବେହେରାଙ୍କୁ ବାରଙ୍ଗ ଥାନା ଅଧିକାରୀ ଭାବେ ଦାୟିତ୍ୱ ମିଳିଛି। ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର କୁମାର ବିଶ୍ୱାଳଙ୍କୁ ଖାରବେଳ ନଗର ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସିପି ଅଫିସରେ କାର୍ଯ୍ୟରତ ଇନ୍ସପେକ୍ଟର ତପନ କୁମାର ନାୟକଙ୍କୁ କ୍ୟାପିଟାଲ ଥାନାକୁ ବଦଳି କରାଯାଇଥିଲା।

# 'ବିଶ୍ୱାସ' ଗଡୁଛି ଅଳିଆ ଗଦାରେ

**ଭକ୍ତଙ୍କ ଭାବାବେଗ ସହିତ ଖେଳ**

ଭୁବନେଶ୍ୱର, ୧୬।୪(ସମିସ): ଆପଣ ଭକ୍ତିର ସହ ମାନସିକ ରଖି ଘଟଗାଁ ତାରିଣୀଙ୍କ ପୀଠକୁ ନଡ଼ିଆଟିଏ ପଠାଇଥାନ୍ତି। କିନ୍ତୁ ସେସବୁ ନଡ଼ିଆ କେଉଁ ଅବସ୍ଥାରେ ପଡ଼ି ରହୁଛି ଆପଣ ଜାଣିବାକୁ ଚେଷ୍ଟା କରିଛନ୍ତି କି? ଏସବୁ ନଡ଼ିଆଗୁଡ଼ିକ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପଛପଟେ ଥିବା ଅଳିଆ ଗଦାରେ ପଡ଼ି ରହିଥିବା ଦେଖିବାକୁ ମିଳିଛି।

ରାଜଧାନୀକୁ ରାଜ୍ୟର କୋଣ ଅନୁକୋଣରୁ ବସ୍ ଆସୁଛି। ଏହି ବସ୍ ଯୋଗେ ମାନସିକ ପୂରଣ ପାଇଁ ଘଟଗାଁ ପୀଠକୁ ଶ୍ରଦ୍ଧାଳୁମାନେ ନଡ଼ିଆ ପଠାଇଥାନ୍ତି। ବସ୍‌ଗୁଡ଼ିକ ଭୁବନେଶ୍ୱର, କଟକ ଦେଇ କେନ୍ଦୁଝର ଯାଇଥାଏ। ହେଲେ ବରମୁଣ୍ଡ ବସଷ୍ଟାଣ୍ଡରେ କିଛି ମାନସିକ ନଡ଼ିଆ ଅଳିଆ ଗଦା ଭିତରେ ପଡ଼ିରହିଛି ତ ଆଉ କିଛି ନଡ଼ିଆ ରାସ୍ତା କଡ଼ରେ ଗଡୁଛି। ଘଟଗାଁକୁ ନଡ଼ିଆ ପଠାଇବା ପାଇଁ ବରମୁଣ୍ଡାରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏଠାରେ ତାରିଣୀ ଟ୍ରଷ୍ଟ ତରଫରୁ ବିଶାଳ ହୁଣ୍ଡି ରଖାଯାଇଛି। ସାରା ରାଜ୍ୟରୁ ଆସୁଥିବା ନଡ଼ିଆଗୁଡ଼ିକ ଏହି ହୁଣ୍ଡିରେ ରଖାଯାଏ। ପରବର୍ତ୍ତୀ ସମୟରେ ଏହି ନଡ଼ିଆକୁ ଘଟଗାଁକୁ ପଠାଯାଏ। ହେଲେ ପ୍ରକୃତରେ ବାସ୍ତବ ଚିତ୍ର କିଛି ଅଲଗା ରହିଛି। ବରମୁଣ୍ଡାରେ ଯେଉଁ ସ୍ଥାନରେ ହୁଣ୍ଡି ରଖାଯାଇଛି। ସେହି ହୁଣ୍ଡି ଚାରିପଟେ କୁଢ଼ କୁଢ଼ ଅଳିଆ ଗଦା ହେବା ସହ ଲୋକମାନେ ପରିସ୍ରା ଆଦି କରୁଛନ୍ତି।




ଫଳରେ ଏହି ସ୍ଥାନରେ ଦୁର୍ଗନ୍ଧରେ ଫାଟି ପଡୁଛି।

ଏହିପରି ମଧ୍ୟ ରସୁଲଗଡ଼ ତାରିଣୀ ମନ୍ଦିର ଓ ଶୈଳେଶ୍ରୀ ବିହାର ତାରିଣୀ ମନ୍ଦିରରେ ମଧ୍ୟ ନଡ଼ିଆ ପଠାଯିବାର ବ୍ୟବସ୍ଥା ରହିଛି। ହେଲେ ବିଭିନ୍ନ ସମୟରେ ନଡ଼ିଆ ଯାଉ ନ ଥିବା ଓ ରାସ୍ତା ପାର୍ଶ୍ୱରେ ଏସବୁ ପଡ଼ି ପଡ଼ି ନଷ୍ଟ ହୋଇଯାଉଥିବା ଶ୍ରଦ୍ଧାଳୁମାନେ ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦାମାନେ କୁହନ୍ତି ଜଣେ ଲୋକ ତାର ମାନସିକ ପୂରଣ ହେଲା ପରେ ନଡ଼ିଆ ପଠାଇଥାଏ ନହେଲେ ମାନସିକ ଆଗରୁ ନଡ଼ିଆ ଦିଏ। ଏହି ମାନସିକ ନଡ଼ିଆକୁ ଏମିତି ପକାଯିବା କଥା ନୁହେଁ।

## ନଡ଼ିଆରୁ ଦକ୍ଷିଣା ଚୋରି

ଭୁବନେଶ୍ୱରବାସୀ ମାନସିକ ରଖି ବିଶ୍ୱାସର ସହ ତାରିଣୀ ପୀଠକୁ ନଡ଼ିଆ ପଠାଇଥାନ୍ତି। ନଡ଼ିଆ ସହିତ ଶ୍ରଦ୍ଧାଳୁ ଦକ୍ଷିଣା ବାବଦରେ ଟଙ୍କା ପଠାଇଥାନ୍ତି। ସେଗୁଡ଼ିକ ନଡ଼ିଆ ସହି ବନ୍ଧା ଯାଇଥାଏ। କିନ୍ତୁ ସମୟକ୍ରମରେ ନଡ଼ିଆରେ ଥିବା ସାଲୁରୁ ଦକ୍ଷିଣା ବାବଦରେ ଅର୍ଥ ବାହାର କରି ନେଉଛନ୍ତି କିଛି ଦୁର୍ବୃତ୍ତ। ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଆଗରେ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଗଦା ଯାଇଥିବା ନଡ଼ିଆରୁ ବିଭିନ୍ନ ସମୟରେ ଦକ୍ଷିଣା ଅର୍ଥ ଖୋଲି ନେଉଥିବା ଅଭିଯୋଗ ହେଉଛି। ତେବେ ଅନ୍ଧାରିଆ ଭାବେ ପଡ଼ି ରହିଥିବା ନଡ଼ିଆ ଗଦାରୁ ଏଭଳି ଟଙ୍କା ଚୋରି କରିବା ସହଜ ହେଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି।

ଏହା ସହିତ ଶ୍ରଦ୍ଧାଳୁଙ୍କ ଭାବାବେଗ ଯୋଡ଼ି ହୋଇ ରହିଛି। ସେମାନେ ଭାବିଥିବେ ଏହି ନଡ଼ିଆ ମା ତାରିଣୀଙ୍କ ପାଖରେ ପହଁଚୁଛି। ହେଲେ ଏ ନଡ଼ିଆ କିନ୍ତୁ ମା ଙ୍କ ପାଖକୁ ନଯାଇ ରାସ୍ତାରେ କେଉଁଠି ଅଳିଆ ଗଦାରେ ତ ଆଉ କେଉଁଠି ରାସ୍ତାକଡ଼ରେ ଗଡୁଛି। ଏହାକୁ ପ୍ରଶାସନ ଦୃଷ୍ଟି ଦେବା ଅବଶ୍ୟକ ଏବଂ ହୁଣ୍ଡି ରଖିଥିବା ଟ୍ରଷ୍ଟ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ସେମାନେ କହିଛନ୍ତି।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-289 ♦FRIDAY ♦17 APRIL 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୮୯ ♦ଶୁକ୍ରବାର ♦୧୭ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଜଳୁଛି ପଶ୍ଚିମ

### ତାତି ଟପିଲା ୪୩ ଡିଗ୍ରୀ

ଟିଟିଲାଗଡ଼ରେ ତାପମାତ୍ରା ୪୩. ୭ ଡିଗ୍ରୀ

୪୦ ଡିଗ୍ରୀ ଉପରେ ୧୪ ସହର ତାପମାତ୍ରା

୨୨ ତାରିଖ ଯାଏଁ ଭୀଷଣ ତାତି ଓ ଗୁଳୁଗୁଳି

■ ଭୁବନେଶ୍ୱର, ୧୬।୪ (ସମିସ): ରାଜ୍ୟରେ ବଢ଼ିଚାଲିଛି ତାତି। ଦୁଇ ଦିନ ମଧ୍ୟରେ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଗୁରୁବାର ଟିଟିଲାଗଡ଼ରେ ତାପମାତ୍ରା ୪୩.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ଓ ଦେଶର ଷଷ୍ଠ ଉତ୍ତପ୍ତ ସହର



ପାଲଟିଛି। ଟିଟିଲାଗଡ଼ ତଳକୁ ଝାରସୁଗୁଡ଼ାରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ସମ୍ବଲପୁରରେ ୪୨.୨, ହୀରାକୁଦରେ ୪୨.୨, ଭବାନୀପାଟଣାରେ ୪୨.୨, ବଲାଙ୍ଗିରରେ ୪୨.୨, ରାଉରକେଲାରେ ୪୧.୬, ସୁନ୍ଦରଗଡ଼ ୪୧.୫, ଓ ନୂଆପଡ଼ାରେ ୪୧ ଡିଗ୍ରୀ ସହ ମୋଟ୍ ୧୪ ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ରାଜ୍ୟରେ ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ଆହୁରି ୨-୩ ଡିଗ୍ରୀ ବଢ଼ିବା ନେଇ ଆଶଙ୍କା କରାଯାଉଛି ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୪୫ ଡିଗ୍ରୀ ଛୁଇଁବା ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ୭ ଦିନିଆ ବୁଲେଟିନ୍‌ରେ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଭୀଷଣ ତାତି ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେବା ନେଇ ପୂର୍ବାନୁମାନ କରାଯାଇଛି।

## ଆସିଲା ମହିଳା ସଂରକ୍ଷଣ ଓ ସୀମା ପୁନଃନିର୍ଦ୍ଧାରଣ (ସମ୍ବିଧାନ ସଂଶୋଧନ) ବିଲ୍

# ସଂସଦରେ ସରକାର-ବିରୋଧୀ ମୁହାଁମୁହିଁ



- ସୀମା ପୁନଃନିର୍ଦ୍ଧାରଣ ଏବେ କରାନଯାଉ: ବିରୋଧୀ
- କୌଣସି ରାଜ୍ୟ ପ୍ରତି ଅନ୍ୟାୟ ହେବନାହିଁ: ସରକାର
- ମହିଳା ସଂରକ୍ଷଣକୁ ନେଇ ରାଜନୀତି କରା ନ ଯାଉ
- ଆଜି ମତଦାନ, ସଂଶୋଧନ ପାଇଁ ଅଙ୍କକଷା ଆରମ୍ଭ

■ ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ବିରୋଧୀ ଦଳଙ୍କ ପ୍ରତିବାଦ ମଧ୍ୟରେ କେନ୍ଦ୍ର ସରକାର ଆଜି ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିଛନ୍ତି। ମହିଳା ସଂରକ୍ଷଣ ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ସଂକ୍ରାନ୍ତ ଏହି ବିଲକୁ ନେଇ ଆଜି ସଂସଦରେ ମୁହାଁମୁହିଁ ହୋଇଛନ୍ତି ସରକାର ଏବଂ ବିରୋଧୀ। ମହିଳା ଆସନ ସଂରକ୍ଷଣ ବିଲକୁ ସୀମା ପୁନଃନିର୍ଦ୍ଧାରଣ ଠାରୁ ଅଲଗା କରିବା ପାଇଁ ବିରୋଧୀ ଦଳ ଦାବି କରିବା ସହିତ ଅଭିଯୋଗ କରିଛନ୍ତି ଯେ ମହିଳାଙ୍କ ନାମରେ ସରକାର କ୍ଷମତାସୀନ ଦଳକୁ ଫାଇଦା ପହଞ୍ଚାଇବା ଲାଗି ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଗତ କରିଛନ୍ତି। ବିରୋଧୀ କହିଛନ୍ତି ଯେ ସେମାନେ ମହିଳା ସଂରକ୍ଷଣ ବିଲକୁ ସମର୍ଥନ କରୁଛନ୍ତି। କିନ୍ତୁ ସୀମା ପୁନଃନିର୍ଦ୍ଧାରଣ ବିଲକୁ ସମର୍ଥନ କରିବେ ନାହିଁ। କାରଣ ଏହା ଯେ କେବଳ ଶାସକ ଦଳକୁ ଫାଇଦା ଦେବ ତାହା ନୁହେଁ, ଦକ୍ଷିଣ ଭାରତ ରାଜ୍ୟ ସମେତ ଅନେକ ଛୋଟ ଛୋଟ ରାଜ୍ୟମାନଙ୍କର ପ୍ରତିନିଧିତ୍ୱ କମିଯିବ। ଅନ୍ୟପକ୍ଷରେ ସରକାର ଏହି ଆଶଙ୍କା ଦୂର କରିବାକୁ ଯାଇ କହିଛନ୍ତି ଯେ କୌଣସି ରାଜ୍ୟର କ୍ଷତି ହେବନାହିଁ। ସମସ୍ତ ରାଜ୍ୟରେ ଲୋକସଭା ସଭ୍ୟସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି ପାଇବ।

ସମ୍ବିଧାନ ସଂଶୋଧନ ବିଲ୍ ଆଗତ ହେବାପରେ ଏହା ଉପରେ ଆଜି ସଂସଦରେ ସରଗରମ ଆଲୋଚନା ଚାଲିଥିବା ବେଳେ ହସ୍ତକ୍ଷେପ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଲେ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା କାହାର କ୍ଷତି ହେବନାହିଁ, ସରକାର ଗ୍ୟାରେଣ୍ଟି ଦେଉଛନ୍ତି। ଛୋଟ ରାଜ୍ୟ ହୁଅନ୍ତୁ କି ବଡ଼ ରାଜ୍ୟ କାହା ପ୍ରତି ଅନ୍ୟାୟ ହେବନାହିଁ। ମହିଳା ସଂରକ୍ଷଣ ବିଲକୁ ରାଜନୈତିକ ରୂପ ନଦେବା ଲାଗି ▶ପୃଷ୍ଠା-୭

## ସୀମା ନିର୍ଦ୍ଧାରଣ ବିଲ୍‌କୁ ପୋଡ଼ିଲେ ଷ୍ଟାଲିନ୍



■ ଚେନ୍ନାଇ, ୧୬।୪ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ବିଲ୍‌କୁ ବିରୋଧ କରି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ଆଜି ଏକ ବଡ଼ ଧରଣର ପ୍ରତିବାଦ କରିଛନ୍ତି। କେନ୍ଦ୍ରର ଏହି ପଦକ୍ଷେପକୁ ଷ୍ଟାଲିନ୍ 'ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ' ବୋଲି ଅଭିହିତ କରିବା ସହ ରାଜ୍ୟବ୍ୟାପୀ ଆନ୍ଦୋଳନର ଡାକରା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ସୀମା ନିର୍ଦ୍ଧାରଣ ସମ୍ପର୍କିତ 'ସମ୍ବିଧାନ (୧୩୧ତମ ସଂଶୋଧନ) ବିଲ୍, ▶ପୃଷ୍ଠା-୭

## ଭାରତକୁ ତେଲ ଝଟ୍‌କା

### ରୁଷ, ଇରାନରୁ ଆମଦାନୀ ଉପରୁ ଛାଡ଼ ହଟାଇଲା ଆମେରିକା




■ ୱାଶିଂଟନ/ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ରୁଷ ଏବଂ ଇରାନରୁ ତେଲ କ୍ରୟ ପାଇଁ ଦିଆଯାଇଥିବା ସାମୟିକ କୋହଳ ବ୍ୟବସ୍ଥା ଅବଧିକୁ ଆଉ ବଢ଼ାଇବ ନାହିଁ ଆମେରିକା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘୋଷଣା କରିଛନ୍ତି। ଆମେରିକାର ଏହି କଡ଼ା ଆଭିମୁଖ୍ୟ ଯୋଗୁଁ ଭାରତ ପ୍ରଭାବିତ ହେବାକୁ ଯାଉଛି।

ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଣ୍ଟ୍ ସୂଚନା ଦେଇଛନ୍ତି ଯେ, ମାର୍ଚ୍ଚ ୧୧ ପୂର୍ବରୁ ସମୁଦ୍ର ମାର୍ଗରେ ଥିବା ତେଲ କିଣିବା ଲାଗି ଯେଉଁ ଅନୁମତି ପ୍ରଦାନ କରାଯାଇଥିଲା, ତାର ଅବଧି ଶେଷ ହୋଇଛି। ଆମେରିକା ଏବେ ଇରାନ ଉପରେ ଅର୍ଥନୈତିକ କ୍ରୋଧ ନୀତି ଆପଣାଇବାକୁ ଯାଉଛି। ଯଦି କୌଣସି ଦେଶ ଇରାନରୁ ତେଲ କ୍ରୟ କରେ କିମ୍ବା ଇରାନର ଅର୍ଥ ନିଜ ବ୍ୟାଙ୍କରେ ରଖେ, ତେବେ ଆମେରିକା ସେହି ଦେଶ ଉପରେ କଠୋର ଆର୍ଥିକ କଟକଣା ଜାରି କରିବ। ବିଶ୍ୱର ଅନ୍ୟତମ ବୃହତ୍ତମ ଅଶୋଧିତ ତେଲ ଆମଦାନୀକାରୀ ଦେଶ ଭାବେ ଭାରତ ପାଇଁ ଏହା ଝଟକା ହୋଇଛି। ଦୀର୍ଘ ୭ ବର୍ଷ ପରେ ଗତ ସପ୍ତାହ ଭାରତ, ଇରାନରୁ ୪୦ ଲକ୍ଷ ବ୍ୟାରେଲ ତେଲ ଆମଦାନୀ କରିଥିଲା। ମାତ୍ର ▶ପୃଷ୍ଠା-୭

## ଦଳ, ମତ ନିର୍ବିଶେଷରେ ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି

# ଓଡ଼ିଶାର ସ୍ୱାର୍ଥ ପାଇଁ ଏକାଠି ହେବା: ନବୀନ

■ ଭୁବନେଶ୍ୱର, ୧୬।୪ (ସମିସ): ସଂସଦରେ ଆଗତ ୧୩୧ ତମ ସମ୍ବିଧାନ ସଂଶୋଧନ ବିଲ୍ ଯୋଗୁଁ ଓଡ଼ିଶା ବହୁଭାବରେ କ୍ଷତିଗ୍ରସ୍ତ ହେବ। ଜାତୀୟସ୍ତରରେ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ ହ୍ରାସ ପାଇବ। ରାଜ୍ୟକୁ ଅନୁଦାନ ଓ ପାଣ୍ଠି କମିବ। ତେଣୁ ରାଜ୍ୟର ଏକ ସହସ୍ରାଂଶ ସ୍ୱାର୍ଥହାନୀ ନ ହେବା ପରି ପଦକ୍ଷେପ ନେବା ଲାଗି ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଚିଠି ଲେଖିଥିଲେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଏହି ପ୍ରସଙ୍ଗରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ୪୮ ଘଣ୍ଟା ମଧ୍ୟରେ ଡ଼ାକିବାକୁ ମଧ୍ୟ ଅନୁରୋଧ କରିଥିଲେ। ଆଜି ପୁଣି ନବୀନ ଏହି ପ୍ରସଙ୍ଗରେ ଦଳମତ ନିର୍ବିଶେଷରେ ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖିଛନ୍ତି। ୧୩୧ତମ ସମ୍ବିଧାନ ସଂଶୋଧନ ବିଧେୟକରେ ଯେପରି ଓଡ଼ିଶାର ସ୍ୱାର୍ଥ, ସମ୍ମାନ ହାନି ନ ହେବ ସେଥିପାଇଁ ଯତ୍ନବାନ ହେବା, ଏହି ପ୍ରସଙ୍ଗରେ ସଂସଦ ଭିତରେ ଓ ବାହାରେ ଏକଜୁଟ୍ ହୋଇ ସ୍ୱର ଉତ୍ତୋଳନ ପାଇଁ ନବୀନ ରାଜ୍ୟର ସମସ୍ତ ସାଂସଦଙ୍କୁ ଚିଠି ଲେଖିଛନ୍ତି।



- ୧୩୧ତମ ସମ୍ବିଧାନ ସଂଶୋଧନ ବିଲ୍ ଦ୍ୱାରା କ୍ଷତିଗ୍ରସ୍ତ ହେବ ଓଡ଼ିଶା
- ଲୋକସଭାରେ ୩.୪ ପ୍ରତିଶତକୁ ହ୍ରାସ ପାଇବ ଓଡ଼ିଶାର ପ୍ରତିନିଧିତ୍ୱ
- ଆର୍ଥିକ ଭାବେ କ୍ଷତି ସହିବ ଓଡ଼ିଶା, ଉପକୃତ ହେବେ ଅନ୍ୟ ରାଜ୍ୟ
- ବିପୁଳ ରାଜସ୍ୱ ପ୍ରଦାନ ସତ୍ତ୍ୱେ ଓଡ଼ିଶାକୁ ମିଳୁନି ସ୍ୱତନ୍ତ୍ର ପାହ୍ୟା ମାନ୍ୟତା

ପ୍ରସ୍ତାବିତ ସଂଶୋଧନ ରାଜନୈତିକ, ଭାବନାତ୍ମକ ଓ ସାଂସ୍କୃତିକ ତଥା ଆର୍ଥିକ ଭାବରେ ଓଡ଼ିଶାକୁ କ୍ଷତିଗ୍ରସ୍ତ କରିପାରେ ବୋଲି ଆଶଙ୍କା ବ୍ୟକ୍ତ କରି ନବୀନ ନିଜ ଚିଠିରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ମହିଳା ସଂରକ୍ଷଣ ସହ ସୀମା ନିର୍ଦ୍ଧାରଣ ବା ଡିଲିମିଟେସନକୁ ଯୋଡ଼ିବା ଦ୍ୱାରା ଓଡ଼ିଶାର ରାଜନୈତିକ ସ୍ୱାର୍ଥ କ୍ଷତିଗ୍ରସ୍ତ ହୋଇପାରେ ବୋଲି ନବୀନ ସତର୍କ କରାଇଛନ୍ତି। ସଂସଦରେ ଆଗତ ଏହି ସମ୍ବିଧାନ ସଂଶୋଧନ ବିଲ ଦ୍ୱାରା ଯଦି ଓଡ଼ିଶାର ପ୍ରତିନିଧିତ୍ୱ କୌଣସି ମତେ ପ୍ରଭାବିତ ନ ହୁଏ; ତେବେ ଏହି ସଂଶୋଧନକୁ ବିଜେଡ଼ି ସମର୍ଥନ କରିବ ବୋଲି ନବୀନ ସ୍ପଷ୍ଟ କରିଛନ୍ତି। ବିଜେଡି ସଭାପତି ଭାବରେ ନୁହେଁ; ବରଂ ଓଡ଼ିଶାର ଜଣେ ସାଧାରଣ ନାଗରିକ ଭାବରେ ରାଜ୍ୟର ଦୀର୍ଘକାଳୀନ ସ୍ୱାର୍ଥ, ମର୍ଯ୍ୟାଦା ଓ ସମାନ ପ୍ରତିନିଧିତ୍ୱକୁ ସୁରକ୍ଷିତ ରଖିବା ପାଇଁ ସେ ପ୍ରତିବଦ୍ଧ ବୋଲି ନବୀନ କହିଛନ୍ତି।

ଚିଠିରେ ନବୀନ କହିଛନ୍ତି ଯେ ମହିଳା ସଶକ୍ତୀକରଣ ଏବଂ ସଂସଦ ତଥା ବିଧାନସଭାରେ ମହିଳାଙ୍କର ଅଧିକ ପ୍ରତିନିଧିତ୍ୱର ନୀତିକୁ ଆମେ ପୂର୍ଣ୍ଣ ହୃଦୟରେ ସମର୍ଥନ କରୁଛୁ। ସଂସଦ ଓ ରାଜ୍ୟ ବିଧାନସଭାରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଆବଶ୍ୟକ ଅଟେ। ▶ପୃଷ୍ଠା-୭

## ସୀମା ପୁନଃନିର୍ଦ୍ଧାରଣ; ଚାପରେ ସରକାର

■ ଭୁବନେଶ୍ୱର, ୧୬।୪ (ସମିସ): ସୀମା ପୁନଃ ନିର୍ଦ୍ଧାରଣ ଯୋଗୁଁ ଓଡ଼ିଶାର ରାଜନୈତିକ ପ୍ରତିନିଧିତ୍ୱ ହ୍ରାସ ଆଶଙ୍କା ଉପୁଜିଛି। ଓଡ଼ିଶା ଏହାଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବାରୁ ବିରୋଧୀ ଦଳଗୁଡ଼ିକ ଏହାକୁ ନେଇ ତୀବ୍ର ଆପତ୍ତି ଉଠାଇବାରେ ଲାଗିଛନ୍ତି। ବୁଧବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର

**ମୁଖ୍ୟମନ୍ତ୍ରୀ ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକନ୍ତୁ: କାଡ଼ାମ୍**

ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ବେଳେ ଆଜି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ସମାନ ଦାବି ଦୋହରାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଶ୍ରୀ କାଡ଼ାମ୍ ଅନୁରୋଧ କରିଛନ୍ତି।

ଶ୍ରୀ କାଡାମ କହିଛନ୍ତି ଯେ ଓଡ଼ିଶାର ରାଜନୈତିକ ଅଧିକାରରେ କୌଣସି ବୁଝାମଣା କରାଯିବ ନାହିଁ। ଭାରତର ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଭୂମିକା ▶ପୃଷ୍ଠା-୭

## ୧୦ ବର୍ଷର ରେକର୍ଡ ଭାଙ୍ଗିଲା ଘରୋଇ ଋଣ

# ଋଣ ଜିଡିପିର ୬.୨%କୁ ବୃଦ୍ଧି

■ ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ଧୀରେ ଧୀରେ ଋଣ ଯନ୍ତାରେ ବୁଡୁଛି ଭାରତ। ଏହି ଋଣ ଭାର ଏତେ ଯେ ଏହା ୧୦ ବର୍ଷର ରେକର୍ଡ ଭାଙ୍ଗିଛି। ଗତ ଏକ ଦଶନ୍ଧି ମଧ୍ୟରେ ଲୋକଙ୍କ ଆର୍ଥିକ ଅଭ୍ୟାସରେ ଦ୍ରୁତ ପରିବର୍ତ୍ତନ ହୋଇଛି। ଇଏମ୍ଆଇ, କ୍ରେଡିଟ୍ କାର୍ଡ ଏବଂ ହୋମ୍ ଲୋନ୍ ବର୍ତ୍ତମାନ ଲୋକଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିଯାଇଛି। ଜୀବନଶୈଳୀ ଏବଂ ସମ୍ପତ୍ତି ସୃଷ୍ଟି ପାଇଁ ଲୋକେ ବ୍ୟକ୍ତିଗତ/ପର୍ସନାଲ୍ ଋଣ କରିବାରେ ବ୍ୟସ୍ତ। ଅପରପକ୍ଷେ ଅଧିକ ମାତ୍ରାରେ କ୍ରେଡିଟ୍ କାର୍ଡ ବ୍ୟବହାର ମଧ୍ୟ ଏଥିପାଇଁ ଦାୟୀ। ଭାରତୀୟ ପରିବାରଗୁଡିକ ଉପରେ ଋଣ ଭାର ଏବେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୬.୨%କୁ ବୃଦ୍ଧି ପାଇଛି, ଯାହା ବିଗତ ଏକ ଦଶନ୍ଧିର ସର୍ବୋଚ୍ଚ ସ୍ତର ବୋଲି କୁହାଯାଉଛି। ଏମିତିକି କରୋନା ମହାମାରୀ ପରେ ଭାରତୀୟଙ୍କ ଆର୍ଥିକ ସଞ୍ଚୟରେ ତୀବ୍ର ହ୍ରାସ ଘଟିଛି।

**ଦଶନ୍ଧିରେ ସର୍ବୋଚ୍ଚ ସ୍ତର ଛୁଇଁଲା**

**ମହାମାରୀ ପରେ ଆର୍ଥିକ ସଞ୍ଚୟରେ ତୀବ୍ର ହ୍ରାସ**

କ୍ଲାଏଣ୍ଟ ଆସୋସିଏଟ୍ସର ହ୍ୱାଇଟ୍ ପେପର 'ଦି ନ୍ୟୁ ଇଣ୍ଡିଆନ୍ ହାଉସହୋଲ୍ଡ ବାଲାନ୍ସ ସିଟ୍ (୨୦୨୫) ରିପୋର୍ଟ ଅନୁଯାୟୀ, ଭାରତୀୟମାନଙ୍କର ଋଣ କରିବାର ଅଭ୍ୟାସ ସେମାନଙ୍କର ସଞ୍ଚୟଠାରୁ ବି ବଳିଯାଉଛି। ମହାମାରୀ ପରବର୍ତ୍ତୀ ସମୟରେ ପାରିବାରଗୁଡ଼ିକର ଋଣ ୪୪.୬% ▶ପୃଷ୍ଠା-୭






### ବନ ବିଭାଗର ଥର୍ ଗାଡ଼ି କିଣା ଦୁର୍ନୀତି

## ଏଜି ଅଡିଟ୍ ରିପୋର୍ଟରେ ବ୍ୟାପକ ଅନିୟମିତତା ପ୍ରମାଣ

■ ଭୁବନେଶ୍ୱର, ୧୬।୪ (ସମିସ): ବନ୍ୟପ୍ରାଣୀ ସଂରକ୍ଷଣ ନାମରେ ଜଙ୍ଗଲ ବିଭାଗ କିଣିଥିବା ଥର୍ ଗାଡ଼ି କ୍ରୟ ଓ ମୋଡିଫିକେସନ୍‌ରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ଧରାପଡ଼ିଛି। ପ୍ରିନ୍ସିପାଲ୍ ଆକାଉଣ୍ଟାଣ୍ଟ ଜେନେରାଲ୍ (ଏଜି) ଏହି କ୍ରୟକୁ ସମ୍ପୂର୍ଣ୍ଣ ବେଆଇନ୍ ବୋଲି ଦର୍ଶାଇ ମୁଖ୍ୟ ଶାସନ ସଚିବଙ୍କୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ଲେଖିଛନ୍ତି। ଏଜି ରିପୋର୍ଟରେ ଉଠିଥିବା ଗମ୍ଭୀର ଅଭିଯୋଗଗୁଡ଼ିକ ବନ ବିଭାଗରେ ଚାଲିଥିବା କିଣାବିକା ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଥର୍ ଗାଡ଼ି କ୍ରୟ ପାଇଁ ଗତ ୨୦୨୪ ଜୁଲାଇ ମାସରେ ଏସ୍ଆରସିଙ୍କ ପକ୍ଷରୁ ମୋଟ ୨୮.୪୫ କୋଟି ଟଙ୍କା ଅନୁମୋଦନ କରାଯାଇଥିଲା। ହେଲେ ଥର୍ ଗାଡ଼ି କ୍ରୟ ଓ ମୋଡିଫିକେସନ୍‌ରେ ୧୭ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ବାକି ୧୧.୪୫ କୋଟି ଟଙ୍କାର ହିସାବ ମିଳିପାରୁ ନାହିଁ।

ଅନ୍ୟପଟେ ଏହି ୨୮.୪୫ କୋଟି ଟଙ୍କା ଖର୍ଚ୍ଚ ପାଇଁ ଏସ୍ଆରସି ସ୍ୱୀକୃତି ଦେଇଥିଲେ ମଧ୍ୟ ଏହା ଗୃହ ମନ୍ତ୍ରଣାଳୟର ଏସ୍‌ଡିଆର୍‌ଏଫ ଗାଇଡ୍‌ଲାଇନ୍ ଅନୁଯାୟୀ ହୋଇ ନାହିଁ ବୋଲି ଏଜି ସ୍ପଷ୍ଟ କରିଛନ୍ତି। ଏହି ଗାଡ଼ି କ୍ରୟ 'ପ୍ରସ୍ତୁତି ଏବଂ ସାମର୍ଥ୍ୟ ବିକାଶ' ଶ୍ରେଣୀରେ ଆଦୌ ଆସୁ ନାହିଁ। ତେଣୁ ଏସ୍ଆର୍‌ସି ଏହି ଟଙ୍କା ଖର୍ଚ୍ଚ ପାଇଁ ସ୍ୱୀକୃତି ଦେଇଥିଲେ ମଧ୍ୟ ସେ ନିଜେ

**କ୍ଷମତା ନ ଥାଇ ଅର୍ଥ ଦେଇଥିଲେ ଏସ୍ଆର୍‌ସି, ମିଳୁନି ୧୧ କୋଟିର ହିସାବ**

ଏଥିପାଇଁ କ୍ଷମତାପ୍ରାପ୍ତ ଅଧିକାରୀ ନୁହନ୍ତି ବୋଲି ରିପୋର୍ଟରେ ଉଲ୍ଲେଖ ହୋଇଛି। ଏହାସହିତ 'ସେଣ୍ଟ୍ରାଲ୍ କଣ୍ଟ୍ରିବ୍ୟୁସନ୍ ଟୁ ରିଜର୍ଭ ଫଣ୍ଡ' ନାମରେ ଜାରି ଆଦେଶକୁ ଭୁଲ୍ ଓ ଭ୍ରମାତ୍ମକ ବୋଲି ରିପୋର୍ଟରେ କୁହାଯାଇଛି। ଦିଆଯାଇଥିବା ବିଲ୍‌ଗୁଡ଼ିକୁ 'ଭୁଲ୍ ଶ୍ରେଣୀବିଭାଗ ଏବଂ ତଥ୍ୟ ବିକୃତୀକରଣ' ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ଏସ୍‌ଡିଆର୍‌ଏଫ ପାଣ୍ଠିରୁ ବିଭାଗୀୟ ଆକାଉଣ୍ଟକୁ ଟଙ୍କା ▶ପୃଷ୍ଠା-୭




ସକାଳ
THE SAKALA

# ସମ୍ପାଦକୀୟ



ପତି-ପତ୍ନୀ ଉଭୟେ ଉଭୟଙ୍କର ସମର୍ଥକ ଓ ଉତ୍ତମ ବନ୍ଧୁ ହେବା ଉଚିତ।
-ସୁଧା ମୂର୍ତ୍ତି

## ପଶ୍ଚିମବଙ୍ଗ ବ୍ୟତିକ୍ରମ

ଆସାମ, କେରଳ ଏବଂ ପୁଡୁଚେରିରେ ବିଧାନସଭା ନିର୍ବାଚନ ସମାପ୍ତ ହୋଇଥିବା ବେଳେ ଏବେ ତାମିଲନାଡୁ ଏବଂ ପଶ୍ଚିମ ବଙ୍ଗ ନିର୍ବାଚନ ହେବାକୁ ଯାଉଛି। ସାରା ଦେଶର ନଜର ରହିଛି ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ଉପରେ। ଏଠାରେ ଆସନ୍ତା ୨୩ ଓ ୨୯ ତାରିଖ ଦିନ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ କମିସନଙ୍କ ଏସ୍‌ଆଇଆର ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ରାଜ୍ୟ ରାଜନୀତିକୁ ଦୋହଲାଇ ରଖିଛି। ଏହି ପ୍ରକ୍ରିୟା ଜରିଆରେ ପ୍ରାୟ ୯୧ ଲକ୍ଷ ଭୋଟରଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ମୃତ୍ୟୁ, ଅନ୍ୟ ରାଜ୍ୟକୁ ସ୍ଥାନାନ୍ତର ଏବଂ ଏକାଧିକ ସ୍ଥାନରେ ନାମ ଥିବା ଲୋକଙ୍କର ନାମକୁ କାଟି ଦିଆଯାଇଥିବା କୁହାଯାଇଛି। ଫଳରେ ରାଜ୍ୟରେ ଭୋଟର ସଂଖ୍ୟା ପ୍ରାୟ ୧୨ ପ୍ରତିଶତ ହ୍ରାସ ପାଇଛି। ମୋଟ୍ ଭୋଟର ସଂଖ୍ୟା ୭.୬ କୋଟିରୁ ୬.୭ କୋଟିକୁ ହ୍ରାସ ପାଇଛି। ଯେଉଁ କଥାଟି ରାଜ୍ୟରେ ଭୋଟରମାନଙ୍କ ମଧ୍ୟରେ ଅଶାନ୍ତିର ନିଆଁ ଲଗାଇଛି, ତାହାହେଲା ସନ୍ଦିଗ୍ଧ ତାଲିକା ବା ଲଜିକାଲ ଡିସକ୍ରିପାନ୍ସି ପ୍ରୋସେସ୍। ଅର୍ଥାତ୍ ଯେଉଁମାନଙ୍କର ତଥ୍ୟକୁ ନେଇ ଅସଙ୍ଗତି ରହିଛି, ସେମାନଙ୍କ ନାମ ଏହି ତାଲିକାରେ ରହିଛି। ଜନ୍ମ ତାରିଖ, ପିତାମାତାଙ୍କ ନାମ, ନାମ ବନାନରେ ଅସଙ୍ଗତି ଭଳି ତଥ୍ୟକୁ ନେଇ ଏହି ତାଲିକା କରାଯାଇଛି। ଏଭଳି ତାଲିକାରେ ଯେଉଁମାନଙ୍କର ନାମ ରହିଛି, ସେମାନେ ଭୋଟ ଦେଇପାରିବେ ନାହିଁ। ଏଭଳି ତାଲିକାରେ ୬୦ଲକ୍ଷ ଭୋଟର୍‌ଙ୍କ ନାମ ସ୍ଥାନ ପାଇଥିଲା। ଇତିମଧ୍ୟରେ ଯାଞ୍ଚ ପରେ ୩୨ ଲକ୍ଷ ୨୮ ହଜାରଙ୍କ ନାମ ଭୋଟର ତାଲିକାରେ ସାମିଲ କରାଯାଇଥିବା ବେଳେ ୨୭ ଲକ୍ଷ ୧୬ ହଜାର ଭୋଟରଙ୍କ ନାମ ବାଦ୍ ପଡ଼ିଛି। ଏମାନେ ଭୋଟ ପାଇଁ ଯୋଗ୍ୟ କି ନୁହେଁ, ତାହା କୋଲକାତା ହାଇକୋର୍ଟ ଦ୍ୱାରା ନିଯୁକ୍ତ ୧୯ଟି ଟ୍ରିବୁନାଲ ସ୍ଥିର କରିବେ। ତେବେ ଏଥିପାଇଁ ଟ୍ରିବୁନାଲକୁ ସମୟସୀମା ଦିଆଯାଇନଥିବାରୁ ଏହି ଭୋଟରମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ଏଭଳି ଭୋଟର ସୁପ୍ରିମକୋର୍ଟ ଯାଇ ନିରାଶ ହୋଇଛନ୍ତି। ମତଦାନ ତାରିଖ ଯେତେ ପାଖେଇ ଆସୁଛି, ସେମାନଙ୍କ ମଧ୍ୟରେ ସେତିକି ଉତ୍ତେଜନା ପ୍ରକାଶ ପାଇବାରେ ଲାଗିଛି। ନିର୍ବାଚନର ଦୁଇ ଦିନ ପୂର୍ବରୁ ସେମାନଙ୍କର ନାମ ଭୋଟର ତାଲିକାରେ ସ୍ଥାନ ନପାଇଲେ ସେମାନେ ଭୋଟ ଦେଇପାରିବେ ନାହିଁ। ଏହି ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ଦ୍ୱାରା ନିଯୁକ୍ତ ଟ୍ରିବ୍ୟୁନାଲ ଉପରେ ଚାପ ପକାଇବା ଠିକ୍ ହେବାହିଁ ବୋଲି ସୁପ୍ରିମ କୋର୍ଟ ଉଲ୍ଲେଖ କରିଛନ୍ତି।

ତେବେ ଏପ୍ରିଲ ୧୩ ତାରିଖରେ ଏହି ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ଯେଉଁ ପ୍ରଶ୍ନ ଉଠାଇଛନ୍ତି ତାହା ବିଚାରଯୋଗ୍ୟ। ଏହି ଖଣ୍ଡପୀଠରେ ଥିବା ଅନ୍ୟତମ ବିଚାରପତି ଜଷ୍ଟିସ ଜୟମାଲ୍ୟ ବାଗଚି ପ୍ରଶ୍ନ କରିଛନ୍ତି ଯେ ବିହାର ସମେତ ୧୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଏସ୍‌ଆଇଆର ପ୍ରକ୍ରିୟା ସଂପନ୍ନ ହୋଇଛି। କିନ୍ତୁ ସେହି ରାଜ୍ୟରେ ଲଜିକାଲ ଡିସକ୍ରିପାନ୍ସି ଭଳି କିଛି ବ୍ୟବସ୍ଥା ନଥିବା ବେଳେ ପଶ୍ଚିମ ବଙ୍ଗରେ ଏଭଳି ନୂଆ ଶ୍ରେଣୀ କାହିଁକି ସୃଷ୍ଟି ହେଲା। ପୂର୍ବ ଏସ୍‌ଆଇଆର୍ ସହ ମ୍ୟାପିଙ୍ଗ୍ ପରେ ଅନ୍ୟ ରାଜ୍ୟରେ ବିବାଦ ଦେଖାଦେଇ ନଥିବା ବେଳେ ପଶ୍ଚିମ ବଙ୍ଗରେ ଏଭଳି ବ୍ୟତିକ୍ରମ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଲଜିକାଲ ଡିସକ୍ରିପାନ୍ସି ଶ୍ରେଣୀରେ ସେହି ଭୋଟରମାନଙ୍କ ନାମ ରହିଛି, ଯେଉଁମାନଙ୍କ ପିତାମାତାଙ୍କ ନାମ, ପିତାମାତାଙ୍କ ବୟସ ସହ ପିଲାମାନଙ୍କ ବୟସ ତାରତମ୍ୟକୁ ନେଇ ଅସଙ୍ଗତି ରହିଛି। କମିସନଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ସେମାନେ ବୈଧ ପ୍ରମାଣପତ୍ର ଦାଖଲ କରିଥିଲେ ମଧ୍ୟ ଏହି ତାଲିକାରେ ସେମାନଙ୍କୁ ରଖାଯାଇଥିବା ଅନେକ ଭୋଟର ଅଭିଯୋଗ କରିଛନ୍ତି। ପଶ୍ଚିମ ବଙ୍ଗ ନିର୍ବାଚନରେ ଏହାହିଁ ସବୁଠାରୁ ବଡ଼ ପ୍ରସଙ୍ଗ ହୋଇଛି। ଏହାକୁ ନେଇ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନଙ୍କ ସହିତ ମୁହାଁମୁହିଁ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ସେ ଅଭିଯୋଗ କରିଛନ୍ତି ତାଙ୍କୁ ହରାଇବା ଲାଗି ତାଙ୍କ ଦଳର ସମର୍ଥକମାନଙ୍କୁ ଜାଣିଶୁଣି ଭୋଟର ତାଲିକାରୁ କାଟି ଦିଆଯାଉଛି। କିନ୍ତୁ ନିର୍ବାଚନ କମିସନ କହୁଛନ୍ତି ଯେ କେବଳ ଅଯୋଗ୍ୟ ଲୋକଙ୍କୁ ହିଁ ଭୋଟର ତାଲିକାରୁ ବାଦ୍ ଦିଆଯାଉଛି। ବିଜେପି ମଧ୍ୟ କମିସନଙ୍କୁ ସମର୍ଥନ କରି ଯୁକ୍ତି କରିଛି ଯେ ଭୋଟର ତାଲିକାରୁ ସେମାନେ ହିଁ ବାଦ୍ ପଡ଼ିଛନ୍ତି ଯେଉଁମାନେ ହେଉଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ। ମମତା ଆହୁରି ଅଭିଯୋଗ କରିଛନ୍ତି ଯେ ଲଜିକାଲ ଡିସକ୍ରିପାନ୍ସି ବୋଲି ନିର୍ବାଚନ କମିସନରେ କୌଣସି ଶବ୍ଦ ହିଁ ନାହିଁ। କେବଳ ବିଜେପିକୁ ଫାଇଦା ଦେବା ପାଇଁ ପଶ୍ଚିମବଙ୍ଗରେ ଏଭଳି ବ୍ୟବସ୍ଥାକୁ ଯୋଡ଼ାଯାଇଛି ବୋଲି ସେ କହିଛନ୍ତି।

ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ ମତରେ ଭୋଟର ତାଲିକାରୁ ଲକ୍ଷ ଲକ୍ଷ ଲୋକଙ୍କ ନାମ କାଟିବା ଘଟଣା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ବ୍ୟାପକ ସଂଖ୍ୟାରେ ଭୋଟରଙ୍କୁ ବାଦ୍ ଦେଇ ନିର୍ବାଚନ ଆୟୋଜନର ବିଶ୍ୱସନୀୟତା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି। ସୁପ୍ରିମ କୋର୍ଟ ହସ୍ତକ୍ଷେପ କରି ଏଥିରେ ସୁଧାର ଆଣିପାରିବେ। ଯେଉଁମାନେ ଅଯୋଗ୍ୟ ସେମାନେ ବାଦ୍ ପଡ଼ିବା ଉଚିତ। କିନ୍ତୁ ଯେଉଁମାନେ ଯୋଗ୍ୟ, ସେମାନଙ୍କୁ ମତାଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ କରାଯିବା ଠିକ୍ ହେବନାହିଁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ତେବେ ଏପ୍ରିଲ ୧୬ ତାରିଖରେ ନିର୍ବାଚନ କମିସନଙ୍କୁ ସୁପ୍ରିମ କୋର୍ଟ ଦେଇଥିବା ନିର୍ଦ୍ଦେଶ ଲଜିକାଲ ଡିସକ୍ରିପାନ୍ସି ଶ୍ରେଣୀରେ ଥିବା ଭୋଟରମାନଙ୍କ ପାଇଁ କିଛି ପରିମାଣରେ ଆଶ୍ୱସ୍ତି ଆଣିଛି। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଟ୍ରିବ୍ୟୁନାଲ ଯେଉଁମାନଙ୍କ ନାମକୁ ସନ୍ଦେହରୁ ମୁକ୍ତ କରୁଛନ୍ତି ସେମାନେ ଆସନ୍ତା ନିର୍ବାଚନରେ ମତଦାନ କରିପାରିବେ। ତେବେ ସେମାନଙ୍କର ନାମ ମତଦାନର ଦୁଇ ଦିନ ପୂର୍ବରୁ ମଞ୍ଜୁର ହେବା ଉଚିତ। ●

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

# ବିଜୁବାବୁଙ୍କ ମନ ଆଇନାରେ ମହାତ୍ମା ଗାନ୍ଧୀ

ପ୍ରହଲାଦ କୁମାର ସିଂହ

ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀଙ୍କ ସହ ବିଜୁବାବୁ ପ୍ରଥମ ସାକ୍ଷାତ ସଂକ୍ରାନ୍ତରେ ଅନେକ କଥା କୁହାଯାଏ। ତେବେ ତାଙ୍କ ଜୀବନରେ ପ୍ରଥମ ଗାନ୍ଧୀ ଦର୍ଶନ ସଂକ୍ରାନ୍ତରେ ନିଜେ ବିଜୁ ପଟ୍ଟନାୟକ ଲେଖିଛନ୍ତି ତାଙ୍କ ଭ୍ରମଣ କାହାଣୀ 'ବୁଲା ନିଶା'ରେ। ରେଭେନ୍ସା କଲେଜ୍‌ରେ ଇଣ୍ଟରମିଡିଏଟ୍ ସାଇନ୍ସ ପଢ଼ିବା ବେଳେ ଅମର ଦେ ଓ ଭ୍ରମରବର ସାହୁଙ୍କ ଭଳି ଦୁଇଜଣ ଯୁବ ବନ୍ଧୁଙ୍କ ସହ ଖରାଛୁଟିରେ ସେ ଏକ ଦୁଃସାହସିକ ସାଇକେଲ୍ ଯାତ୍ରା ଅଭିଯାନରେ କଟକରୁ ଯାଇଥିଲେ ପେଶାୱାର। ସେତେବେଳକୁ ତାଙ୍କ ବୟସ ପ୍ରାୟ ୧୬ବର୍ଷ।

ଏ ସଂକ୍ରାନ୍ତରେ 'ବୁଲା ନିଶା'ରେ ବିଜୁବାବୁ ଲେଖିଛନ୍ତି, "ସକାଳ ପ୍ରାୟ ୫ଟା ବେଳକୁ ଆମେ ଚାଇଁବସାରୁ ଯାତ୍ରା ଆରମ୍ଭ କରି ପ୍ରାୟ ୭ଟା ବେଳକୁ ଆସି ପହଞ୍ଚିଲୁ ଚକ୍ରଧରପୁରରେ। ସେଦିନ ସେଠି ଗାନ୍ଧୀଙ୍କ ଆସିବା କଥା ବୋଲି ବହୁତ ଲୋକ ଜମା ହୋଇଥିଲେ। ସେଠାରେ ଜଣେ ପରିଚିତ ଓଡ଼ିଆ ଭଦ୍ରଲୋକଙ୍କ ବସାରେ ଯାଇ ସ୍ନାନ ଓ ଭୋଜନ ପରେ ଗାନ୍ଧୀଙ୍କୁ ଦେଖିବା ଆଶାରେ ବାହାରିଲୁ। କିଛିକ୍ଷଣ ପରେ ଗାନ୍ଧୀ ସଦଳବଳ ଆସି ଉପସ୍ଥିତ ହେଲେ। ଜୀବନରେ ମୋର ଏହି ପ୍ରଥମ ଗାନ୍ଧୀ ଦର୍ଶନ। କିନ୍ତୁ ଛବିରେ ଦେଖି ଦେଖି ତାଙ୍କ ଆକୃତି ମନରେ ଏପରି ଭାବରେ ବସି ଯାଇଥିଲା ଯେ, ନୂଆ କିଛି ଦେଖିଲି ବୋଲି ମନେ ହେଲାନାହିଁ। ମୋଟର ଭିତରେ ସେହିପରି ଭାବରେ ହାତ ଉପରେ ଭରାଦେଇ ବସିଥିଲେ। ବାହାରେ ଏତେ ଲୋକଙ୍କର ଉଲ୍ଲାସ ଧ୍ୱନି; କିନ୍ତୁ କୌଣସି ଆଡ଼େ ଭ୍ରୂକ୍ଷେପ ନାହିଁ, ଯେପରିକି କୌଣସି ଗଭୀର ଚିନ୍ତାରେ ନିମଗ୍ନ। ଚକ୍ରଧରପୁରରେ ସେ ହରିଜନଙ୍କ ସମ୍ବନ୍ଧରେ ଗୋଟିଏ କ୍ଷୁଦ୍ର ବକ୍ତୃତା ଦେଲେ ଓ କିଛି ଚାନ୍ଦା ଉଠାଇବା ପରେ ପୁଣି ମୋଟରରେ ବସି ଚାଲିଗଲେ, ବୋଧହୁଏ ଜାମସେଦପୁର ଆଡକୁ। ଏଣେ ଗାନ୍ଧୀ ଦର୍ଶନ ହେଲା; କିନ୍ତୁ ରାଞ୍ଚି ରାସ୍ତାରେ ଭୀଷଣ ଜଙ୍ଗଲ, ଯାଏ କୁଆଡ଼େ ?' ସୁତରାଂ ତରତର ହୋଇ ଜିନିଷପତ୍ର ବାନ୍ଧି ୧୨ଟା ବେଳକୁ ଚକ୍ରଧରପୁରରୁ ବାହାରିଲୁ। ସେଠାରୁ ରାଞ୍ଚି ୭୫ ମାଇଲ୍। ଏତିକି ବେଳେ ଅତ୍ୟନ୍ତ ଗରମ ପବନ ବିପରୀତ ଦିଗରୁ ବହିବାକୁ ଲାଗିଲା। ସାଇକେଲ ଚଳାଇବାକୁ ଅତ୍ୟନ୍ତ କଷ୍ଟହେଲା ସତ; କିନ୍ତୁ କ'ଣ କରାଯିବ?"

ବିଜୁବାବୁଙ୍କୁ ଦୁଃସାହସୀ ଭାବେ ଗଢ଼ି ତୋଳିବାରେ ତାଙ୍କ ବାପା ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କର ଢେର୍ ଅବଦାନ ଥିଲା। ଏହାଛଡ଼ା ତାଙ୍କ ମାମୁଙ୍କ ପରିବାରର କିଛି ସମ୍ପର୍କୀୟ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି କଳାପାଣିରେ କାରାଦଣ୍ଡ କାଟିଥିବା କଥା ସେ ଶୁଣିଥିଲେ ତାଙ୍କ ମା' ଆଶାଲତା ଦେବୀଙ୍କଠାରୁ। ବାଲ୍ୟ ଓ କୈଶୋର ଜୀବନରେ ପଢ଼ିଥିବା ମୂଳଦୁଆରୁ ବିଜୁଙ୍କ ମନରେ ଦେଶପ୍ରେମ ଭାବନା ଦୃଢ଼ୀଭୂତ ହୋଇଥିଲା। ତାଙ୍କ ପିଲାଦିନର ସାଥୀ ମନମୋହନ ଚୌଧୁରୀ, ବିନୋଦ କାନୁନ୍‌ଗୋ, ବିଶ୍ୱନାଥ ରଥ, ଅଶୋକ ଦାଶ ଆଦି ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିବା ଘଟଣା ବି ତାଙ୍କୁ ପ୍ରଭାବିତ କରିଥିଲା। ଏହାଛଡ଼ା ରେଭେନ୍ସା କଲିଜିଏଟ୍ ସ୍କୁଲରେ ପଢ଼ିବାବେଳେ ଶିକ୍ଷକମାନଙ୍କଠାରୁ ସେ ଶୁଣିଥିଲେ ଏହି ବିଦ୍ୟାଳୟର ପୁରାତନ ଛାତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ତ୍ୟାଗ ଓ ସଂଗ୍ରାମର କାହାଣୀ। କଟକ ସହରରେ ଦିନେ ଅବତରଣ କରିଥିବା ଏକ ବିମାନକୁ ସ୍ପର୍ଶ କରି ବ୍ରିଟିଶ ପୁଲିସଠାରୁ ମାଡ଼ ଖାଇବା ଘଟଣା ସ୍କୁଲ ଛାତ୍ର ବିଜୁଙ୍କୁ ପରବର୍ତ୍ତୀ କାଳରେ ପାଇଲଟ୍ ହେବାପାଇଁ ଜିଦିଆ କରିଥିଲା। ପରବର୍ତ୍ତୀ ସମୟରେ ବଡ଼ଲାଟ୍ ୱାଭେଲ୍‌ଙ୍କ ବିମାନ ଚଳାଇବା ସହିତ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଯେଭଳି ଦୁଃସାହସୀ ବିମାନଚାଳକ ଭାବେ କାର୍ଯ୍ୟକଲେ, ତାହା ଏବେବି କ୍ରେମ୍‌ଲିନ୍ ଝୁରୁଛି। ବଡ଼ଲାଟ୍‌ଙ୍କ ବିମାନର ପାଇଲଟ୍ ଥିବାବେଳେ ବିଜୁବାବୁ କିନ୍ତୁ ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ସମ୍ପର୍କରେ ଥିଲେ। ହେଲେ ମୋଟା ଅଙ୍କର ବେତନ ତାଙ୍କୁ ଆତ୍ମସନ୍ତୋଷ ପ୍ରଦାନ କରୁ ନ ଥିଲା। ବିଶେଷ କରି ୧୯୪୨ରେ ଗାନ୍ଧୀଜୀଙ୍କ ଭାରତ ଛାଡ଼ ଆନ୍ଦୋଳନ ସମୟରେ ତାଙ୍କ ଦେଶପ୍ରେମ ଭାବନା ଏଭଳି ପ୍ରଜ୍ୱଳିତ ହେଲା ଯେ ଶେଷରେ ୧୯୪୩ ଜାନୁୟାରୀ ମାସରେ ବ୍ରିଟିଶ ସରକାର ତାଙ୍କୁ ଗିରଫ କରି ଦିଲ୍ଲୀ, ଫିରୋଜପୁର ଓ କଟକ ଆଦି ଜେଲ୍‌ରେ ଦୀର୍ଘଦିନ ରଖିବା ପରେ ୧୯୪୫ରେ କାରାମୁକ୍ତ କରିଥିଲେ। ସେବେଠାରୁ ୧୯୯୭ ଏପ୍ରିଲ୍ ୧୭ରେ ପରଲୋକ ଗମନ ପର୍ଯ୍ୟନ୍ତ ବିଜୁ ବାବୁଙ୍କ ପରିଧାନ ଥିଲା ଖଦଡ଼।



ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଅରୁଣା ଅସଫ୍ ଅଲ୍ଲୀ ବିଜୁ ବାବୁଙ୍କ ସଂକ୍ରାନ୍ତରେ ଲେଖିଛନ୍ତି, "ପାଇଲଟ୍ ବିଜୁ ପଟ୍ଟନାୟକ ଥିଲେ ନିର୍ଭୀକତାର ଏକ ଜ୍ୱଳନ୍ତ ଉଦାହରଣ। ଜୟପ୍ରକାଶ ନାରାୟଣ, ଅଚ୍ୟୁତ ପଟ୍ଟବର୍ଦ୍ଧନ, ରାମମନୋହର ଲୋହିଆ ଓ ମୋ ଭଳି ଆଉ କେତେଜଣଙ୍କୁ ନେଇ ଗଠିତ ଅଣ୍ଡର ଗ୍ରାଉଣ୍ଡ ଡିରେକ୍ଟୋରେଟ୍‌କୁ ସାହାଯ୍ୟ ଯୋଗାଇବା ଲାଗି ସେ ତାଙ୍କର ସାଥୀ ପାଇଲଟ୍‌ମାନଙ୍କୁ ନେତୃତ୍ୱ ଓ ପ୍ରେରଣା ଦେଉଥିଲେ। ସେମାନଙ୍କ ସାହସ ଓ ନିର୍ଭୀକତା ବିନା ଆମେ କେବେହେଲେ ବମ୍ବେ, କଲିକତା ଓ ନୂଆଦିଲ୍ଲୀରେ ଆମ କମ୍ରେଡ୍‌ମାନଙ୍କ ସହିତ ଯୋଗସୂତ୍ର ରଖି ପାରି ନ ଥାନ୍ତୁ... ଶ୍ରୀ ରାଜଗୋପାଳଚାରୀ ଆମକୁ ଭେଟିବାର ଅଭିପ୍ରାୟ ପ୍ରକାଶ କରିବାରୁ ବିଜୁ ପଟ୍ଟନାୟକ ନିଜେ ରାଜାଜୀଙ୍କୁ ମାଡ୍ରାସରୁ ନୂଆଦିଲ୍ଲୀ ଉଡ଼ାଇ ଆଣି ୧୯୪୨-୪୩ ଡିସେମ୍ବର-ଜାନୁୟାରୀ ମାସରେ ଜୟପ୍ରକାଶ ନାରାୟଣ ଓ ଅଣ୍ଡରଗ୍ରାଉଣ୍ଡ ଡିରେକ୍ଟୋରେଟ୍ ସହ ସାକ୍ଷାତ କରାଇଥିଲେ। ମୁଁ ନିଜେ ଏହି ଗୁପ୍ତ ବିମାନଯାତ୍ରାର ସୁବିଧା ବହୁଥର ହାସଲ କରିଛି.... ବିଜୁ ପଟ୍ଟନାୟକଙ୍କ ଭଳି ଦୁଃସାହସୀ ପୁରୁଷ ଓ ତାଙ୍କର ସାହସୀ କମ୍ରେଡ୍‌ମାନଙ୍କ ପ୍ରତି ମୋର ଶ୍ରଦ୍ଧା ଅକ୍ଷୁଣ୍ଣ ରହିଛି।'

ପ୍ରଫେସର ସମର ଗୁହା ଦୁଃସାହସୀ ଦେଶଭକ୍ତ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଲେଖିଛନ୍ତି, 'ହଜାରୀବାଗ ଜେଲ୍‌ରୁ ଜେ. ପି. ଖସିଯିବା ପରେ ଗୋପନରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ନେତୃତ୍ୱ ନେଉଥା'ନ୍ତି। ତାଙ୍କୁ ଗିରଫ କରିବା ଲାଗି ବ୍ରିଟିଶ ପୁଲିସ ସମସ୍ତ ପ୍ରକାର ଉଦ୍ୟମ କରୁଥାଏ। ସେତିକିବେଳେ ଜେପିଙ୍କୁ ମିଳିଲେ ବିଜୁଙ୍କ ଭଳି ଜଣେ ଅତି ନିର୍ଭରଯୋଗ୍ୟ ସହଯୋଗୀ। ତାଙ୍କ ଦାୟିତ୍ୱ ରହିଲା ବିମାନରେ ବିଭିନ୍ନ ସ୍ଥାନକୁ ଜେ.ପି. ଓ ଅନ୍ୟମାନଙ୍କୁ ସେ ନେବାଆଣିବା କରିବେ। ଜେ.ପି. ସେତେବେଳେ ବର୍ମାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା ଲାଗି ଉତ୍ସୁକ ଥା'ନ୍ତି। ଏହି ଉଦ୍ଦେଶ୍ୟରେ ସେ ତରବରିଆ ଭାବେ ଆକ୍ୟାବ ଅଭିମୁଖେ ଉଡ଼ିଯିବା ପାଇଁ ବିଜୁଙ୍କୁ କହିଲେ। ମାତ୍ର ଯାତ୍ରା ଆରମ୍ଭ ପୂର୍ବରୁ ବିଜୁ ହଠାତ୍ ଗିରଫ ହେଲେ। ଗୋଡ଼ହାତରେ ଶୃଙ୍ଖଳ ପିନ୍ଧାଇ ତାଙ୍କୁ ବ୍ରିଟିଶ ଜେଲ୍‌ରେ ରଖାଗଲା। ଜେଲ୍ ଭିତରେ ସେ ଅମାନୁଷିକ ନିର୍ଯାତନାର ସମ୍ମୁଖୀନ ହେଲେ। ଏହାସତ୍ତ୍ୱେ ତାଙ୍କର ଆସ୍ପର୍ଦ୍ଧା ଓ ମନୋବଳ ତିଳେମାତ୍ର ହ୍ରାସ ପାଇ ନ ଥିଲା।'

୧୯୪୭ରେ ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ମହାତ୍ମା ଗାନ୍ଧୀଙ୍କ ଆଗ୍ରହ କ୍ରମେ ଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା ଇଣ୍ଟର ଏସିଆନ୍ ରିଲେସନ୍ସ କନ୍‌ଫରେନ୍ସ। ଏହି ସମ୍ମିଳନୀ ସମ୍ପର୍କରେ ବିଜୁବାବୁ ତାଙ୍କ ଇଣ୍ଡୋନେସିଆ ଅନୁଭୂତି ବଖାଣି ୧୯୯୫ ଅକ୍ଟୋବର ୧୧ ସନ୍ଧ୍ୟାରେ କଟକ ଶହୀଦ ଭବନରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ କହିଥିଲେ, "ସମ୍ମିଳନୀ ଅବସରରେ ନେତାମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଟେବୁଲର ବ୍ୟବସ୍ଥା ହୋଇଥାଏ। ମହାତ୍ମା ଗାନ୍ଧୀ, ଜବାହାରଲାଲ ନେହରୁ ଓ ଅନ୍ୟାନ୍ୟ ତୁଙ୍ଗ ଭାରତୀୟ ନେତାମାନେ ଗୋଟିଏ ଦେଶର ଟେବୁଲରୁ ଆଉ ଗୋଟିଏ ଦେଶର ଟେବୁଲକୁ ଯାଇ ସେ ସବୁ ରାଷ୍ଟ୍ରର ନେତା ଓ ପ୍ରତିନିଧିଙ୍କ ସହିତ କଥାବାର୍ତ୍ତା କରି ସେମାନଙ୍କ ସମସ୍ୟା ଓ ଭଲମନ୍ଦ ସମ୍ପର୍କରେ ବୁଝୁଥା'ନ୍ତି। ମୁଁ ସେମାନଙ୍କ ପଛେ ପଛେ ଚାଲିଥାଏ। ଇଣ୍ଡୋନେସିଆ ଟେବୁଲ ପାଖରେ ପଣ୍ଡିତ ନେହରୁ କିଛି ସମୟ ଅଟକିଗଲେ। ଜଣେ ପ୍ରତିନିଧି ତାଙ୍କୁ କହିଲେ ଯେ, ଡଚ୍‌ମାନଙ୍କ କବଳରୁ ସୁଲ୍‌ତାନ୍ ସାହାରିୟରଙ୍କୁ କିପରି ଉଦ୍ଧାର କରାଯିବ? ନେହରୁ ସବୁ ଶୁଣିଲେ କିନ୍ତୁ କିଛି କହିଲେ ନାହିଁ। ମୋ ଆଡ଼କୁ ବୁଲିପଡ଼ି ସେହି ପ୍ରତିନିଧିଙ୍କୁ କହିଲେ ଏଠି ଜଣେ ପାଇଲଟ୍ ଅଛନ୍ତି, ତାଙ୍କୁ ପଚାର ସେ ଯଦି ପାରିବେ? ତା'ପରେ ମୋତେ କହିଲେ, ଯାଙ୍କୁ କିଛି ସାହାଯ୍ୟ କର... ମୁଁ ଇଣ୍ଡୋନେସିଆ ଯାଇ ସୁଲ୍‌ତାନ୍ ସାହାରିୟରଙ୍କୁ ଉଦ୍ଧାର କରିବା ପାଇଁ ହଁ ମାରିଲି। ଏକ ଡାକୋଟା ବିମାନରେ ମୁଁ ଇଣ୍ଡୋନେସିଆ ଅଭିମୁଖେ ଯାତ୍ରା କଲି। ସାଙ୍ଗରେ ଏକମାତ୍ର ସହଯାତ୍ରୀ ଥିଲେ ମୋର ପତ୍ନୀ ଜ୍ଞାନ ପଟ୍ଟନାୟକ... ମୁଁ ସୁକର୍ଣ୍ଣଙ୍କୁ ସାକ୍ଷାତ କରିବାବେଳକୁ ତାଙ୍କ ପତ୍ନୀ ଗର୍ଭଯନ୍ତ୍ରଣା ପାଉଥା'ନ୍ତି। ସେ ଚିନ୍ତିତ ଥା'ନ୍ତି। ମୋ ପହଞ୍ଚିବାର ଅଳ୍ପ ସମୟ ପରେ ତାଙ୍କ ପତ୍ନୀ ଫାତ୍‌ମା ଏକ କନ୍ୟାସନ୍ତାନ ଜନ୍ମଦେଲେ। ଆନନ୍ଦିତ ହୋଇ ସୁକର୍ଣ୍ଣ ମୋତେ କହିଲେ, ବିଜୁ ତୁମେ ମୋ ନବଜାତ ଶିଶୁଟିର ଏକ ସଂସ୍କୃତ ନାମ ଦିଅ। ସେଦିନ ପ୍ରବଳ ବର୍ଷା ହେଉଥାଏ। ପରିବେଶ ଓ ପରିସ୍ଥିତିକୁ ବିଚାରକୁ ନେଇ ନବଜାତ କନ୍ୟାଟିର ନାମ ରଖିଲି- ମେଘାବତୀ ସୁକର୍ଣ୍ଣ ପୁତ୍ରୀ... ପରେ ମୁଁ ଜାକର୍ତ୍ତାରୁ ଇଣ୍ଡୋନେସିଆର ପ୍ରଧାନମନ୍ତ୍ରୀ ସୁଲତାନ ସାହାରିୟର ଓ ସୁମାତ୍ରାରୁ ଉପରାଷ୍ଟ୍ରପତି ମହମ୍ମଦ ହଟ୍ଟାଙ୍କୁ ଆଣି ଭାରତରେ ପହଞ୍ଚିଲି। କଲିକତା ଦେଇ ନୂଆଦିଲ୍ଲୀରେ ପହଞ୍ଚିବା ବେଳକୁ ରାତି ହୋଇଯାଇଥାଏ। ସାହାରିୟର ଓ ହଟ୍ଟାଙ୍କୁ ବିମାନବନ୍ଦରରୁ ସିଧା ଗାଡ଼ିରେ ନେଇ ନେହରୁଙ୍କ ଘରକୁ ଗଲି.... ତା' ପରେ ନେହରୁ ସେମାନଙ୍କ ସହ ବିଳମ୍ବିତ ରାତିରେ ପ୍ରାୟ ୨ ଘଣ୍ଟା ଯାଏ ଆଲୋଚନା କଲେ।" ମହାତ୍ମା ଗାନ୍ଧୀଙ୍କ ସହ ଇଣ୍ଡୋନେସିଆର ଏହି ନେତାମାନେ ପରେ ଆଲୋଚନା କରିବାବେଳେ ବିଜୁବାବୁଙ୍କ ଦୁଃସାହସିକ ଅଭିଯାନ ସଂକ୍ରାନ୍ତରେ ବିସ୍ତୃତ ବିବରଣୀ ଦେଇଥିଲେ। ଗାନ୍ଧୀଜୀ ଏଥିପାଇଁ ତାଙ୍କୁ ପିଠି ଥାପୁଡେଇ ସାବାସୀ ଦେଇଥିଲେ। ବୋଧହୁଏ ବାପୁଙ୍କ କରସ୍ପର୍ଶ ସେତେବେଳର ଯୁବ ବିଧାୟକ ବିଜୁ ପଟ୍ଟନାୟକଙ୍କ ଜୀବନର ଥିଲା ସର୍ବଶ୍ରେଷ୍ଠ ପୁରସ୍କାର।

ସ୍ୱାଧୀନତା ପ୍ରାପ୍ତି ପରେ ପରେ ପାକିସ୍ତାନ କାଶ୍ମୀର କବ୍‌ଜା କରିବାକୁ ଅଭିଯାନ ଚଳାଇଥିଲା। ସେ ସମୟରେ ଭାରତୀୟ ସେନାକୁ ଯେଉଁ ବିମାନ ଶ୍ରୀନଗର ନେଇଥିଲା ତାହା ଚଳାଉଥିଲେ ବିଜୁ ପଟ୍ଟନାୟକ। ଶ୍ରୀନଗର ଅଭିଯାନ ପୂର୍ବରୁ ସେ ବିରଳା ଭବନ ଆସି ଗାନ୍ଧୀଜୀଙ୍କ ଆଶୀର୍ବାଦ ମଧ୍ୟ ନେଇଥିଲେ। ଏହା ତାଙ୍କ ଜୀବନର ଅନ୍ୟ ଏକ ଅଭୁଲା ସ୍ମୃତି ହୋଇ ରହିଗଲା। ଏହି ଦୁଃସାହସୀ ବିଜୁବାବୁ ପରବର୍ତ୍ତୀ ସମୟରେ ଚୀନ୍ ଯୁଦ୍ଧ ସମୟରେ ମଧ୍ୟ ନେହରୁ ସରକାରଙ୍କୁ ସହାୟତା ଦେଇଥିଲେ। କେବଳ ସେତିକି ନୁହେଁ; ୧୯୬୫ରେ ପାକିସ୍ତାନ ଭାରତ ସହ ଯୁଦ୍ଧ ଆରମ୍ଭ କରିଥିବାବେଳେ ଇଣ୍ଡୋନେସିଆର ନୌସେନା ପାକିସ୍ତାନକୁ ସାହାଯ୍ୟ କରିବାକୁ ବାହାରିଥିଲା। ସେତେବେଳର ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ପରାମର୍ଶକ୍ରମେ ବିଜୁବାବୁ ଇଣ୍ଡୋନେସିଆର ରାଷ୍ଟ୍ରପତିଙ୍କ ସହ ଯୋଗାଯୋଗ କରି ପାକିସ୍ତାନ ସପକ୍ଷରେ ଯାଉଥିବା ନୌସେନାକୁ ଇଣ୍ଡୋନେସିଆ ଫେରାଇ ଆଣିବାରେ ସମର୍ଥ ହୋଇଥିଲେ। ଗାନ୍ଧୀଜୀ ଯେଭଳି ତାଙ୍କ ସ୍ୱପ୍ନର ଭାରତ ପରିକଳ୍ପନା କରିଥିଲେ ବିଜୁବାବୁ ମଧ୍ୟ ସେହିଭଳି ନିଜ ସ୍ୱପ୍ନର ଓଡ଼ିଶା ଗଢ଼ିବା ପାଇଁ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ କାମ କରିଯାଇଛନ୍ତି। ସେ ପେଶାଦାର ରାଜନେତା ନ ଥିଲେ, ଥିଲେ ରାଷ୍ଟ୍ରନୀତିଜ୍ଞ। ସ୍ୱାଧୀନୋତ୍ତର ଭାରତ ବର୍ଷର ଜରୁରୀ ପରିସ୍ଥିତି ସମୟରେ ସେ କାରାବରଣ କରିଥିଲେ। ସେତେବେଳେ ଜାତୀୟ ସ୍ତରର ବହୁ ନେତାଙ୍କର ମେଳି ବସୁଥିଲା ବିଜୁବାବୁଙ୍କ ନୂଆଦିଲ୍ଲୀସ୍ଥିତ ଔରଙ୍ଗଜେବ୍ ରୋଡ୍ ଘରେ। ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ଲକ୍ଷଲକ୍ଷ ସତ୍ୟାଗ୍ରହୀଙ୍କ କାରାବରଣ ପୃଷ୍ଠଭୂମିରେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯେଉଁ ସ୍ୱାଧୀନତା ଲାଭ କରିଥିଲା, ତାହାକୁ ସମୃଦ୍ଧ ଓ ସଫଳ କରିବା ଲାଗି ଜାତୀୟ ସ୍ତରରେ ଏବଂ ଜନ୍ମଭୂମି ଓଡ଼ିଶାକୁ ଉପରକୁ ଉଠାଇବା ପାଇଁ ପ୍ରାଦେଶିକ ସ୍ତରରେ ବିଜୁଙ୍କ ସଂକଳ୍ପବଦ୍ଧ ଉଦ୍ୟମର ପଟାନ୍ତର ନାହିଁ। ●

E-mail: prahalladsinha@gmail.com
ମୋ: ୯୪୩୭୦୧୭୩୯୫

# ଜେନେରିକ ଔଷଧ ଫଳପ୍ରଦ ତ?

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ମଧ୍ୟବିତ୍ତ ପରିବାରଗୁଡ଼ିକରେ ମାସିକ ଆୟର ଅଧିକାଂଶ ଔଷଧପତ୍ରରେ ଖର୍ଚ୍ଚ ହୋଇଯାଇଥାଏ। ଡାଇବେଟିସ୍, ହୃଦ୍‌ରୋଗ, ରକ୍ତଚାପ ଇତ୍ୟାଦିର ଔଷଧ। ସୀମିତ ଆୟ ଭିତରେ ପରିବାରର ସମସ୍ତ ଖର୍ଚ୍ଚ ଚଳେଇବା ତ ସହଜେ ଏକ ସମସ୍ୟା। ତା' ସାଙ୍ଗକୁ ଔଷଧ ଖର୍ଚ୍ଚ ଯୋଗାଇବା ପରିବାରରେ ଦୁଶ୍ଚିନ୍ତାର ପ୍ରଧାନ କାରଣ। ସେ କ୍ଷେତ୍ରରେ ଅନେକେ ଏବେ ନାମୀଦାମୀ ବ୍ରାଣ୍ଡର ଔଷଧ ବଦଳରେ ଖର୍ଚ୍ଚ ବଞ୍ଚେଇବା ପାଇଁ ନିର୍ଭର କରୁଛନ୍ତି ଜେନେରିକ୍ ମେଡିସିନ୍ ଉପରେ।

ସହରଗୁଡ଼ିକର ନାନା ସ୍ଥାନରେ ଏବେ ଖୋଲି ଚାଲିଛି ଜେନେରିକ୍ ଔଷଧର ଦୋକାନ। ପ୍ରେସ୍‌କ୍ରିପ୍‌ସନ୍ ହାତରେ ଧରି ସେଠାକୁ ଗଲେ ଅନେକ ସମୟରେ ଶୁଣାଯାଏ – 'ଏଇ ସମାନ ଔଷଧର ଜେନେରିକ ଔଷଧ ଅଛି। ଦାମ୍ ଅନେକ କମ୍।' ଅନେକେ କିନ୍ତୁ ଏଥିପ୍ରତି ଧ୍ୟାନ ଦେଇ ନ ଥା'ନ୍ତି। ଏଇଆ ଭାବି ସଂକୋଚବୋଧ କରନ୍ତି, ଏ ଔଷଧ କାମ କରିବ ତ? ଏହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ତ? ଇତ୍ୟାଦି। ମାତ୍ର ଜାଣି ରଖିବା ଦରକାର ଯେ ଡ୍ରଗ୍ ରେଗୁଲେଟରୀ ବୋର୍ଡ ତରଫରୁ ପରୀକ୍ଷା କଲାପରେ ତେବେ ଯାଇ ଜେନେରିକ ମେଡିସିନକୁ ବଜାରକୁ ଛଡ଼ାଯାଇଥାଏ ବିକ୍ରି ହେବା ପାଇଁ। ତେଣୁ ଜେନେରିକ ଔଷଧ ଖାଇଲେ ଯେ କ୍ଷତି ହେବନି ଏହି ଭରସା କରି ହେବ।

### ଜେନେରିକ ମେଡିସିନ କ'ଣ?

କୌଣସି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ମୂଳ ଔଷଧଟିର ପ୍ୟାଟେଣ୍ଟ କରାଯାଇଥାଏ। ପ୍ୟାଟେଣ୍ଟ ଅଧିକାର ବଳବତ୍ତର ରହିଥାଏ ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ। ସେହି ସମୟ ଶେଷ ହୋଇଯିବା ପରେ ସେହି ସକ୍ରିୟ ଉପାଦାନ, ସମାନ ଡୋଜ୍, ଖାଇବା କି ଇଞ୍ଜେକସେନ ଆକାରରେ କି ଅନ୍ୟ ପ୍ରକାରରେ ପ୍ରୟୋଗ କରିବା ପାଇଁ ଯେଉଁ ଔଷଧ ବଜାରକୁ ଆସିଥାଏ, ତାକୁ ହିଁ କୁହାଯାଏ ଜେନେରିକ୍ ମେଡିସିନ୍। ଗୋଟିଏ ନୂତନ ଔଷଧ ଆବିଷ୍କାର କଲେ ସଂଶ୍ଳିଷ୍ଟ ସଂସ୍ଥା କିଛି ବର୍ଷ ପାଇଁ ସେହି ଔଷଧ ଉପରେ ପ୍ୟାଟେଣ୍ଟ ପାଇଥାଏ। ଏହି ସମୟରେ ଅନ୍ୟ କୌଣସି କମ୍ପାନୀ ସେହି ସମାନ ଔଷଧ ତିଆରି କରି ପାରେନା। ପ୍ୟାଟେଣ୍ଟର ମିଆଦ ପୂରିଗଲେ ଅନ୍ୟାନ୍ୟ କମ୍ପାନୀ ମଧ୍ୟ ସେହି ସମାନ ଉପାଦାନ ବ୍ୟବହାର କରି ଔଷଧ ତିଆରି କରିପାରନ୍ତି – ତାହା ହିଁ ଜେନେରିକ ମେଡିସିନ୍। ଏଗୁଡିକୁ କୁହାଯାଏ ମୂଳ ବ୍ରାଣ୍ଡେଡ୍ ଔଷଧର କପି ବା ନକଲ। କିନ୍ତୁ ତା'ର ଗୁଣମାନ, କାର୍ଯ୍ୟକାରିତା ମାନଦଣ୍ଡ ମାନି ଅନୁମୋଦିତ ହୋଇଥାଏ। ସ୍ୱାସ୍ଥ୍ୟ ବ୍ୟବସ୍ଥାରେ କ୍ରମବର୍ଦ୍ଧମାନ ଖର୍ଚ୍ଚ ମଧ୍ୟରେ ଜେନେରିକ ମେଡିସିନ୍ ଏବେ ସାରା ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ଭାବରେ ଉଭା।

### କାର୍ଯ୍ୟକାରିତା କିପରି ?

ଜେନେରିକ୍ ଔଷଧର କାର୍ଯ୍ୟକାରିତା ମୂଳ ଔଷଧର କାର୍ଯ୍ୟକାରିତା ସହିତ ସମାନ ହେବାର କଥା। ଏହି ଔଷଧକୁ ବଜାରକୁ ଆଣିବାର ଅନୁମୋଦନ ପାଇବା ପାଇଁ ହେଲେ ତାହା ଯେ ଶରୀରରେ ବ୍ରାଣ୍ଡେଡ୍ ଔଷଧ ଭଳି କାର୍ଯ୍ୟ କରିବ, ତା'ର ପ୍ରମାଣ ଦେବାକୁ ପଡ଼େ। କିଛି କ୍ଷେତ୍ରରେ ମୂଳ ଔଷଧରୁ ଏହି ଜେନେରିକ୍ ଔଷଧର ରଙ୍ଗ, ଆକୃତି, ପ୍ୟାକେଜିଂ ଇତ୍ୟାଦି ଅଲଗା ହୋଇପାରେ। କେତେବେଳେ କେମିତି ସହାୟକ ଉପାଦାନରେ ହୋଇଥାଏ ସାମାନ୍ୟ କିଛି ହେରଫେର। ତେବେ ଏହି ଉପାଦାନଗୁଡ଼ିକ ସାଧାରଣତଃ ଔଷଧର ମୂଳ କାର୍ଯ୍ୟଟିକୁ ପ୍ରଭାବିତ କରି ନ ଥାଏ। କିନ୍ତୁ ଏ କଥାଟି ମଧ୍ୟ ଠିକ୍ ଯେ ଜେନେରିକ ମେଡିସିନ ସମସ୍ତଙ୍କ କ୍ଷେତ୍ରରେ ସମାନ ଭାବରେ କାର୍ଯ୍ୟ କରେନି। ମୂଳ ଔଷଧର ଯେଉଁ ଡୋଜ୍‌ରେ ଜଣକର କାମ ହୋଇଯାଏ, ଜେନେରିକ ଔଷଧରେ କେବେ କେବେ ସେହି ଡୋଜ୍‌ରେ ପରିବର୍ତ୍ତନର ପ୍ରୟୋଜନ ପଡ଼େ।

### ସେ କ୍ଷେତ୍ରରେ ଉପାୟ?

ଚିକିତ୍ସକମାନଙ୍କ ମତରେ, ସାଧାରଣତଃ ରୋଗୀକୁ ସପ୍ତାହେ ଖଣ୍ଡେ ବ୍ରାଣ୍ଡେଡ୍ ଔଷଧ ଦେଇ ଶାରୀରିକ ଅବସ୍ଥା ପରୀକ୍ଷା କରିବା ପାଇଁ ହୁଏ। ତା'ପରେ ସମଗୋତ୍ରୀୟ ଜେନେରିକ୍ ଔଷଧ ଦିଆଯାଏ ସମାନ ସମୟ ପାଇଁ। ସେହି ଔଷଧ ଖାଇବା ପରେ ପୁନର୍ବାର ପରୀକ୍ଷା କରାଯାଏ। ଦୁଇଟି ଯାକର ଫଳାଫଳକୁ ଅନୁଧ୍ୟାନ କଲା ପରେ ଯାଇ ଜେନେରିକ ଔଷଧର ମାତ୍ରା ସମ୍ବନ୍ଧରେ ସିଦ୍ଧାନ୍ତ ନିଆଯାଏ। ପ୍ରୟୋଜନ ପଡ଼ିଲେ ଜେନେରିକ ଔଷଧର ଡୋଜ୍‌କୁ ଟିକିଏ ବଢ଼େଇ ଦେବା ପାଇଁ ପଡ଼େ। ଅନେକ ସମୟରେ ଜେନେରିକ ମେଡିସିନ୍ ସାଧାରଣ ଔଷଧ ତୁଳନାରେ ଟିକିଏ ଧୀରେ କାର୍ଯ୍ୟ କରେ। କିନ୍ତୁ ଚିକିତ୍ସକମାନଙ୍କ ମତ ହେଲା, ଏ ଦେଶରେ ଅଧିକାଂଶ ଲୋକ ନିମ୍ନମଧ୍ୟବିତ୍ତ ଶ୍ରେଣୀର। ମାସରେ ନିୟମିତ କେବଳ ଔଷଧ ପିଛାରେ ଟଙ୍କା ଖର୍ଚ୍ଚ କଲେ ହୁଏ ତ ଅନ୍ୟାନ୍ୟ ଖର୍ଚ୍ଚକୁ ତୁଲେଇବା କଷ୍ଟ ସାଧ୍ୟ ହୋଇପଡ଼ିବ। ସେକ୍ଷେତ୍ରରେ ଅର୍ଥ ଅଭାବରୁ ଔଷଧ ବ୍ୟବହାର ଅଧାରୁ ବନ୍ଦ କରିଦେବା ଅପେକ୍ଷା ଜେନେରିକ ମେଡିସିନ୍ ବରଂ ଭଲ। ତା'ର ଡୋଜ୍ ସାଧାରଣ ଔଷଧଠାରୁ ଟିକିଏ ବଢ଼େଇ ଦେଇ ହେଉ, କିମ୍ବା ଟିକିଏ ଧୀରେ କାର୍ଯ୍ୟ କରୁ ପଛେ, ରୋଗୀଟା ଅନ୍ତତଃ ସୁସ୍ଥ ତ ରହିବ। ରୋଗ ମଧ୍ୟ ନିୟନ୍ତ୍ରଣକୁ ଆସିଯିବ।

### ମାନସିକତାରେ ପାର୍ଥକ୍ୟ

ଆମେ ଜାଣୁ ଯେ ଔଷଧର କାର୍ଯ୍ୟକାରିତା ଅନେକଟା ନିର୍ଭର କରିଥାଏ ରୋଗୀର ମାନସିକ ଅବସ୍ଥା ଉପରେ। ଆମ ଦେଶରେ ରହିଛନ୍ତି ବିଭିନ୍ନ ଆର୍ଥିକ ଅବସ୍ଥାର ଲୋକ। ସେମାନଙ୍କ ମାନସିକତା ମଧ୍ୟ ଅଲଗା ହୋଇଥାଏ। ଟଙ୍କା ବ୍ୟବସ୍ଥା କରିବାରେ ସମସ୍ୟା ହେଲେ ମଧ୍ୟ ଅନେକଙ୍କର କମ୍ ଦାମ୍‌ର ଔଷଧ ଉପରେ ଭରସା ଆସେନି। ତେଣୁ ଡାକ୍ତର ଯେତେ ଆଶ୍ୱାସନା ଦେଲେ ବି ସେ କ୍ଷେତ୍ରରେ ଔଷଧ ଉପରେ ଭରସା ରଖି ଅଧାଅଧି ସୁସ୍ଥ ହୋଇଯା'ନ୍ତି। ସେ କ୍ଷେତ୍ରରେ ଜେନେରିକ ମେଡିସିନ୍ ହେଉ କିମ୍ବା ବ୍ରାଣ୍ଡେଡ୍, ଔଷଧ ଅନେକ ଦ୍ରୁତ କାର୍ଯ୍ୟ କରିବ। ସୁତରାଂ ମେଡିସିନ ଓ ତା'ର ଡୋଜ୍ ନିର୍ଦ୍ଧାରଣ କରାଯାଏ।

### ଜେନେରିକ ଔଷଧର ଦାମ ଏତେ କମ୍ କାହିଁକି ?

କୌଣସି ନୂତନ ଔଷଧର ଉଦ୍‌ଭାବନ ସମୟରେ ଗବେଷଣାର ତା'ର ପରୀକ୍ଷାନିରୀକ୍ଷା ଇତ୍ୟାଦିରେ ଗୋଟିଏ ବ୍ରାଣ୍ଡ ପାଇଁ ବିପୁଳ ଅର୍ଥ ବ୍ୟୟ କରିବା ପାଇଁ ହୋଇଥାଏ। ମାର୍କେଟିଂ ପାଇଁ ମଧ୍ୟ ଖର୍ଚ୍ଚ ହୁଏ ଅନେକ ଟଙ୍କା। କିନ୍ତୁ ଜେନେରିକ କମ୍ପାନୀଗୁଡିକର ସେସବୁ ଖର୍ଚ୍ଚ ନାହିଁ। ବଜାର ଚଳନ୍ତି ଔଷଧକୁ ହିଁ ସେମାନେ ନୂଆ ଭାବରେ ତିଆରି କରିଥା'ନ୍ତି। ଫଳରେ ସେମାନେ ଔଷଧର ଦାମ କମ୍ ରଖିପାରନ୍ତି। ପୁଣି ବଜାର ଦୃଷ୍ଟିରୁ ଦେଖିଲେ ଜେନେରିକ କମ୍ପାନୀଗୁଡିକ ବ୍ରାଣ୍ଡେଡ୍ ଔଷଧ ଭଳି ବେଶୀ ମାର୍କେଟିଂ ମଧ୍ୟ କରି ନଥା'ନ୍ତି। ଫଳରେ ଔଷଧ ତିଆରି ଖର୍ଚ୍ଚ ଅନେକ କମିଯାଏ। ପୁଣି ସମାନ ଔଷଧକୁ ଅନେକ କମ୍ପାନୀ ତିଆରି କରିବା ଯୋଗୁଁ ସେମାନେ ନିଜ ପ୍ରୟୋଜନ ଅନୁସାରେ ଦାମ୍ କମ୍ ରଖିଥା'ନ୍ତି।

### ପାର୍ଶ୍ୱ ପ୍ରତିକ୍ରିୟା ଥାଏ କି?

ସାଧାରଣତଃ ଜେନେରିକ୍ ମେଡିସିନ୍‌ର ସେପରି ଅତିରିକ୍ତ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। ତେବେ ଅନେକ ସମୟରେ ଆଲର୍ଜି, ମୁଣ୍ଡ ବୁଲେଇବା, ପେଟରେ ସମସ୍ୟା ଆଦି ହୋଇପାରେ। ହେଲେ ସମାନ ଗୋତ୍ରର ବ୍ରାଣ୍ଡେଡ୍ ଔଷଧ କ୍ଷେତ୍ରରେ ମଧ୍ୟ ତାହା ହୋଇପାରେ। ଏହାର ମୂଳ କାରଣ ଔଷଧରେ ଥିବା ସକ୍ରିୟ ଉପାଦାନ; ବ୍ରାଣ୍ଡ ବା ଜେନେରିକ୍ ନୁହେଁ। ସହାୟକ ଉପାଦାନଗୁଡିକ ସମାନ ହେଲେ ମଧ୍ୟ ଔଷଧର ରଙ୍ଗ ବା ଆବରଣ ଅଲଗା ହୋଇପାରେ। ସେକ୍ଷେତ୍ରରେ ସେହି ରଙ୍ଗ ବା ଆବରଣ. ଅନେକଙ୍କୁ ସୁଖ ହୋଇ ନଥାଏ। ସେଥିରୁ ବି ଆଲର୍ଜି ହୋଇପାରେ।

### ସତର୍କତା ପ୍ରୟୋଜନ

ଜେନେରିକ ଔଷଧ ନିରାପଦ। ଏହାସତ୍ତ୍ୱେ ଚିକିତ୍ସକଙ୍କୁ ନ ପଚାରି ନିଜେ ନିର୍ବାଚନ କରି ପକେଇ ସେହି ଔଷଧର ବ୍ୟବହାର ଆରମ୍ଭ କରିଦେବେନି। ସମାନ ଉପାଦାନ ଥାଉ ମଧ୍ୟ ଡୋଜ୍‌ରେ ପାର୍ଥକ୍ୟ ଥାଇପାରେ। ପୁଣି ପୂର୍ବରୁ ଅନ୍ୟ କୌଣସି ଶାରୀରିକ ସମସ୍ୟା କିମ୍ବା ଆଲର୍ଜି ହେଲେ ସବୁ ଜେନେରିକ୍ ମେଡିସିନ ସମାନ ଭାବରେ କାମ. କରିବନି। ଜେନେରିକ୍ ଔଷଧର ପରିଚୟରେ ବି ଅନେକ ସମୟରେ ନକଲି ଔଷଧ ଆସିଯାଏ ବଜାରକୁ। ସୁତରାଂ ନିଜେ ନିଜେ ଔଷଧ ଦୋକାନରେ କହି ଜେନେରିକ ଔଷଧ ନ କିଣି ଡାକ୍ତରଙ୍କ ପ୍ରେସ୍‌କ୍ରିପସନ ଦେଖେଇ ଔଷଧ କିଣିବା ଭଲ। ପରିଚିତ ନିର୍ଭରଯୋଗ୍ୟ ଔଷଧ ଦୋକାନ ବା ସରକାର ଅନୁମୋଦିତ ଜନଔଷଧି କେନ୍ଦ୍ରରୁ ଔଷଧ କିଣିବା ନିରାପଦ।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ମାନ ନିୟନ୍ତ୍ରଣ ଠିକ୍। ହେଲେ ମେଡିସିନ ଚିକିତ୍ସା କ୍ଷେତ୍ରରେ ନିରାପଦ ଏବଂ ଅର୍ଥନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ। ଚିକିତ୍ସକଙ୍କର ପରାମର୍ଶ, ଠିକ୍ ଡୋଜ୍ ଏବଂ ବିଶ୍ୱସ୍ତ ଉତ୍ସ – ଏହି ତିନିଟି ବିଷୟକୁ ମାନି ଚଳିଲେ ଜେନେରିକ ଔଷଧ ଅନେକ ରୋଗୀଙ୍କ ଚିକିତ୍ସାକୁ ସହଜ କରିପାରେ। ●

ଅଭୀପ୍ସା, ସେକ୍ଟର- ୬, ପ୍ଲଟ ନଂ – ୧୯୩୧
ଅଭିନବ ବିଡ଼ାନାସୀ, କଟକ - ୭୫୩୦୧୪



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୂର୍ବତଟ ରେଳପଥ ଜୋନ୍‌କୁ ଦୁର୍ବଳ କରୁଛି କେନ୍ଦ୍ର

# ଓଡ଼ିଶାର ହକ୍ ପାଇଁ ଗର୍ଜିଲେ ୧୧ ବିରୋଧୀ ଦଳ

ଭୁବନେଶ୍ୱର,୧୬।୪(ସମିସ): ୱାଲଟିୟର ରେଳ ଡିଭିଜନକୁ ପୂର୍ବତଟ ରେଳପଥ ଜୋନ୍‌କୁ ତୁରନ୍ତ ଫେରାଇବା ସହ ପଲାସା-ଇଚ୍ଛାପୁରମ୍ ରେଳ ଅଞ୍ଚଳ ସ୍ଥାନାନ୍ତରଣ ନିଷ୍ପତ୍ତି ବାତିଲ୍ ଦାବି ଜୋର୍ ଧରିଛି। କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ହୋଇଥିବା ଏହି ନିଷ୍ପତ୍ତିକୁ ବିରୋଧ କରି ଗୁରୁବାର

- ରେଳ କ୍ଷେତ୍ରରେ ଦାବି ପୂରଣ ପାଇଁ ରେଳ ସଦନ ଆଗରେ ଧାରଣା
- ପ୍ରଧାନମନ୍ତ୍ରୀ ଏବଂ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ

ରାଜ୍ୟରେ ୧୧ଟି ବିରୋଧୀ ଦଳ ଏକାଠି ହୋଇ ରେଳ କ୍ଷେତ୍ରରେ ଓଡ଼ିଶାର ହକ୍ ପାଇଁ ଗର୍ଜନ କରିଛନ୍ତି। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡିଠାରୁ ଆରମ୍ଭ କରି କଂଗ୍ରେସ ଓ ବାମଦଳଗୁଡ଼ିକର ନେତୃତ୍ୱମାନେ ଏକତ୍ରିତ ହୋଇ ଭୁବନେଶ୍ୱର ସ୍ଥିତ ରେଳ ସଦନ ସମ୍ମୁଖରେ ଧାରଣା ପ୍ରଦର୍ଶନ କରିଛନ୍ତି।

ଓଡ଼ିଶା ଭୂଖଣ୍ଡ ମଧ୍ୟରେ ଯାଇଥିବା ସମସ୍ତ ରେଳ ଅଞ୍ଚଳକୁ ପୂର୍ବତଟ ରେଳପଥ ଅଧୀନକୁ ଆଣିବା, ସୁନ୍ଦରଗଡ଼, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ରେଳ ଲାଇନ୍‌ଗୁଡ଼ିକୁ ପୂର୍ବତଟ ରେଳପଥରେ ଅନ୍ତର୍ଭୁକ୍ତ କରିବା, ରେଳ ରାଜସ୍ୱ, ନିଯୁକ୍ତି ଓ ଭିତ୍ତିଭୂମି ଉନ୍ନତିରେ ଓଡ଼ିଶାକୁ ତା'ର ନ୍ୟାୟସଂଗତ ହକ୍ ପ୍ରଦାନ ପାଇଁ ବିରୋଧୀ ଦଳର ନେତୃବୃନ୍ଦ ଦାବି କରିଛନ୍ତି। ଧାରଣା ପରେ ପ୍ରଧାନମନ୍ତ୍ରୀ ଓ ରେଳ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଧାରଣ ମହା ପ୍ରବନ୍ଧକଙ୍କ ଜରିଆରେ ୫ଦଫା ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।




ଗଣ ଧାରଣାରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ କଂଗ୍ରେସର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ପ୍ରସାଦ ହରିଚନ୍ଦନ, ତାରା ପ୍ରସାଦ ବାହିନୀପତି, ପଞ୍ଚାନନ କାନୁନଗୋ, ସିପିଆଇର ବରିଷ୍ଠ ନେତା ଡଃ ପ୍ରଶାନ୍ତ କୁମାର ମିଶ୍ର, ଜୟନ୍ତ ଦାସ, ଏନ୍ ନାରାୟଣ ରେଡ୍ଡୀ, ସୁର ଜେନା, ସିପିଆଇ(ଏମ) ର ବରିଷ୍ଠ ନେତା ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଅଲି କିଶୋର ପଟ୍ଟନାୟକ, ସନ୍ତୋଷ ଦାସଙ୍କ ସମେତ ସିପିଆଇ(ଏମଏଲ), ଫରୱାର୍ଡ ବ୍ଲକ, ଏନ୍‌ସିପି, ସମତା କ୍ରାନ୍ତି ଦଳ, ଜେଏମ୍‌ଏମ ଆଦି ୧୧ଟି ରାଜନୈତିକ ଦଳର ନେତାମାନେ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ବହୁ ବରିଷ୍ଠ ନେତାଙ୍କ ସହ ଅନନ୍ତ ସେଠୀ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଶିବାନନ୍ଦ ରାୟ, ପ୍ରକାଶ ଜେନା, ପ୍ରଫୁଲ୍ଲ ସାମଲ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ସିପ୍ରା ମଲ୍ଲିକ, ରଜନୀ କାନ୍ତ ମହାନ୍ତି, ଡଃ ମନୀଷ ଦାଶ ପଟ୍ଟନାୟକ, ପ୍ରଦୀପ୍ତ ନାୟକ,ସଂଘମିତ୍ରା ଜେନା ପ୍ରମୁଖ ବହୁ ନେତୃବୃନ୍ଦ ଗଣ ଧାରଣାରେ ଉଦବୋଧନ ଦେଇଥିଲେ। ଡବଲ ଇଞ୍ଜିନ ବିଜେପି ସରକାର ର ଓଡ଼ିଶା ବିରୋଧୀ ନୀତି ବିରୋଧରେ ଆଗାମୀ ଦିନରେ ରେଳବାଇ ପ୍ରସଙ୍ଗ ସହିତ ରାଜ୍ୟବାସୀଙ୍କ ସ୍ୱାର୍ଥ ସମ୍ବଳିତ ସମସ୍ୟା ଉପରେ ପ୍ରସଙ୍ଗ ଭିତ୍ତିକ ଏକତା ଏବଂ ସଂଗ୍ରାମ ଜାରି ରହିବ ବୋଲି ୧୧ଟି ବିରୋଧୀ ଦଳର ନେତାମାନେ ଘୋଷଣା କରିଛନ୍ତି।

# ନୂଆଦିଲ୍ଲୀରେ ବିଜୁଙ୍କ ଶ୍ରଦ୍ଧାଞ୍ଜଳି ସଭା ଆଜି

## ଯୋଗଦେବେ ନବୀନ

ଭୁବନେଶ୍ୱର,୧୬।୪(ସମିସ): ଆସନ୍ତାକାଲି ପ୍ରବାଦ ପୁରୁଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କର ୨୯ତମ ଶ୍ରାଦ୍ଧ ବାର୍ଷିକ। ଏହିକ୍ରମରେ ବିଜେଡି ସଂସଦୀୟ ଦଳ ପକ୍ଷରୁ ନୂଆଦିଲ୍ଲୀଠାରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଛି। ଦିଲ୍ଲୀସ୍ଥିତ କନ୍‌ଷ୍ଟିଚ୍ୟୁସନ କ୍ଲବ୍ ପରିସରରେ ଥିବା ଡେପୁଟି ଚେୟାରମେନ୍ ହଲ୍‌ରେ ଏହି ସଭା ଅନୁଷ୍ଠିତ ହେବ। ଏଥିରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବେ ବୋଲି ବିଜେଡି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ସିବିଏସ୍‌ଇ ଟପର୍‌ଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୬।୪(ସମିସ): ଚଳିତ ସିବିଏସଇ ୧୦ମ ଶ୍ରେଣୀ ପରୀକ୍ଷାରେ ୫୦୦ରୁ ୫୦୦ ମାର୍କ ରଖି ସଫଳତା ହାସଲ କରିଥିବା ପୁରୀର ସମୀର କୁମାର ରଥ ଓ ରେଣୁପ୍ରଭା ଦାସଙ୍କ ଝିଅ ଟିନା ରଥ ଏବଂ ଭୁବନେଶ୍ୱର ୟୁନିଟ୍-୯ ସ୍ଥିତ ସୁଦର୍ଶନ ବିଶ୍ୱାଳ ଓ ସୌଦାମିନୀ ମଲ୍ଲିକ୍‌ଙ୍କ ଝିଅ ଆଲିଶା ବିଶ୍ୱାଳ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା



**ନିଷ୍ଠା ଓ ପରିଶ୍ରମ ଜାରି ରଖି, ଲକ୍ଷ୍ୟ ନିଶ୍ଚୟ ହାସଲ କରିବ: ମୁଖ୍ୟମନ୍ତ୍ରୀ**

ଭବନରେ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଉଭୟ ଟପର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି ଉଲ୍ଲେଖନୀୟ ସଫଳତା ପାଇଁ ସମ୍ବର୍ଦ୍ଧିତ କରି ରୂପା ତାରକସିର ଉପହାର ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଉଭୟ ଛାତ୍ରୀ ଭବିଷ୍ୟତରେ ଜଣେ ଜଣେ ଡାକ୍ତର ହେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ କହିଥିଲେ। ଟିନା ଭବିଷ୍ୟତରେ କାର୍ଡିଓଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଥିବା ବେଳେ, ଆଲିଶା ନ୍ୟୁରୋଲୋଜିଷ୍ଟ ହେବାର ଲକ୍ଷ୍ୟ ରଖିଛନ୍ତି। ନିଷ୍ଠା ଓ ପରିଶ୍ରମ ଜାରି ରଖି, ନିଜର ଲକ୍ଷ୍ୟରେ ନିଶ୍ଚୟ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଆଶୀର୍ବାଦ ଦେବା ସହ ଏହି ସଫଳତା ରାଜ୍ୟର ଅନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣା ସୃଷ୍ଟି କରିବ ବୋଲି କହିଛନ୍ତି।

# ଗୁଣାତ୍ମକ ହେବ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର,୧୬।୪(ସମିସ): ଓଡ଼ିଶାରେ ନର୍ସିଂ ସେବା, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଅଣସଂକ୍ରାମକ ରୋଗ ଚିକିତ୍ସା, ପୁଷ୍ଟିସାଧନ ଏବଂ ଜରୁରୀକାଳୀନ ପ୍ରସୂତି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଓଡ଼ିଶା ସରକାର ଏବଂ ଜିପାଇଗୋ(ଜନ୍ ହପ୍ କିନ୍ସ ଆନ୍ତର୍ଜାତୀୟ ସ୍ତ୍ରୀ ରୋଗ, ପ୍ରସୂତି ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ଉପଲକ୍ଷେ ଲୋକସଭା ଭବନ ସଭାଗୃହରେ ଆୟୋଜିତ ସଭାରେ ସ୍ୱତନ୍ତ୍ର ଶାସନ ସଚିବ ଡ. ସନ୍ତୋଷ ମିଶ୍ର ଏବଂ ଜିପାଇଗୋର ଜାତୀୟ ନିର୍ଦ୍ଦେଶକ ଡ. ଅମିତ୍ ଶାହ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ଏ ବିଷୟରେ ସୂଚନା ଦେଇ ମନ୍ତ୍ରୀ ଡ. ମହାଲିଙ୍ଗ କହିଥିଲେ ଯେ ବୁଝାମଣାପତ୍ର ଦ୍ୱାରା ଜିପାଇଗୋ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ସହଯୋଗିତା ଓ ସହଭାଗିତା ପ୍ରତିଷ୍ଠା ହେବ। ମୁଖ୍ୟତଃ ସ୍ୱାସ୍ଥ୍ୟସେବାର ବିଶ୍ଳେଷଣ, ଯୋଜନା ଓ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ବୈଷୟିକ ସହାୟତା, ବିଭିନ୍ନ ଜିଲ୍ଲା ଓ ରାଜ୍ୟ ମଧ୍ୟରେ ଅଭିଜ୍ଞତା ଓ ଶିକ୍ଷାର ଆଦାନପ୍ରଦାନ, ବିଶ୍ୱସ୍ତରୀୟ ସର୍ବୋତ୍ତମ ପ୍ରଣାଳୀଗୁଡ଼ିକୁ ଓଡ଼ିଶାର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟାନ୍ୱୟନ, ରାଜ୍ୟରେ ସ୍ୱାସ୍ଥ୍ୟସେବାରେ ବିଶ୍ୱସ୍ତରୀୟ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ବୈଷୟିକ ପରାମର୍ଶ, ଡାକ୍ତରୀ ଶିକ୍ଷା ଓ ପ୍ରଶିକ୍ଷଣ ବ୍ୟବସ୍ଥାର ଦୃଢ଼ୀକରଣ, ପ୍ରଶିକ୍ଷକମାନଙ୍କର ଦକ୍ଷତା ବିକାଶ, ଡିଜିଟାଲ ଏବଂ ଇ-ଲର୍ଣ୍ଣିଂ ପ୍ଲାଟଫର୍ମର ବ୍ୟବହାର, ସିମୁଲେଶନ ଆଦି ଏହି ସହଯୋଗିତାର ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମକୁ ଉପଶାସନ ସଚିବ ଅରୁଣା ତ୍ରିପାଠୀ ସଂଯୋଜନା କରିଥିଲେ।

**ଓଡ଼ିଶା ସରକାର ଏବଂ ଜିପାଇଗୋ ମଧ୍ୟରେ ବୁଝାମଣା**

## ଇନ୍‌ଫିନିଟି ରିଅଲ୍‌କନ୍ ଚିଟ୍‌ଫଣ୍ଡ ମାମଲା

# ୧୦ ବର୍ଷ ପରେ ନିର୍ଦ୍ଦେଶକ ପ୍ରବୀର ମୁଖାର୍ଜୀଙ୍କୁ ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ

କଟକ, ୧୬।୪ (ସମିସ): ବହୁଚର୍ଚ୍ଚିତ ଇନ୍‌ଫିନିଟି ରିଅଲକନ୍ ଲିମିଟେଡ୍(ଆଆରଏଲ) ଚିଟ୍‌ଫଣ୍ଡ ଠକେଇ ମାମଲାରେ ଦୀର୍ଘ ୧୦ବର୍ଷ ଧରି ଜେଲ୍‌ରେ ଥିବା କମ୍ପାନୀର ଅନ୍ୟତମ ନିର୍ଦ୍ଦେଶକ ପ୍ରବୀର କୁମାର ମୁଖାର୍ଜୀଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ପ୍ରବୀରଙ୍କୁ ୫ଲକ୍ଷ ଟଙ୍କା ଏବଂ ଦୁଇ ଜଣ ଜାମିନଦାରଙ୍କ ବଦଳରେ ହାଇକୋର୍ଟ ଏହି ଜାମିନ ମଞ୍ଜୁର କରିଛନ୍ତି। ପ୍ରବୀର କୁମାର ମୁଖାର୍ଜୀଙ୍କ ତରଫରୁ ରୁଜୁ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ 'ମେସର୍ସ ଇନଫିନିଟି ରିଅଲକନ୍ ଲିମିଟେଡ୍' କୌଣସି ବୈଧ ଅନୁମତି ବିନା ସାଧାରଣ ଜନତାଙ୍କୁ ଅଧିକ ସୁଧର ଲୋଭ ଦେଖାଇ ପ୍ରାୟ ୫୬୫କୋଟି ଟଙ୍କା ଜମା ସଂଗ୍ରହ କରିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସିବିଆଇ ଏହି ମାମଲାର ତଦନ୍ତ ଭାର ଗ୍ରହଣ କରିଥିଲା। ତଦନ୍ତରୁ ଜଣାପଡ଼ିଥିଲା ଯେ ଜମାକାରୀଙ୍କର ପ୍ରାୟ ୩୪୩କୋଟି ଟଙ୍କା ଫେରସ୍ତ କରାଯାଇନାହିଁ। ପ୍ରବୀରଙ୍କୁ ୧୪ ସେପ୍ଟେମ୍ବର ୨୦୧୬ରେ ଗିରଫ କରାଯାଇଥିଲା ଏବଂ ସେବେଠାରୁ ସେ ହାଜତରେ ରହିଛନ୍ତି। ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ସିଏମ୍‌ଡି ପ୍ରଣବ ମୁଖାର୍ଜୀ ଏବଂ ଅନ୍ୟ ସହ-ଅଭିଯୁକ୍ତମାନେ ପୂର୍ବରୁ ସର୍ବୋଚ୍ଚ ଅଦାଲତ ଏବଂ ହାଇକୋର୍ଟରୁ ଜାମିନ ପାଇ ସାରିଛନ୍ତି।

## ସୋଫିଆଙ୍କ ବିରୋଧରେ କଂଗ୍ରେସର ରଣହୁଙ୍କାର

# ସାହସ ଥିଲେ ଇସ୍ତଫା ଦେଇ ନିର୍ବାଚନ ଲଢ଼ନ୍ତୁ

ଭୁବନେଶ୍ୱର,୧୬।୪(ସମିସ): କଟକ ବାରବାଟୀର ନିଲମ୍ବିତ କଂଗ୍ରେସ ବିଧାୟିକା ସୋଫିଆ ଫିରଦୋସ ସଦ୍ୟ ଆତ୍ମ ପ୍ରକାଶ କରିଥିବା ଓଡିଶା ଜନ କଂଗ୍ରେସ ଦଳର ଦଳୀୟ ସମାବେଶ ମଞ୍ଚକୁ ଯାଇ ଭାଷଣ ଦେବା ସାମ୍ବିଧାନିକ ନିୟମ ଓ କଂଗ୍ରେସର ଆଚରଣ ବିଧି ଉଲଂଘନ କରୁଛି। ନିଲମ୍ବିତ ବିଧାୟିକା ଅନ୍ୟଦଳକୁ ଯାଇ ଭାଷଣ ଦେବା କଂଗ୍ରେସ ଦଳକୁ କ୍ଷୁବ୍ଧ କରିଛି ଏବଂ କଟକ କଂଗ୍ରେସ ପକ୍ଷରୁ ତାଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି ବୋଲି ଗୁରୁବାର ଭୁବନେଶ୍ୱରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ କୁହାଯାଇଛି।

କଂଗ୍ରେସ ଭବନରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି କହିଛନ୍ତି, ନୈତିକତା ଦୃଷ୍ଟିରୁ ସୋଫିଆ ଇସ୍ତଫା ଦେବା ଆବଶ୍ୟକ। ତାଙ୍କର କାର୍ଯ୍ୟକଳାପ ନିର୍ବାଚିତ ପ୍ରତିନିଧି ଆଚରଣବିଧିର ଦଶମ ପରିଚ୍ଛେଦ ନିୟମାନୁଯାୟୀ ଗର୍ହିତ ଓ ଏଥିପାଇଁ ତାଙ୍କ ସଭ୍ୟପଦ ରଦ୍ଦ ହୋଇପାରେ। ତେଣୁ ନିଜ ସମ୍ମାନ ରଖି ସେ ଇସ୍ତଫା ଦିଅନ୍ତୁ ଓ ପୁନର୍ବାର ନିର୍ବାଚନ ଲଢ଼ିବାର ସାହସିକତା ଦେଖାନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି । କଟକ ନଗର



କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର କହିଛନ୍ତି, ପୂର୍ବରୁ ଏଭଳି ଏକ ଘଟଣା ପାଇଁ ଶରଦ ଯାଦବଙ୍କ ସଦସ୍ୟପଦ ରଦ୍ଦ ହୋଇଥିବାର ନଜିର ରହିଛି। ତେଣୁ ସେହି ନ୍ୟାୟରେ ସୋଫିଆଙ୍କ ସଭ୍ୟପଦ ମଧ୍ୟ ରଦ୍ଦ ହେବା ଉଚିତ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହିତ ଆଲୋଚନା ପରେ କଂଗ୍ରେସର ଏକ ପ୍ରତିନିଧି ଦଳ ବାଚସ୍ପତିଙ୍କ ନିକଟରେ ଏ ନେଇ ଅଭିଯୋଗ ପତ୍ର ଦାଖଲ କରିବ ବୋଲି ସେ ସୂଚନା ଦେଇଛନ୍ତି।

ପୂର୍ବତନ ପିସିସି ସମ୍ପାଦକ ବିଶ୍ୱଜିତ ଦାସ କହିଛନ୍ତି ଯେ, ନୂଆ ରାଜନୈତିକ ଦଳ ଆତ୍ମପ୍ରକାଶ କରିଛି। ଏହାର ପ୍ରତିଷ୍ଠାତା ମହମ୍ମଦ ମୋକିମ ପୂର୍ବରୁ କଂଗ୍ରେସରୁ ନିଲମ୍ବିତ ହୋଇଛନ୍ତି। ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆଶା ଥିଲା, ସୋଫିଆ କଂଗ୍ରେସର ନେତୃତ୍ୱ ନେବେ; କିନ୍ତୁ ସେ ନିଜ ବାପାଙ୍କ ପଥ ଅନୁସରଣ କରି ବିଶୃଙ୍ଖଳିତ ଆଚରଣ ପାଇଁ ଦଳରୁ ନିଲମ୍ବିତ ହେଲେ। ତେଣୁ ତାଙ୍କର ଇସ୍ତଫା ଦେବା ସମସ୍ତଙ୍କ ପାଇଁ ଶୁଭଙ୍କର ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ କର୍ପୋରେଟର ଓ ମୁଖପାତ୍ର ସୋଫିଆଙ୍କୁ ଅନ୍ୟ ଦଳରୁ ନିର୍ବଚନ ଲଢ଼ି ଲଢି ଜିତି ପ୍ରମାଣିତ କରନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି।

## ୮୦ ବର୍ଷୀୟା ବୃଦ୍ଧାଙ୍କୁ ଦୁଷ୍କର୍ମ ମାମଲା

# ଦୋଷୀର ଦଣ୍ଡ କୋହଳ କଲେ ହାଇକୋର୍ଟ

କଟକ, ୧୬।୪ (ସମିସ): ଜଣେ ୮୦ ବର୍ଷୀୟା ବୃଦ୍ଧାଙ୍କୁ ଦୁଷ୍କର୍ମ ମାମଲାରେ ତଳ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ୨୬ ବର୍ଷୀୟ ଯୁବକର ଦଣ୍ଡକୁ କୋହଳ କରିଛନ୍ତି ହାଇକୋର୍ଟ। ୨୦୧୯ ସେପ୍ଟେମ୍ବରରେ ଅନୁଗୋଳ ଦୌରାଜଜ୍ ପ୍ରଦାନ କରିଥିବା ୧୨ବର୍ଷର ଜେଲ୍ ଦଣ୍ଡାଦେଶକୁ ୧୦ବର୍ଷକୁ କୋହଳ କରିଛନ୍ତି ହାଇକୋର୍ଟ। ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏପରି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ତରଫରୁ ଯୁକ୍ତି ଦର୍ଶାଯାଇଥିଲା ଯେ ଘଟଣାସ୍ଥଳରେ କୌଣସି ନିରପେକ୍ଷ ସାକ୍ଷୀ ନ ଥିଲେ ଓ ୮୦ ବର୍ଷର ଜଣେ ବୃଦ୍ଧାଙ୍କୁ ୨୬ ବର୍ଷର ଯୁବକ ଦୁଷ୍କର୍ମ କରିବା ଯୁକ୍ତିସଂଗତ ନୁହେଁ।

ମାମଲାରୁ ପ୍ରକାଶ ଯେ ଏହି ଅଭାବନୀୟ ଘଟଣା ଗତ ୨୦୧୭ ସେପ୍ଟେମ୍ବର ୧୧ ତାରିଖରେ ଅନୁଗୋଳ ଜିଲ୍ଲା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଏକ ଗାଁ ପୋଖରୀ ନିକଟରେ ଘଟିଥିଲା। ପୋଖରୀକୁ ଗାଧୋଇବାକୁ ଯାଇଥିବା ଜଣେ ବୃଦ୍ଧାଙ୍କୁ ଅନିଲ ନାଥ ଦୁଷ୍କର୍ମ କରିବା ସହ ପଥରରେ ଆକ୍ରମଣ କରିଥିଲେ। ଏହି ଘଟଣା ସମ୍ପର୍କରେ ପୀଡ଼ିତା ବୃଦ୍ଧାଙ୍କ ନାତି ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିଲା। ଅନୁଗୋଳ ଜିଲ୍ଲା ଦୌରାଜଜ୍ ୧୦ ସେପ୍ଟେମ୍ବର ୨୦୧୯ରେ ଏହି ମାମଲାର ବିଚାର କରି ଅଭିଯୁକ୍ତ ଅନିଲ ନାଥକୁ ଆଇପିସି ଧାରା ୩୭୬(୧) ଅନୁଯାୟୀ ୧୨ ବର୍ଷର କଠୋର କାରାଦଣ୍ଡ ଓ ୧୦ହଜାର ଟଙ୍କା ଜରିମାନା ଆଦେଶ ଶୁଣାଇଥିଲେ। ଏହା ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

# ୨ ହୋଟେଲରେ ସେକ୍ସ ରାକେଟ୍

ଭଦ୍ରକ, ୧୬।୪ (ସମିସ): ସେକ୍ସ ରାକେଟ୍ ଚାଲିଥିବା ଖବର ପାଇ ଭଦ୍ରକ ଟାଉନ ପୁଲିସ ଓ ଗ୍ରାମାଞ୍ଚଳ ପୁଲିସ ୨ଟି ହୋଟେଲରେ ଚଢ଼ଉ କରି ୨ଯୁବତୀଙ୍କୁ ଉଦ୍ଧାର କରିବା ସହ ୪ ଗ୍ରାହକଙ୍କୁ ଗିରଫ କରିଛନ୍ତି। ୨ ଥାନା ପୁଲିସ ୨ଜଣ ଲେଖାଏଁ ଗ୍ରାହକଙ୍କୁ ଗିରଫ କରିଥିବା ଜଣାଯାଇଛି।

**୪ ଗ୍ରାହକ ଗିରଫ, ୨ ଯୁବତୀ ଉଦ୍ଧାର**

ସୂଚନାଯୋଗ୍ୟ, ହୋଟେଲରେ ସେକ୍ସ ରାକେଟ୍ ଚାଲିଥିବା ନେଇ ଖବର ପାଇ ୨ଟି ଥାନା ପକ୍ଷରୁ ଚଢ଼ଉ ହୋଇଥିଲା। ଭଦ୍ରକ ସହରାଞ୍ଚଳ ପୁଲିସ ଭଦ୍ରକ ସହରର ରାଜଘାଟ ଛକ ନିକଟରେ ଏକ ଥିବା ହୋଟେଲରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଜଣେ ଯୁବତୀଙ୍କ ସହ ୨ଗ୍ରାହକଙ୍କୁ ଗିରଫ କରିଥିଲା ପୁଲିସ। ସେହିଭଳି ଧାମରା ବ୍ରିଜ୍ ନିକଟ ଏକ ହୋଟେଲରେ ଚଢ଼ଉ କରି ୨ ଗ୍ରାହକଙ୍କୁ ଗିରଫ କରିବା ସହ ଜଣେ ଯୁବତୀଙ୍କୁ ଉଦ୍ଧାର କରିଥିଲା। ଉଦ୍ଧାର ୨ ଯୁବତୀଙ୍କ ବୟାନ ରେକର୍ଡ ସହ ଡାକ୍ତରୀମାଇନା କରାଯାଇଛି। ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ୪ ଗ୍ରାହକଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ୍ ସୂଚନା ଦେଇଛି। ସୂଚନାଯୋଗ୍ୟ, ଏହି ୨ଟି ହୋଟେଲରେ ଦୀର୍ଘ ୨ମାସ ହେବ ସେକ୍ସ ରାକେଟ୍ ଚାଲିଥିବା ପୁଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

# ପତ୍ନୀ 'ଛାଡ଼ି ଚାଲିଯିବା' ଆଧାରରେ ଛାଡ଼ପତ୍ର ମିଳିଲେ ବି ସ୍ୱାମୀଙ୍କୁ ଭରଣପୋଷଣ ଦେବାକୁ ପଡ଼ିବ: ହାଇକୋର୍ଟ

କଟକ, ୧୬।୪ (ସମିସ): ପତ୍ନୀ ନିଜ ଇଚ୍ଛାରେ ସ୍ୱାମୀଙ୍କୁ ଛାଡ଼ି ଚାଲିଯାଇଥିବା ଆଧାରରେ ଯଦି ସ୍ୱାମୀଙ୍କ ସପକ୍ଷରେ ଛାଡ଼ପତ୍ର ରାୟ ଆସେ, ତଥାପି ପତ୍ନୀଙ୍କୁ ସ୍ୱାମୀ ଭରଣପୋଷଣ ଦେବା ଦାୟିତ୍ୱରୁ ମୁକ୍ତ ହୋଇପାରିବେ ନାହିଁ। ଏକ ଦାମ୍ପତ୍ୟ ବିବାଦ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ସିଆରପିସିର ଧାରା ୧୨୫ ଅନୁଯାୟୀ ପତ୍ନୀଙ୍କୁ ଗୁଜୁରାଣ ଅର୍ଥ ପ୍ରଦାନ କରିବାରେ ଏହା କୌଣସି ଆଇନଗତ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ। ମାମଲାର ଶୁଣାଣି କରି ଡ. ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ରାୟ ଦେଇଛନ୍ତି।

ବିଏନ୍‌ଏସ୍‌ଏସ୍‌ର ଧାରା ୧୪୪ (ପୂର୍ବର ସିଆରପିସି ଧାରା ୧୨୫) ଅନୁଯାୟୀ, ସ୍ୱାମୀଙ୍କୁ ଛାଡ଼ି ପତ୍ନୀ ଚାଲିଯାଇଥିବା କାରଣରୁ ଛାଡ଼ପତ୍ର ମିଳିଥିଲେ ମଧ୍ୟ, ଛାଡ଼ପତ୍ର ପରବର୍ତ୍ତୀ ସମୟରେ ଭରଣପୋଷଣ ପାଇବା ପାଇଁ ଏହା କୌଣସି ବାଧା ସୃଷ୍ଟି କରେ ନାହିଁ ବୋଲି ଅଦାଲତ କହିଛନ୍ତି। ଏଥିସହ କେବଳ ପତ୍ନୀଙ୍କ ଦ୍ୱାରା ପରିତ୍ୟାଗ କରିବା ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥିବାରୁ ଭରଣପୋଷଣ ଆବେଦନ ଶୁଣାଣି ଯୋଗ୍ୟ ନୁହେଁ ବୋଲି ସ୍ୱାମୀଙ୍କ ତରଫରୁ କରାଯାଇଥିବା ଯୁକ୍ତିକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।

ମାମଲାରୁ ପ୍ରକାଶ, ଗତ ୨୦୦୩ ଡିସେମ୍ବର ୫ରେ ବିବାହ କରିଥିବା ଜଣେ ମହିଳା ୨୦୦୪ ଜାନୁଆରୀ ୧୫ରେ ଶ୍ୱଶୁରଘର ଛାଡ଼ି ପଳାଇଥିଲେ। ଏହାସହ ସ୍ୱାମୀଙ୍କୁ ଛାଡ଼ପତ୍ର ମଧ୍ୟ ଦେଇଥିଲେ। ଏହି ମାମଲାରେ ପତ୍ନୀଙ୍କୁ ଭରଣପୋଷଣ ପାଇଁ ମାସିକ ୨୦ ହଜାର ଟଙ୍କା ଦେବାକୁ ଅଦାଲତ ସ୍ୱାମୀଙ୍କୁ ଆଦେଶ ଦେଇଥିଲେ। ଏହି ଛାଡ଼ପତ୍ର ବିବାଦ ହାଇକୋର୍ଟରେ ପହଞ୍ଚିଥିବା ବେଳେ ଗତ ୨୦୨୩ ନଭେମ୍ବରରେ ଛାଡ଼ପତ୍ରକୁ ମଞ୍ଜୁର କରିଥିଲେ ହାଇକୋର୍ଟ। ଏଥିସହ ପୂର୍ବରୁ ନିମ୍ନ ଅଦାଲତ ଦ୍ୱାରା ଧାର୍ଯ୍ୟ ଅର୍ଥକୁ 'ସ୍ଥାୟୀ ଗୁଜୁରାଣ ଭାବେ ବିବେଚିତ କରିଥିଲେ। ଏହି ପରିପ୍ରେକ୍ଷୀରେ ପତ୍ନୀ ଭରଣପୋଷଣ ଅର୍ଥ ପାଇଁ ଆବେଦନ କରିଥିଲେ, ଯାହାକୁ ସ୍ୱାମୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ମଧ୍ୟ ଅଦାଲତ ତାହାକୁ ଖାରଜ କରିଦେଇଛନ୍ତି।

## କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା

# ଅନୁସୂଚିତ ଜାତି ଆୟୋଗଙ୍କୁ ବିଜେଡିର ସ୍ମାରକପତ୍ର

ଭୁବନେଶ୍ୱର,୧୬।୪(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ୧୨ ବର୍ଷୀୟ ଆଦିବାସୀ ଛାତ୍ରୀ ରୂପାଲି ବେଶ୍ରାଙ୍କ ମୃତ୍ୟୁ ଏବଂ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହେବା ଘଟଣାରେ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି ବିଜେଡି। ଏହି ଘଟଣାରେ ନ୍ୟାୟ ସୁନିଶ୍ଚିତ କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆୟୋଗ ତତ୍କାଳ ପଦକ୍ଷେପ ନେବାକୁ ଦଳ ଦାବି କରିଛି।

- ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ତତ୍କାଳ ହସ୍ତକ୍ଷେପ ଦାବି
- ଦାୟିତ୍ୱ ନିର୍ଦ୍ଧାରଣ, କ୍ଷତିପୂରଣ ଓ ପ୍ରଣାଳୀଗତ ସଂଶୋଧନ ପାଇଁ ଆହ୍ୱାନ

ଦଳର ଅଭିଯୋଗ ଅନୁଯାୟୀ, ଗତ ୧୨ ତାରିଖରେ ଏହି ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ବାସି ଖାଦ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି, ଯାହା ଖାଦ୍ୟ ସୁରକ୍ଷା ମାନଦଣ୍ଡର ଗୁରୁତର ଉଲ୍ଲଙ୍ଘନ ଓ ପ୍ରଶାସନର ଚରମ ଅବହେଳାକୁ ପ୍ରକାଶ କରିଛି। ଅନୁସୂଚିତ ଜାତିର ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଚାଲୁଥିବା ଏହି ଆବାସିକ ସଂସ୍ଥାନରେ ନିର୍ଦ୍ଧାରିତ ପୋଷଣ ମାନଦଣ୍ଡ ଅନୁଯାୟୀ ତାଜା ଓ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯିବାକୁ ପ୍ରାବଧାନ ରହିଛି। କିନ୍ତୁ ବଳକା ଖାଦ୍ୟ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବାରୁ ଏପରି ଗୁରୁତର ଅସୁସ୍ଥତା ସୃଷ୍ଟି ହୋଇଛି। ଏହି ଖାଦ୍ୟ ଖାଇ ରୂପାଲି ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବା ବେଳେ ଅନ୍ୟମାନେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ଦାୟୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ, ମୃତକଙ୍କ ପରିବାରରୁ ଜଣଙ୍କୁ ସରକାରୀ ଚାକିରି ଦେବାକୁ ବିଜେଡି ଦାବି କରିଛି। ଏଥିସହ ସମସ୍ତ ଆଶ୍ରମ ସ୍କୁଲରେ ଖାଦ୍ୟ ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ସହ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ଚିକିତ୍ସା ଓ ପୁନର୍ବାସ ବ୍ୟବସ୍ଥା କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏହା ସହିତ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷ ମୟୂରଭଞ୍ଜ ଜିଲ୍ଲାକୁ ଗସ୍ତ କରି ଘଟଣାସ୍ଥଳରେ ପରିସ୍ଥିତିର ସମୀକ୍ଷା କରିବାକୁ ଦଳ ଅନୁରୋଧ କରିଛି। ଅଧ୍ୟକ୍ଷଙ୍କ ଗସ୍ତ ମୃତ ଛାତ୍ରୀଙ୍କ ପରିବାରବର୍ଗ ଓ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ପରିବାରବର୍ଗଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ଆଦିବାସୀ ସମୁଦାୟର ଅଧିକାର ସୁରକ୍ଷା ପ୍ରତି ଆଶାକୁ ସୁଦୃଢ଼ କରିବ। ଆଦିବାସୀ ଶିଶୁମାନଙ୍କ ଜୀବନ ଓ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସେମାନଙ୍କୁ ସୁରକ୍ଷିତ ରଖିବା ନିତାନ୍ତ ଆବଶ୍ୟକ ବୋଲି ଦଳ ସ୍ମାରକପତ୍ରରେ ଉଲ୍ଲେଖ କରିଛି। ସ୍ମାରକପତ୍ର ପ୍ରଦାନ ବେଳେ ବିଜେଡିର ବରିଷ୍ଠ ନେତାମାନେ ଯଥା ସୁଦାମ ମାରାଣ୍ଡି, ଡ. ପ୍ରିୟବ୍ରତ ମାଝୀ, ସାନନ୍ଦ ମାରାଣ୍ଡି, କୃଷ୍ଣାନନ୍ଦ ମହାନ୍ତି, ରାଜକିଶୋର ଦାସ, ଭାରତୀ ହାଁସଦା, ପ୍ରୀତିନନ୍ଦା କାନୁନଗୋ, ଡ. ଦେବାଶିଷ ମାରାଣ୍ଡି, ଦେବାଶିଷ ମହାନ୍ତି, ଗଣେଶ୍ୱର ପାତ୍ର, ସୁନିଲ ନାୟକ, ଜିତେନ୍ଦ୍ର ମହାନ୍ତି, ସୁବ୍ରମଣିୟମ ମହାନ୍ତି, ସୀମା ଦାସ, ଗଙ୍ଗାଧର ହେମ୍ବ୍ରମ ଏବଂ ଦୁଷ୍ମନ୍ତ ମହାନ୍ତ ପ୍ରମୁଖ ସାମିଲ ଥିଲେ।

## ବିଜେପିକୁ ବିଜେଡିର ସିଧା ପ୍ରଶ୍ନ

# ଓଡ଼ିଶାର ପ୍ରତିନିଧିତ୍ୱ ହ୍ରାସ ପ୍ରସଙ୍ଗରେ ନିରବ କାହିଁକି ?

ଭୁବନେଶ୍ୱର,୧୬।୪(ସମିସ): ଡିଲିମିଟେସନ ପରେ ଦେଶର ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ କମିଯିବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଛି ତାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଓଡିଶାର ସାଂସଦମାନଙ୍କୁ ଚିଠି ଲେଖିଛନ୍ତି। ଏହାକୁ ଗୁରୁତର ସହ ନେବା ପରିବର୍ତ୍ତେ ବିଜେପିର କିଛି ନେତା ପ୍ରଦାନ କରିଥିବା ଟିପ୍ପଣୀକୁ କଟୁ ଭାଷାରେ ସମାଲୋଚନା କରିଛି ବିଜେଡି। ରାଜ୍ୟର ହିତ ଦୃଷ୍ଟିରୁ ନବୀନ ଉଠାଇଥିବା ପ୍ରସଙ୍ଗ ପରିବର୍ତ୍ତେ ରାଜ୍ୟବାସୀଙ୍କୁ ଏଣୁତେଣୁ ଗପ କହି ଭୁଆଁ ବୁଲାଇବାରୁ ବିରତ ରହିବାକୁ ବିଜେଡି ପରାମର୍ଶ ଦେଇଛି। ଏହା ସହ ଓଡ଼ିଶାର ପ୍ରତିନିଧିତ୍ୱ ଜାତୀୟସ୍ତରରେ ହ୍ରାସ ପ୍ରସଙ୍ଗରେ କାହିଁକି ବିଜେପି ନେତାମାନେ ନିରବ ରହିଛନ୍ତି, ତାହାକୁ ନେଇ ମଧ୍ୟ ବିଜେଡି ପ୍ରଶ୍ନ ଉଠାଇଛି । ଶଙ୍ଖ ଭବନରେ ଦଳର ଗଣମାଧ୍ୟମ ସଂଯୋଜକ ଲେନିନ ମହାନ୍ତି ଓ ମୁଖପାତ୍ର ମିହିର ରାୟ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ରର ନିଷ୍ପତ୍ତି ବିରୋଧରେ ରାଜ୍ୟ ବିଜେପି ସରକାର ବାରମ୍ବାର ବିଫଳ ହେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଲେନିନ ମହାନ୍ତି କହିଛନ୍ତି ଯେ ମହିଳା ମାନଙ୍କୁ ସାମ୍ବିଧାନିକ ପଦବୀରେ ସଂରକ୍ଷଣ ପ୍ରଦାନ କ୍ଷେତ୍ରରେ ସମଗ୍ର ଦେଶରେ ପ୍ରଥମେ ପ୍ରବାଦ ପୁରୁଷ ବିଜୁ ବାବୁ ଓ ପରେ ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ। ଡିଲିମିଟେସନ ମାଧ୍ୟମରେ ସଂସଦର ଆସନ ସଂଖ୍ୟା ବୃଦ୍ଧି ପ୍ରସ୍ତାବ ପ୍ରସଙ୍ଗରେ ନବୀନ ପଟ୍ଟନାୟକ ପ୍ରାୟ ଏକ ବର୍ଷ ତଳୁ ଜନସଂଖ୍ୟା ଆଧାରରେ ଆସନ ବୃଦ୍ଧି ହେଲେ ଓଡ଼ିଶାର ପ୍ରତିନିଧିତ୍ୱ କମିବାର ଆଶଙ୍କା କରିଥିଲେ। ଏବେ ତାହା ସତ୍ୟ ହେବାକୁ ଯାଉଛି। ରାଜ୍ୟର ହିତ ଦୃଷ୍ଟିରୁ ଏ କ୍ଷେତ୍ରରେ ବିଜେପି ନେତାମାନେ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଅନ୍ୟାୟକୁ ଢ଼ାଙ୍କିବାକୁ କାମ କରୁଛନ୍ତି । ଏହା ଅତ୍ୟନ୍ତ ନିନ୍ଦନୀୟ ଓ ରାଜ୍ୟବାସୀଙ୍କ ପ୍ରତି ବିଶ୍ୱାସଘାତକତା ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

- ଏଣୁତେଣୁ କଥା କହି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଅ ନାହିଁ
- ବର୍ଷକ ତଳୁ ପ୍ରତିନିଧିତ୍ୱ ହ୍ରାସ ଆଶଙ୍କା କରିଥିଲେ ନବୀନ
- ମହିଳା ସଂରକ୍ଷଣରେ ବିଜୁ ଓ ନବୀନଙ୍କ ଉଦ୍ୟମ ଅତୁଳନୀୟ

ମିହିର ରାୟ କହିଛନ୍ତି ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ସାଂସଦମାନଙ୍କୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିଠି ଲେଖି ସଂସଦରେ ଓଡ଼ିଶାର ପ୍ରତିନିଧିତ୍ୱ ହ୍ରାସକୁ ବିରୋଧ କରିବାକୁ ପ୍ରସ୍ତାବ ଦେଇଛନ୍ତି। ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା ପ୍ରତ୍ୟେକ ଓଡ଼ିଆର ଧର୍ମ। କ୍ଷମତାରେ ଥିବା ଦୃଷ୍ଟିରୁ ବିଜେପି ଏ କ୍ଷେତ୍ରରେ ଅଧିକ ସକ୍ରିୟ ହେବା କଥା, ମାତ୍ର ରାଜ୍ୟର ସ୍ୱାର୍ଥରକ୍ଷା ଅପେକ୍ଷା ବିଜେପି ସ୍ୱାର୍ଥହାନି ପାଇଁ ପ୍ରୟାସ କରୁଥିବା ମନେ ହେଉଛି। ନବୀନ ଉଠାଇଥିବା ପ୍ରସଙ୍ଗରେ ମନ୍ତବ୍ୟ ଦେବା ପରିବର୍ତ୍ତେ ରାହୁଲଙ୍କ ସହ ନବୀନ ସ୍ୱର ମିଳାଉଥିବା ଟିପ୍ପଣୀ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ହୀନମନ୍ୟତାକୁ ଦର୍ଶାଉଛି। ସଂସଦରେ ଓଡିଶାର ପ୍ରତିନିଧିତ୍ୱ ହ୍ରାସ ପ୍ରସଙ୍ଗରେ ନିରବ ରହି ଆଇନ ମନ୍ତ୍ରୀ ଓ ଭୁବନେଶ୍ୱର ସାଂସଦ କଥାକୁ ଗୋଳମାଳିଆ କରିଛନ୍ତି। ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ଲଗାତର ଭାବେ ବିଭିନ୍ନ ପ୍ରସଙ୍ଗରେ ଓଡ଼ିଶା କେନ୍ଦ୍ର ଅବହେଳାର ଶିକାର ହେଉଥିବା ବେଳେ ରାଜ୍ୟ ବିଜେପି ସରକାର ଓ ୨୦ ବିଜେପି ସାଂସଦ ନିରବତା ରହସ୍ୟମୟ ବୋଲି ମିହିର କହିଛନ୍ତି ।



# ଖରାଦିନେ ଖୁସି ଖୋଜୁଛନ୍ତି ରାଜଧାନୀବାସୀ

## ନଦୀ, ପୋଖରୀ ଓ ୱାଟରପାର୍କରେ ଭିଡ଼

ଭୁବନେଶ୍ୱର, ୧୬।୪(ସମିସ):ବର୍ତ୍ତମାନ ରାଜଧାନୀରେ ପାରଦ ୪୦ଡିଗ୍ରୀ ଟପିଥିବା ବେଳେ ଅସହ୍ୟ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଲୋକମାନଙ୍କ ଡେଷ୍ଟିନେସନ୍ ପାଲଟିଛି 'ଜଳାଶୟ'।ରାଜଧାନୀରେରହିଥିବା ଅଧିକାଂଶ ପୁରାତନ ଜଳାଶୟ ଗୁଡ଼ିକ ପୋତି ହୋଇ ବ୍ୟବହାର ହେଉନଥିଲେ ମଧ୍ୟ ଯେଉଁ କେତୋଟି ହାତଗଣତି ଜଳାଶୟ ରହିଛି ସେଥିରେ ଗାଧୋଇବାର ମଜା ନେଉଛନ୍ତି ସହରବାସୀ। ଏହାସହ ନଦୀ, ବିଭିନ୍ନ ହୋଟେଲରେ ରହିଥିବା ସୁଇମିଂପୁଲ ସାଙ୍ଗକୁ ୱାଟରପାର୍କରେ ମଧ୍ୟ ଯୁବଗୋଷ୍ଠୀଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।



**■ ସୁଇମିଂପୁଲରେ ମଜା ନେଉଛନ୍ତି ଛୋଟପିଲା**

ତାତି ବଢ଼ିବା ସାଙ୍ଗକୁ ନଦୀ ପୋଖରୀରେ ମନଭରି ଗାଧୋଇବାକୁ ଆଗ୍ରହୀ ହୋଇଛନ୍ତି ରାଜଧାନୀବାସୀ। ଏଥିପାଇଁ ସୂର୍ଯ୍ୟ ମୁଣ୍ଡ ଉପରକୁ ଆସିବା କ୍ଷଣି ନଦୀ ପୋଖରୀକୁ ଧାଉଁଛନ୍ତି ଲୋକେ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାଜଧାନୀର ବିଭିନ୍ନ ସ୍ଥାନରେ ରହିଥିବା ପୁରାତନ ଜଳାଶୟରେ। ବିଶେଷ କରି ଖରାବେଳେ ଅଧିକ ପିଲାଙ୍କଠାରୁ ବୟସ୍କ ଯାଏ ଜଳାଶୟରେ ଗାଧୋଇଥିବା ସହ ପାଣି ଭିତରେ ପହଁରିବାକୁ ବେଶ୍ ଉପଭୋଗ କରୁଛନ୍ତି। ସେହିପରି ବିନ୍ଦୁ ସାଗରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଏଠାରେ ପୁରୁଣାଭୁବନେଶ୍ୱରର ବିଭିନ୍ନ ଗଳି କନ୍ଦିର ଯୁବଗୋଷ୍ଠୀମାନେ ଏକାଠି ଗାଧୋଇବା ସହ ଗୁଳୁଗୁଳିରୁ ରକ୍ଷା ପାଇଁ ନିୟମିତ ୨ରୁ ୩ଘଣ୍ଟା ପାଣି ଭିତରେ ମଜା ମସ୍ତି କରୁଥିବା କହିଛନ୍ତି। ସହରରେ ରହୁଥିବା ଅଧିକାଂଶ ଲୋକେ ଭଡ଼ା ଘରେ ରହନ୍ତି। ତେଣୁ ପୋଖରୀରେ ଗାଧୋଇବାର ଅନୁଭୂତିକୁ ଅନୁଭବ କରିପାରନ୍ତିନି। ଘରେ ପାଣି ଟାଙ୍କି ଖରାରେ ତାତି ଯାଉଥିବାରୁ ଗାଧୋଇବାକୁ ଶାନ୍ତି ଲାଗେନି। ତେଣୁ ଖରାଦିନ ଆରମ୍ଭରୁ ବର୍ଷା ଆରମ୍ଭ ଯାଏ ପ୍ରତିଦିନ ଆମେ ପ୍ରାୟ ସାହିର ପିଲାମାନେ ଏଠାକୁ ଆସି ୨ରୁ ୩ଘଣ୍ଟା ଧରି ପାଣି ଭିତରେ ମଜା ମସ୍ତି କରନ୍ତି, ଯାହା ବାଥରୁମରେ ଗାଧୋଇବାରେ ମିଳି ନଥାଏ ବୋଲି ଏଠାରେ ଗାଧୋଇଥିବା ପିଲାମାନେ କହିଛନ୍ତି। ସେହିପରି ପାପଡ଼ହା, ଯଦୁପୁର, ଲକ୍ଷ୍ମୀସାଗର ଆଦି ସ୍ଥାନରେ ମଧ୍ୟ ରହିଥିବା ଜଳାଶୟ ଗୁଡ଼ିକରେ ଗାଧୋଇବା ପାଇଁ ସ୍ଥାନୀୟ ଲୋକଙ୍କ ଆଗ୍ରହ ଦେଖିବାକୁ ମିଳୁଛି।

ତେବେ ଖରାଦିନେ ଖୋଲା ପାଣିରେ ମନଭରି ଗାଧୋଇବାକୁ ଯୁବଗୋଷ୍ଠୀମାନେ ଧାଉଁଛନ୍ତି ବିଭିନ୍ନ ୱାଟର ପାର୍କକୁ। ସେଉଁଠାରେ ମ୍ୟୁଜିକ୍ ସହ ଗାଧୋଇବାର ଏକ ନିଆରା ଅନୁଭୂତିକୁ ଉପଭୋଗ କରୁଛନ୍ତି। ଗାଧୋଇବା ସାଙ୍ଗକୁ ଫଟୋଗ୍ରାଫି ଏବଂ ରିଲିସ୍ କରିବାକୁ ଅଧିକାଂଶ ଯୁବଗୋଷ୍ଠୀ ପସନ୍ଦ କରିଥାନ୍ତି। ଯାହାର ଝଲକ୍ ନିୟମିତ ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥାଏ। ସେହିପରି ଛୋଟ ପିଲାମାନେ ମଧ୍ୟ ସହରର ବଡ଼ ବଡ଼ ହୋଟେଲରେ ଥିବା ସୁଇମିଂପୁଲରେ ଏହି ମଜା ନେଉଥିବା ଦେଖିବାକୁ ମିଳିଛି।

**ପୁରୁଣା ଫଟୋ**
**ପୁରୁଣା ସ୍ମୃତି**



ଭୁବନେଶ୍ୱର, ୧୬।୪(ସମିସ): କେମିତି ଦିଶୁଥିଲା ସେଦିନର ଭୁବନେଶ୍ୱର।ଆଜି ଭଳି କୋଳାହଳ ନା ଭରପୂର ଜଙ୍ଗଲ ନା ଅଲଗା କିଛି। ସେଦିନର କଥା କୁ ଯିଏ ଦେଖିଛି ସିଏ ଜାଣିବ। ଆଉ ଯିଏ ଦେଖି ନାହିଁ ସେ କେମିତି ଫେରିପାରିବ ସେ ପୁରୁଣା ଦିନ ପାଖକୁ। ସାରାଟା ସ୍ମୃତି, ସ୍ୱର୍ଣ୍ଣିମ ଐତିହ୍ୟର ଡାକକୁ କେମିତି ଶୁଣି ପାରିବ ଏ ନୂଆ ପିଢ଼ିର ମଣିଷ। ତା ପାଇଁ ତ ମାଧ୍ୟମ କେବଳ ଆଉ କେବଳ ସେ ସମୟର ସ୍ଥିର ଚିତ୍ର। ଅର୍ଥାତ୍ ମନେ ପଡ଼ିଯିବ ପୁରୁଣା ଦିନର ଅଭୁଲା କଥା।

ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଅନେକ ଗୁଡ଼ିଏ ନୂଆ ପୁରୁଣା ଫଟୋ ମଧ୍ୟରୁ ଏହି ଫଟୋ ଅନ୍ୟତମ। ଯେଉଁଟି ୬୦ ବର୍ଷ ପୂର୍ବେ ରାଜଧାନୀର ୟୁନିଟ-୧ ମାର୍କେଟର ଅନେକ ବର୍ଷ ପୁରୁଣା ଫଟୋ ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ଫଟୋଟି କେବଳ ପୁରୁଣା ସମୟକୁ ମନେ ପକାଉନି ବରଂ ଓଡ଼ିଆ ପରମ୍ପରା ଏବଂ ବେଶ ପୋଷାକର ଝଲକ ମଧ୍ୟ ପରିଲକ୍ଷିତ ହେଉଛି। ଯେଉଁଥିରେ ପୁରୁଷ ମାନେ ଧୋତି ପିନ୍ଧିଥିବାବେଳେ ମହିଳାମାନେ ଶାଢ଼ୀ ଏବଂ ଓଢଣାରେ ରହିଛନ୍ତି। ଏହି ଫଟୋଟି ୬୦ ବର୍ଷ ପୁରୁଣା ହୋଇଥିବାବେଳେ ଜଣେ ବିଦେଶୀ ପର୍ଯ୍ୟଟକଙ୍କ ୱାଲ୍ଟ ବ୍ରାଉନଙ୍କ କ୍ୟାମେରାରେ ଏହା କଏଦ ହୋଇଥିବା ଜଣାପଡ଼ିଛି।

## ସିବିଏସ୍‌ଇ ଦଶମ ପରୀକ୍ଷାରେ ରୟାଲ ପବ୍ଲିକ୍ ସ୍କୁଲର ସଫଳତା

ଭୁବନେଶ୍ୱର, ୧୬।୪(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍ଇ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ ରୟାଲ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର ଓ ରୟାଲ ପବ୍ଲିକ୍ ସ୍କୁଲ, ମଇତାପୁର, ବାଲେଶ୍ୱରର ଛାତ୍ରଛାତ୍ରୀମାନେ ଚଳିତ ବର୍ଷ ମଧ୍ୟ ଶ୍ରେଷ୍ଠ ପ୍ରଦର୍ଶନ କରିପାରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱରର ୧୪୦ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ଆଶୁତୋଷ ଲେଙ୍କା ସର୍ବାଧିକ ୯୭.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ୧୭ ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତ ବା ତଦୂର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ୨୯ ଜଣ ୮୫ ପ୍ରତିଶତ ବା ଊର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେହିପରି ରୟାଲ ପବ୍ଲିକ୍ ସ୍କୁଲ, ମଇତାପୁର, ବାଲେଶ୍ୱରର ୧୦୪ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ଓମ୍ ପ୍ରୟାସ ଅଗସ୍ତି ସର୍ବାଧିକ ୯୭.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରି ବିଦ୍ୟାଳୟପାଇଁ ଗୌରବ ଆଣିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଚେୟରମ୍ୟାନ୍ ଡ଼. ବିଷ୍ଣୁମୋହନ ମହାନ୍ତି ଏହି କୃତି ପ୍ରତିଭାମାନଙ୍କୁ ହୃଦିକ ଅଭିନନ୍ଦନ ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଭାଇସ୍ ଚେୟାରମ୍ୟାନ୍ ମିଲନ୍ ମହାନ୍ତି ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଗୁଣାତ୍ମକ ଶିକ୍ଷାପ୍ରଣାଳୀ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିଷ୍ଠା ଓ ସମୟୋପଯୋଗୀ ପରାମର୍ଶ ଯୋଗୁଁ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି ମତପ୍ରକାଶ କରିଛନ୍ତି।

## ସଶକ୍ତ ନାରୀ ଶକ୍ତି ବନ୍ଦନ ଆଲୋଚନାଚକ୍ର

ଭୁବନେଶ୍ୱର, ୧୬।୪(ସମିସ): ଓଡ଼ିଶା ଲେଖିକା ସଂସଦ ଦ୍ୱାରା ସଶକ୍ତ ନାରୀ ଶକ୍ତି ବନ୍ଦନ ଆଲୋଚନାଚକ୍ର ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାର ପ୍ରଥମ ଅଧିବେଶନରେ କମଳ କୁମାରୀ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ ଉଦଘାଟକ ଭାବେ ଯୋଗଦେଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମହିଳା କମିସନ ଶୋଭନା ମହାନ୍ତି, ରାଜ୍ୟ ସଂଗ୍ରହାଳୟ ଅଧ୍ୟକ୍ଷ ଡ. ଭାରତୀ ପାଲ, ଡ. ଶକୁନ୍ତଳା ବଳିଆରସିଂ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କାନନବାଳା ପଟ୍ଟନାୟକ। କନକକୁମାରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ଡ. ଅଞ୍ଜଳି ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ଚମ୍ପକଚାନ୍ଦିନୀ ଦାସ, ନିରୁପମା କରଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ କବୟିତ୍ରୀ କବିତା ପାଠ କରିଥିଲେ।

## ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମିତ ଶିଶୁକୁ ସମ୍‌ରେ ନୂଆ ଜୀବନ




ଭୁବନେଶ୍ୱର, ୧୬।୪(ସମିସ):ଜନ୍ମ ହେବାର ନିର୍ଦ୍ଧାରିତ ସମୟ ପୂର୍ବରୁ ୨୬ ସପ୍ତାହରେ ଜନ୍ମିତ ମାତ୍ର ୭୭୨ ଗ୍ରାମ ଓଜନର ଶିଶୁ କନ୍ୟାର ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲର ନବଜାତ ଶିଶୁରୋଗ ବିଭାଗର ଡାକ୍ତରୀ ଟିମ୍। ଶିଶୁକନ୍ୟା ଜନ୍ମ ହେବା ପରେ ନିଶ୍ୱାସ ପ୍ରଶ୍ୱାସ ନେବାରେ ଭିଷଣ କଷ୍ଟ ଅନୁଭବ କରିବାରୁ ତାକୁ ତୁରନ୍ତ ନବଜାତ ଶିଶୁରୋଗ ବିଭାଗର ଆଇସିୟୁରେ ଭର୍ତି କରାଯାଇଥିଲା। ଶିଶୁଟିକୁ ମେକାନିକାଲ୍ ଭେଣ୍ଟିଲେସନ୍ ଏବଂ ଆଡଭାନ୍ସ ଲାଇଫ ସପୋର୍ଟରେ ରଖାଯାଇ ଚିକିତ୍ସା କରାଯିବା ଦ୍ୱାରା ଶିଶୁଟିର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଥିଲା। ତେବେ ଶିଶୁଟି ୩ ମାସ ହସ୍ପିଟାଲ୍‌ର ଏନ୍‌ଆଇସିୟୁରେ ରହି ସୁସ୍ଥ ହୋଇପାରିଥିଲା। ନବଜାତ ଶିଶୁରୋଗ ବିଭାଗର ମୁଖ୍ୟ ପ୍ରଫେସର ଡ. ଦେବାଶିଷ ନନ୍ଦ ଡାକ୍ତରୀ ଟିମ୍‌ର ନିରନ୍ତର ପ୍ରଚେଷ୍ଟା ଏବଂ ଶିଶୁର ବାପା-ମା'ଙ୍କର ଧୈର୍ଯ୍ୟ ଓ ସହଯୋଗକୁ ପ୍ରଶଂସା କରିଥିଲେ। ତେବେ ଏହି ଡାକ୍ତରୀ ଟିମ୍‌ରେ ଡ. ଭାବଗ୍ରାହୀ ମଲ୍ଲିକ, ଡ. ରତନ କୁମାର ଦାସ, ଡ. ବିଜୟ କୁମାର, ଡ. ବିନୀତ କୁମାର ପାଣିଗ୍ରାହୀ, ଡ. ସୁରେଶ କୁମାର ତ୍ରିପାଠୀ, ଡ. ପାୟଲ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ୨୫ଜଣଙ୍କୁ 'ସୁଯୋଗ୍ୟ ଓଡ଼ିଆ ସମ୍ମାନ'

ଭୁବନେଶ୍ୱର, ୧୫।୪(ସମିସ): ସାଂସ୍କୃତିକ ଅନୁଷ୍ଠାନ ନମାମି ମନ୍ଦାକିନୀ, ସଂସ୍କୃତି ବିଭାଗ, ସୁବାର୍ତ୍ତା ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଓଡ଼ିଶା ନାଗରିକ ମହାମଞ୍ଚ ଆନୁକୂଲ୍ୟରେ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଅଭିଯାନର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନାରେ ରବୀନ୍ଦ୍ର ମଣ୍ଡପରେ ବରପୁତ୍ର ଓ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ନବବର୍ଷର ଶୁଭାରମ୍ଭ କରାଯାଇଥିଲା। ଏହି ଅବସରରେ ବୁଦ୍ଧ ମନ୍ଦିର ପରିସରରେ ସଂକୀର୍ତ୍ତନ ସାହିତ୍ୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ 'ନମାମି ମନ୍ଦାକିନୀ ନବବର୍ଷ 'କାର୍ଯ୍ୟକ୍ରମକୁ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ, ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଂଗ୍ରାମ କୁମାର ପାଇକରାୟ ପ୍ରମୁଖ ଯୋଗଦେଇ ନବବର୍ଷର ପ୍ରାସଙ୍ଗିକତା, ପୁଜ୍ୟ ପରମ୍ପରା, ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ୨୫ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'ସୁଯୋଗ୍ୟ ଓଡ଼ିଆ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର

ବାଲିଅନ୍ତା, ୧୬।୪(ସମିସ): ଓଡ଼ିଶା ରାଜ୍ୟ ମହିଳା ସୁରକ୍ଷା ଆୟୋଗ ଆନୁକୂଲ୍ୟରେ ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ସରକାରୀ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ମହିଳା ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସଭାରେ ସିଡିପିଓ ଉର୍ମିଳା ସାହୁ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଉର୍ମିଳା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ନ୍ୟାୟିକ ବ୍ୟବସ୍ଥାର ବିଭିନ୍ନ ଦିଗ ଉପରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ପ୍ରୋଜେକ୍ଟ ଅଫିସର ସୌଦାମିନୀ ଦାସ, ଦୀପ୍ତିମୟୀ ପଣ୍ଡା, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରମାମଣୀ ଦେଇ, ବ୍ଲକ ମିଶନ ଶକ୍ତି ସଂଯୋଜିକା ଲୋପାମୁଦ୍ରା ମଲ୍ଲିକ ପିକକର ବ୍ଲକ ସଂଯୋଜିକା ଉପମା ମହାନ୍ତି ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଶ୍ରାବଣୀ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆମ୍ବେଦକର ଜୟନ୍ତୀ



ଭୁବନେଶ୍ୱର, ୧୬।୪(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ୧୩୫ତମ ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଫେସର କଳିଙ୍ଗ କେତକୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ଛାତ୍ରଛାତ୍ରୀମାନେ ଉଦ୍‌ବୋଧନ ଦେଇ ଆମ୍ବେଦକରଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡ. ପୁଷ୍ପଲତା ନେଗୀ ଧନ୍ୟବାଦ୍ ଦେଇଥିଲେ। ପ୍ରତିଷ୍ଠାନର ପ୍ରଶାସନିକ ଅଧିକାରୀ, ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ସମକ୍ଷ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର, ୧୬।୪(ସମିସ): ସମକ୍ଷ ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଗୁରୁବାର ଭଞ୍ଜକଳା ମଣ୍ଡପରେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରୁଦ୍ରପ୍ରସାଦ ସ୍ୱାଇଁ ଓ ଅନନ୍ୟା ପରିଡ଼ାଙ୍କ ଦ୍ୱାରା ପ୍ରତିଷ୍ଠିତ ଟ୍ରଷ୍ଟ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ମହୋତ୍ସବରେ ଅନେକ ନିପୁଣ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଅତିଥି ତଥା ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳ କାନ୍ତି ଦାସ, ଆଇଏସ୍ ରାଜଶ୍ରୀ ପଟ୍ଟନାୟକ, ସିଏଚ୍‌ଏସ୍‌ଇ ଉପାଧ୍ୟକ୍ଷା ଶୁଭ୍ରବାଳା ବେହେରା ସିଏଚ୍‌ଏସ୍‌ଇ ସଚିବ ଓ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ରତିକାନ୍ତ ମହାପାତ୍ର ଏହି ଉତ୍ସବରେ ଯୋଗ ଦେଇଥିଲେ। ଚଳିତ ବର୍ଷ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡି ଗୁରୁ ଧନେଶ୍ୱର ସ୍ୱାଇଁଙ୍କୁ ତୃତୀୟ ସମକ୍ଷ କଳା ସମ୍ମାନ ଓ ରୂପକ କୁମାର ପରିଡ଼ାଙ୍କୁ ସମକ୍ଷ ଯୁବ ସମ୍ମାନରେ ସମ୍ମାନିତ କରାଯାଇଛି। ପରେ



ପରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହୋତ୍ସବର ଏହି ସନ୍ଧ୍ୟାରେ କାର୍ଯ୍ୟକ୍ରମକୁ ଆଲୋକ ସଂଯୋଜନା କରିଥିଲେ।

## କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲ ପକ୍ଷରୁ 'କୀର୍ତ୍ତି କଳ୍ପନା'

ଭୁବନେଶ୍ୱର, ୧୬।୪(ସମିସ): କିଟ୍ ଫେସନ୍ ଟେକ୍ନୋଲୋଜି ସ୍କୁଲର ଫେସନ୍ ଶୋ 'କୀର୍ତ୍ତି କଳ୍ପନା' ୧୪ତମ ସଂସ୍କରଣ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମିସ୍ ଇଣ୍ଡିଆ ସଂଗଠନର ଜାତୀୟ ନିର୍ଦ୍ଦେଶକ, ବ୍ରାଣ୍ଡ ଏବଂ ଅପରେସନ୍ସ ମୁଖ୍ୟ ନତାଶା ଗ୍ରୋଭର୍, ଦିଲ୍ଲୀର ବିଶିଷ୍ଟ ଫେସନ୍ ଡିଜାଇନ ଅନୁଜ ଦୁର୍ଗା ଶର୍ମା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ପ୍ରଫେସର ରାଜୁ କେ.ଡି., କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଫେସନ୍‌ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସ୍କୁଲର ଡିନ୍ ଡ. ରାଜୀବ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ବାଉରୀ ରାଉଳା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥି, ଜୁରି ସଦସ୍ୟ ଏବଂ କୃତୀ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଇଭେଣ୍ଟ ବ୍ରୋସର ଉନ୍ମୋଚିତ ହୋଇଥିଲା।




## 'ଦିବ୍ୟ ବିବାହ'ରେ ହେବ ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତଦାନ

ଭୁବନେଶ୍ୱର, ୧୬।୪(ସମିସ): ରୁଚିକା ସାମଜମଙ୍ଗଳ ସଂଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବେଣୁଧର ସେନାପତି ନିଜ ଝିଅ ଶୁଭଶ୍ରୀଙ୍କ ନିଆରା ବାହାଘର କରିବାକୁ ଯାଉଛନ୍ତି। ତିନିଦିନ ଧରି ଚାଲିବାକୁ ଏହି 'ଦିବ୍ୟ ବିବାହ' ଉତ୍ସବର ପ୍ରଥମ ଦିନ ଅର୍ଥାତ୍ ୧୭ ତାରିଖରେ ଥାଲାସେମିଆ ରୋଗୀଙ୍କ ପାଇଁ ଶ୍ରୀରାମନଗରସ୍ଥିତ ରୁଚିକା ସମାଜମଙ୍ଗଳ ସଂଗଠନ କାର୍ଯ୍ୟାଳୟରେ କମିସନରେଟ୍ ପୁଲିସ, ବିଏମ୍‌ସି ବ୍ଲଡ ବ୍ୟାଙ୍କ, ମିଶନ ରକ୍ତଦାନ ଏବଂ ରୁଚିକା ସମାଜ ମଙ୍ଗଳ ସଂଗଠନର ମିଳିତ ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ। ଦ୍ୱିତୀୟ ଦିନରେ ବିଭିନ୍ନ ଅନାଥଆଶ୍ରମର ଅନ୍ତେବାସୀ ଏବଂ ଅସହାୟ ମହିଳାଙ୍କୁ ବସ୍ତ୍ର ପ୍ରଦାନ କରାଯିବ। ତୃତୀୟ ଦିନରେ ଜୀବନଜ୍ୟୋତି ଆଶ୍ରମରେ 'ବସ୍ତ୍ରସେବା କାର୍ଯ୍ୟକ୍ରମ' ଏବଂ ଆଦୃତ ଚିଲଡ୍ରେନସ୍ ହୋମ ଠାରେ 'ଦିବ୍ୟ ବିବାହ' ଏବଂ ବୃକ୍ଷଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଏଫ୍‌ଏଫ୍‌ସି ପକ୍ଷରୁ ବିଷୁବ ମିଳନ



ଭୁବନେଶ୍ୱର, ୧୬।୪(ସମିସ): ୱାକର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ୍ ପକ୍ଷରୁ ମହାବିଷୁବ ସଂକ୍ରାନ୍ତି, ମହାବୀର ଜୟନ୍ତୀ ଓ ଭାରତ ରତ୍ନ ଡ଼. ବାବାସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପଥଚାରୀଙ୍କ ଉଦ୍ଦେଶ୍ୟରେ ପଣା ବିତରଣ କରିବା ସହିତ ପକ୍ଷୀମାନଙ୍କ ପାଇଁ ସମସ୍ତଙ୍କ ଘର ଛାତ ଉପରେ ମାଟି ପାତ୍ରରେ ପାଣି ପଖିବା ଓ ପାର୍କରେ ରଖିବାକୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏଫ୍‌ଏଫ୍‌ସିର ସଭାପତି ସୁଧାକର ଷଡ଼ଙ୍ଗୀ, ସମ୍ପାଦକ ସୈଭାଗ୍ୟ ନାୟକ, ପୂର୍ବତନ ସଭାପତି କେଦାର ପଟ୍ଟନାୟକ, ଆଶିଷ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଦୀପ୍ତ ପଣ୍ଡା ଓ ପିଆର୍‌ଓ ଅମୀୟ ଶର୍ମା ଓ୍ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ସରିଲା ପାଇକରାପୁର ଭଗବତ ମେଳନ

ବଡ଼ରଘୁନାଥପୁର, ୧୬।୪(ସମିସ): ରାଜଧାନୀ ଉପକଣ୍ଠସ୍ଥ ପାଇକରାପୁର ଗ୍ରାମରେ ଭଗବତ ବାସୁଦେବଙ୍କ ମେଳନ ଉତ୍ସବ ତଥା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗତ ୧୦ ତାରିଖରେ ପାଇକରାପୁର ନୂଆ ମେଳନ ଜମାଣ ହୋଇଥିବା ବେଳେ ୧୪ ତାରିଖରେ ରାଜଧାନୀ ଅପେରା ପକ୍ଷରୁ ଯାତ୍ରା ନାଟକ ପରିବେଷଣ କରାଯାଇଥିଲା। ସେହିଭଳି ଗତ ୧୩ ତାରିଖରେ ପାଇକରାପୁର ପୁରୁଣା ମେଳନ ଜମାଣ ହୋଇ ମଙ୍ଗଳବାର ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାର ଘୋଡ଼ା ନାଚ ସମେତ ନିଆଁ ବନାଟି ଖେଳ ବେଶ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଏଥିପାଇଁ ପୁରୁଣା ମେଳନ ପଡ଼ିଆରେ ଯାତ୍ରା ଉତ୍କଳ ରଙ୍ଗମଞ୍ଚ ପକ୍ଷରୁ ଯାତ୍ରା ନାଟକ ପରିବେଷଣ କରାଯାଇଥିଲା। ସେହିଭଳି ଉଭୟ ମେଳନ ପଡ଼ିଆରେ ହରିହର ଭେଟ ଏବଂ ରଙ୍ଗ ଖେଳ ମଧ୍ୟ ଅନୁଷ୍ଠିତ ହୋଇଥିଲା। ପୁରୁଣା ମେଳନ ପଡ଼ିଆରେ ଗୁରୁବାର ହରିହର ଭେଟ କାର୍ଯ୍ୟକ୍ରମରେ ୩୦ଟି ପ୍ରକାଶ ଥାଉ କି ନିକଟରେ ଜାଗସରା, ମଦନପୁର, ମଳିପଡ଼ା, କାଇମାଟିଆ ଆଦି ଗ୍ରାମର ମେଳନ ମଧ୍ୟ ଗ୍ରାମର ଦୋଳ ସାମିଲ ହୋଇଥିଲେ। ରଙ୍ଗ ଖେଳ ସମେତ ଆଧ୍ୟାତ୍ମିକ ପରିବେଷରେ ଥାନପତିଙ୍କ ପକ୍ଷରୁ ଅନ୍ୟ ଦୋଳକୁ ମେଲାଣି ଦିଆଯାଇଥିଲା। ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟେକ ଗ୍ରାମରେ ଯାତ୍ରା ନାଟକ ସମେତ ଜମାଣ ପ୍ରସେସନ ଏବଂ ହରିହର ଭେଟ ଅନୁଷ୍ଠିତ ହୋଇଥିଲା।



## ପ୍ରଥମ ପର୍ଯ୍ୟାୟ ଗୃହ ଗଣନା ଆରମ୍ଭ

ଭୁବନେଶ୍ୱର, ୧୬।୪(ସମିସ): ବିଏମ୍‌ସି ଅଞ୍ଚଳରେ ଆରମ୍ଭ ହେଲା ୨୦୨୭ର ପ୍ରଥମ ପର୍ଯ୍ୟାୟ ଗୃହ ଗଣନା। ଗୁରୁବାର ଠାରୁ ଘରକୁ ଘର ବୁଲି ଗୃହ ଗଣନା କାର୍ଯ୍ୟ କରାଯାଉଛି। ଏହି ପ୍ରଥମ ପର୍ଯ୍ୟାୟ ଗୃହ ଗଣନା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଗୋଷ୍ଠୀରେ ଶୁଭାରମ୍ଭ ପୂର୍ବକ ଗଣନା ବାବଦରେ ବୁଝାଇଛନ୍ତି ମେୟର ସୁଲୋଚନା ଦାସ। ବିଏମ୍‌ସି କମିସନର ତଥା ପ୍ରିନ୍ସିପାଲ ସେନ୍ସସ ଅଫିସର ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶରେ ନିୟୋଜିତ ହୋଇଥିବା ୩୩୦୦ ଏନୁମରେଟର ଓ ସୁପରଭାଇଜର ଭୁବନେଶ୍ୱରର ବିଭିନ୍ନ ସ୍ଥାନକୁ ଯାଇଥିଲେ। ୩୫ ନମ୍ବର ୱାର୍ଡର ଭଗବତୀ ବସ୍ତିରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାଏ, ବିଏମ୍‌ସିର ଜନଗଣନା ଅଧିକାରୀ ପ୍ରିୟଦର୍ଶିନୀ ଜେନା, ବିଡିଏ, ବିଏମ୍‌ସି, ହାଉସିଂ ବୋର୍ଡ, ସରକାରୀ ଓ ବେସରକାରୀ ଶିକ୍ଷକଙ୍କୁ ନେଇ ହୋଇଥିବା ୩୩୦୦ଏନୁମରେଟର ଓ ସୁପରଭାଇଜର ଉପସ୍ଥିତ ରହି ଏହି କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମ ମଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଇସ୍ରାଏଲ-ଲେବାନନ୍ ୧୦ ଦିନିଆ ଅସ୍ତ୍ରବିରତି

ୱାସିଂଟନ, ୧୬।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଐତିହାସିକ ୧୦ ଦିନିଆ ଅସ୍ତ୍ରବିରତି ଘୋଷଣା କରିଛନ୍ତି। ଏହି ପଦକ୍ଷେପ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବୋଲି ବିବେଚନା କରାଯାଉଛି। ଟ୍ରମ୍ପ କହିଛନ୍ତି ଯେ ସେ ଲେବାନନ୍ ରାଷ୍ଟ୍ରପତି ଜୋସେଫ ଆଉନ୍ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ 'ଉତ୍କୃଷ୍ଟ' ଆଲୋଚନା କରିଛନ୍ତି। ଏହାପରେ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ସୂଚନା ଦେଇଛନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ପୂର୍ବରୁ ୯ଟି ଯୁଦ୍ଧ ସମାଧାନ କରିଥିବା ଉଲ୍ଲେଖ କରି ସେ ନିଜକୁ ଶ୍ରେୟ ଦେଇଛନ୍ତି। ଇସ୍ରାଏଲ-ଲେବାନନ୍ ଯୁଦ୍ଧ ବିରତି ତାଙ୍କର ୧୦ମ ସଫଳତା ହେବ ବୋଲି ଟ୍ରମ୍ପ କହିଛନ୍ତି। ଦୀର୍ଘ ୩୪ ବର୍ଷ ପରେ ଇସ୍ରାଏଲ ଏବଂ ଲେବାନନ୍‌ର ପ୍ରତିନିଧିମାନେ ୱାସିଂଟନ ଡିସିରେ ସାମ୍ନାସାମ୍ନି ଆଲୋଚନା କରିଛନ୍ତି। ଏହି ଶାନ୍ତି ପ୍ରକ୍ରିୟାକୁ ସ୍ଥାୟୀ ରୂପ ଦେବା ପାଇଁ ଟ୍ରମ୍ପ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ, ବୈଦେଶିକ ସଚିବ ମାର୍କ ରୁବିଓ ଏବଂ ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ ଅଧ୍ୟକ୍ଷ ଡାନ କେନଙ୍କୁ ଦାୟିତ୍ୱ ଦେଇଛନ୍ତି। ଅନ୍ୟପଟେ ଏହି ଶାନ୍ତି ପ୍ରକ୍ରିୟାକୁ ଲେବାନନ୍‌ର ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲାର ସାଂସଦ ହୁସେନ୍ ହାଜ୍ ହାସନ ଏହି ଆଲୋଚନାକୁ ଏକ ବଡ଼ ଭୁଲ୍ ଏବଂ 'ପାପ' ବୋଲି ଅଭିହିତ କରିଛନ୍ତି। ଲେବାନନ୍ ସରକାର ଆମେରିକା ଆଗରେ ମୁଣ୍ଡ ନୁଆଁଇଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଗତ କିଛି ଦିନ ଧରି ଇସ୍ରାଏଲ ପକ୍ଷରୁ ଲେବାନନ୍ ଉପରେ କ୍ରମାଗତ ଆକ୍ରମଣ ଜାରି ରହିଥିଲା। ଏନେଇ ଲେବାନନ୍ ରାଷ୍ଟ୍ରପତି ଆଉନ୍ ଅସନ୍ତୋଷ ବ୍ୟକ୍ତ କରି ନେତନ୍ୟାହୁଙ୍କ ସହ କଥା ହେବାକୁ ମନା କରିଦେଇଥିଲେ।

**୧୦ମ ଯୁଦ୍ଧ ଅଟକାଇଲି: ଟ୍ରମ୍ପ**

● 'ବିଶ୍ୱର ବୃହତ୍ତମ ଜଳ କ୍ରୀଡ଼ା' ପାଲଟିଲା ମରଣଯନ୍ତା

# ଥାଇଲ୍ୟାଣ୍ଡର 'ସୋଙ୍ଗକ୍ରାନ' ଉତ୍ସବର ୩ ଦିନରେ ୧୯୧ ମୃତ

ବ୍ୟାଙ୍କକ, ୧୫।୪(ଏଜେନ୍ସି): ଥାଇଲ୍ୟାଣ୍ଡର ପାରମ୍ପରିକ ନବବର୍ଷ ଉତ୍ସବ 'ସୋଙ୍ଗକ୍ରାନ', ଯାହା ବିଶ୍ୱର ବୃହତ୍ତମ ଜଳ କ୍ରୀଡ଼ା (ୱାଟର ଫାଇଟ୍) ଭାବେ ଖ୍ୟାତି ଲାଭ କରିଛି, ଏଥର ଚଳିତ ବର୍ଷ ଏକ ରକ୍ତାକ୍ତ ରୂପ ନେଇଛି। ଉତ୍ସବର ପ୍ରଥମ ତିନି ଦିନ ମଧ୍ୟରେ ବିଭିନ୍ନ ସଡ଼କ ଦୁର୍ଘଟଣାରେ ଅତିକମ୍‌ରେ ୧୯୧ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। 'ନ୍ୟୁୟର୍କ ପୋଷ୍ଟ' ରିପୋର୍ଟ ଅନୁଯାୟୀ, ଚଳିତ ଉତ୍ସବ ଅବସରରେ ସମୁଦାୟ ୯୫୧ଟି ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଥିରେ ୯୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ଉତ୍ସବର କେବଳ ପ୍ରଥମ ଦିନରେ ହିଁ ୫୧ ଜଣଙ୍କର ମୃତ୍ୟୁ ଘଟିଥିଲା। ଥାଇଲ୍ୟାଣ୍ଡରେ ଏହି ସମୟକୁ ସାଧାରଣତଃ 'ସାତୋଟି ବିପଜ୍ଜନକ ଦିନ' ଭାବେ କୁହାଯାଏ, କାରଣ ଏହି ସମୟରେ ଲକ୍ଷ ଲକ୍ଷ ଲୋକ ବ୍ୟାଙ୍କକ ଭଳି ବଡ଼ ସହରରୁ ନିଜ ଗ୍ରାମକୁ ଫେରିଥାନ୍ତି, ଫଳରେ ରାସ୍ତାରେ ଅତ୍ୟଧିକ ଭିଡ଼ ପରିଲକ୍ଷିତ ହୁଏ। ଥାଇ ସରକାରଙ୍କ ପକ୍ଷରୁ ବ୍ୟାପକ ସଡ଼କ ସୁରକ୍ଷା ଅଭିଯାନ ଏବଂ ପୋଲିସ୍ ଯାଞ୍ଚ ସତ୍ତ୍ୱେ ମୃତ୍ୟୁସଂଖ୍ୟା ହ୍ରାସ ପାଉନାହିଁ।

■ ପଶ୍ଚିମ ବଙ୍ଗ ଏସ୍‌ଆଇଆର୍ ମାମଲା

# ନିର୍ବାଚନ କମିସନଙ୍କୁ ଝଟକା

ନୂଆଦିଲ୍ଲୀ, ୧୬।୪: ପଶ୍ଚିମବଙ୍ଗ ଏସଆଇଆର ମାମଲାରେ ସୁପ୍ରିମ କୋର୍ଟ ଆଜି ସ୍ୱତନ୍ତ୍ର କ୍ଷମତା ବଳରେ ପ୍ରାୟ ଲକ୍ଷାଧିକ ଭୋଟରଙ୍କୁ ଆଶ୍ୱସ୍ତ କରିଛନ୍ତି। ଏସଆଇଆର ପ୍ରକ୍ରିୟାରେ ଯେଉଁମାନଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଥିଲା ଏବଂ ଟ୍ରିବ୍ୟୁନାଲରେ ସେମାନଙ୍କ ପିଟିସନ ମଞ୍ଜୁର ହୋଇଯାଇଛି, ସେମାନଙ୍କୁ ମତଦାନ କରିବା ଲାଗି ସୁପ୍ରିମ କୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ ଆଜି ମାମଲାର ଶୁଣାଣି କରି ଏହି ଭୋଟରମାନଙ୍କ ପାଇଁ ଅତିରିକ୍ତ ଭୋଟର ତାଲିକା ଜାରି କରିବା ଲାଗି ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯେଉଁମାନଙ୍କର ପିଟିସନକୁ ଟ୍ରିବ୍ୟୁନାଲ ମଞ୍ଜୁର କରିଛନ୍ତି ସେମାନେ ଆସନ୍ତା ୨୩ ଓ ୨୯ ତାରିଖରେ ହେବାକୁ ଥିବା ନିର୍ବାଚନରେ ଭୋଟ ଦେଇପାରିବେ। ତେବେ ସେମାନଙ୍କର ପିଟିସନ ମତଦାନର ଦୁଇ ଦିନ ପୂର୍ବରୁ ମଞ୍ଜୁର ହୋଇଥିବା ଦରକାର। ଏସଆଇଆର ମାମଲାର ଶୁଣାଣି ବେଳେ ସମ୍ବିଧାନର ଧାରା ୧୪୨ର ପ୍ରୟୋଗ କରି ସର୍ବୋଚ୍ଚ ଅଦାଲତ ଏଭଳି ଅସାଧାରଣ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଏସଆଇଆର ପ୍ରକ୍ରିୟାର ପ୍ରାୟ ୯୦ ଲକ୍ଷ ଲୋକଙ୍କର ନାମ କାଟି ଦିଆଯାଇଥିଲା। ଏହାସହିତ ୬୦ ଲୋକଙ୍କ ନାମ ସନ୍ଦିଗ୍ଧ ତାଲିକାରେ ରଖାଯାଇଥିଲା। ଏହା ବିରୋଧରେ ସଂପୃକ୍ତ ଭୋଟର ଟ୍ରିବ୍ୟୁନାଲ୍‌ରେ ପିଟିସନ ଫାଇଲ କରିଛନ୍ତି। ତେବେ ମତଦାତା ତାଲିକାକୁ ନିର୍ବାଚନ କମିସନ ଫ୍ରିଜ୍ କରିଦେଇଥିବାରୁ ସେମାନଙ୍କୁ ମତଦାନ ପାଇଁ ଅନୁମତି ମିଳିନଥିଲା।

**ଭୋଟରଙ୍କୁ ରିହାତି ଦେଲେ ସୁପ୍ରିମ କୋର୍ଟ**

**ସୁଲତାଙ୍କ ପ୍ରଶ୍ନ**

# ନିର୍ବାଚନ ଚାଲୁଥିବା ବେଳେ ବିଲ୍ ପାରିତ କରିବାକୁ କେନ୍ଦ୍ର ସରକାର ତରତର କାହିଁକି

ଭୁବନେଶ୍ୱର,୧୬।୪(ସମିସ): ବର୍ତ୍ତମାନ ପଶ୍ଚିମବଙ୍ଗ, ତାମିଲନାଡୁରେ ନିର୍ବାଚନ ଚାଲୁଛି। ଏପରି ସମୟରେ କେନ୍ଦ୍ର ସରକାର ମହିଳା ସଂରକ୍ଷଣ ଏବଂ ସୀମା ପୁନଃନିର୍ଦ୍ଧାରଣ ପାଇଁ କେନ୍ଦ୍ର ସରକାର ଏତେ ବ୍ୟସ୍ତ, ତରତର କାହିଁକି। ଆସନ୍ତା ମୌସୁମୀ ଅଧିବେଶନରେ ଏହି ବିଲ୍ ଆଣିପାରିଥାନ୍ତେ ବୋଲି କହିଛନ୍ତି ରାଜ୍ୟସଭାରେ ବିଜେଡିର ଉପନେତା ସାଂସଦ ସୁଲତା ଦେଓ।

ସୂଚନାଯୋଗ୍ୟ ଯେ ଗୁରୁବାର କେନ୍ଦ୍ର ସରକାର ସଂସଦରେ ମହିଳା ସଂରକ୍ଷଣ ଏବଂ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଆଗତ କରିଛନ୍ତି। ତେବେ ଏହି ବିଲ୍‌ର ଟାଇମିଂ ତଥା ଏଥିରେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସୁଲତା। ସେ କହିଛନ୍ତି ଯେ ମହିଳା ସଂରକ୍ଷଣକୁ ନେଇ କେନ୍ଦ୍ର ସରକାର ସତରେ ସମ୍ବେଦନଶୀଳ ଥିଲେ, ୨୦୨୩ ମସିହା ସେପ୍ଟେମ୍ବରରେ ପାରିତ ହୋଇଥିବା ବିଲ୍‌କୁ ସେତେବେଳେ କାର୍ଯ୍ୟକାରୀ କରିପାରିଥା'ନ୍ତେ। ମାତ୍ର ସରକାର ସେତେବେଳେ ଏହାକୁ କାର୍ଯ୍ୟକାରୀ କରିଲେ ନାହିଁ। ବିଲ୍‌କୁ ନେଇ ଏବେ ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ରାଲି କରାଯାଉଛି। କେନ୍ଦ୍ର ସରକାର କ'ଣ ଆମକୁ ଦୟା କରୁଛନ୍ତି ବୋଲି ଶ୍ରୀମତୀ ଦେଓ ପ୍ରଶ୍ନ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ସୀମା ପୁନଃନିର୍ଦ୍ଧାରଣରେ ଓଡ଼ିଶାକୁ ଯେତିକି ହକ୍ ମିଳିବା କଥା ତାହା ମିଳୁନାହିଁ। ଜନସଂଖ୍ୟା ଆଧାରରେ ଓଡ଼ିଶାର ପ୍ରତିନିଧିତ୍ୱ ବୃଦ୍ଧି ପାଇବା ବଦଳରେ ହ୍ରାସ ପାଇବାର ଆଶଙ୍କା ରହିଛି। ଓଡ଼ିଶାର ହକ୍ ଆଉ କେହି ନେବାକୁ ବସିଥିବା ବେଳେ ଆମ ନେତା ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଥିଲେ। ୪୮ ଘଣ୍ଟା ମଧ୍ୟରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଓଡ଼ିଶାର ସ୍ୱାର୍ଥ ରକ୍ଷା ସମ୍ବଳିତ ସଂକଳ୍ପ ପାରିତ କରିବାକୁ ଦାବି କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ଏହାକୁ ଶୁଣିଲେ ନାହିଁ। ଜନସଂଖ୍ୟା ଆଧାରରେ ଓଡ଼ିଶାର ପ୍ରତିନିଧିତ୍ୱ ୩.୯ ପ୍ରତିଶତ ଥିବାବେଳେ ଆମକୁ ୨୧ ଲୋକସଭା ଆସନ ମିଳିଥିଲା। ବର୍ତ୍ତମାନ ହିସାବରେ ଆମକୁ ୩୪ ଆସନ ମିଳିବାର ଥିଲା। ମାତ୍ର ଆମକୁ ୨୯ଟି ଲୋକସଭା ଆସନ ମିଳିବାକୁ ଯାଉଛି। ଓଡ଼ିଶା ପ୍ରତି ଏପରି ମାନସିକତା କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଏପରି ହୁଏ, ତା'ହେଲେ ଆପଣ ଓଡ଼ିଶାର ଯୁବକ, ମହିଳାଙ୍କ ଭବିଷ୍ୟତର ୫ଟି ଲୋକସଭା ସିଟ୍‌କୁ ହଡ଼ପ କରିବାକୁ ବସିଛନ୍ତି। ଏହାସହ ଏହି ସଂଶୋଧନ ବିଲ୍ ପାରିତ ହେଲେ ଜାତୀୟ ସ୍ତରେ ଓଡ଼ିଶାର ସ୍ୱରର ପ୍ରଭାବ ହ୍ରାସ ପାଇବ ବୋଲି ଶ୍ରୀମତୀ ଦେଓ ଉଦ୍‌ବେଗ ପ୍ରକାଶ କରିଛନ୍ତି।

● ସୀମା ପୁନଃ ନିର୍ଦ୍ଧାରଣରେ ଓଡ଼ିଶାର ଆସନ ହ୍ରାସ ପାଇବ
● ଭବିଷ୍ୟତର ଓଡ଼ିଶାର ଯୁବକ ଓ ମହିଳାଙ୍କ ୫ ସିଟ୍ ହଡ଼ପ କରିବାକୁ ବସିଛନ୍ତି ସରକାର

# ଡାକ୍ତର ପ୍ରଦୀପ ହୋତା ହେଲେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଡାକ୍ତର ମହେଶ ମୋହନ ପଣ୍ଡାଙ୍କୁ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଦାୟିତ୍ୱ**

ଭୁବନେଶ୍ୱର,୧୫।୪(ସମିସ): ରାଜ୍ୟ ସ୍ୱାସ୍ଥ୍ୟସେବା ପ୍ରାଶାସନିକ ସ୍ତରରେ ଗୁରୁବାର ଏକ ବଡ଼ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ସମ୍ବଲପୁର ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଡାକ୍ତର ପ୍ରଦୀପ କୁମାର ହୋତାଙ୍କୁ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବରେ ଅବସ୍ଥାପିତ କରାଯାଇଛି। ପୂର୍ବରୁ ଏହି ଦାୟିତ୍ୱ ତୁଲାଉଥିବା ଡାକ୍ତର ନୀଳକଣ୍ଠ ମିଶ୍ରଙ୍କୁ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ(ଜନସ୍ୱାସ୍ଥ୍ୟ) ଭାବେ ନୂଆ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କୁ ପଦୋନ୍ନତି ମିଳିବା ସହ ତାଙ୍କୁ ରାଜ୍ୟର ନୂତନ ସ୍ୱାସ୍ଥ୍ୟ ସେବା ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଡାକ୍ତର ନୀଳାକ୍ଷୀ ସିର୍‌କାର ଓ ଡାକ୍ତର ମନୋରଞ୍ଜନ ରାଉତଙ୍କୁ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ-ସମ-ପଦାଧିକାରୀ ସୂତ୍ରେ ସ୍ୱତନ୍ତ୍ର ସଚିବ(ଟେକ୍ନିକାଲ) ଭାବେ ଦାୟିତ୍ୱ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଡାକ୍ତର ମନୋରଞ୍ଜନ ରାଉତ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ।

**ପୁଣି ଚର୍ଚ୍ଚାରେ ଗୋପାଳପୁର ଥାନା ଓ ଖଣି ମନ୍ତ୍ରୀଙ୍କ ଇଲାକା**

# ବ୍ୟବସାୟୀଙ୍କୁ ଅପହରଣ; ୨ କୋଟିର ମୁଣ୍ଡ ଜାମିନ

ବ୍ରହ୍ମପୁର, ୧୬।୪ (ସମିସ): ପୁଣି ଚର୍ଚ୍ଚାରେ ଗୋପାଳପୁର ଥାନା। ଜଣେ ପ୍ଲଟ ବ୍ୟବସାୟୀଙ୍କୁ କିଛି ଦୁର୍ବୃତ୍ତ ବନ୍ଧୁକ ମୁନରେ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ଗତ ସନ୍ଧ୍ୟାରୁ ପ୍ଲଟ ବ୍ୟବସାୟୀ ସୁଧୀରଙ୍କୁ ଅପହରଣ କରି ନିସ୍ତୁକ ମାଡ଼ ମରାଯାଇଥିବା ବେଳେ ଦୀର୍ଘ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପରେ ମଧ୍ୟ ତାଙ୍କର ଖୋଜଖବର ମିଳୁନାହିଁ। ଅପହୃତ ପ୍ଲଟ ବ୍ୟବସାୟୀ ସୁଧୀର କୁମାର ପାତ୍ର (୪୭) ଗୋପାଳପୁର ଥାନା ଅନ୍ତର୍ଗତ ସତ୍ୟନାରାୟଣପୁର-କରାପଲ୍ଲୀ ମୁଖ୍ୟ ରାସ୍ତାରେ ରୁହନ୍ତି। ସେ ଜଣେ ଭଲ ଭଲିବଲ ଖେଳାଳି। ବୁଧବାର ଭାବିନାରାୟଣପୁର ନିକଟସ୍ଥ ବଣଗାଁ ଭଲିବଲ ପଡିଆକୁ ଅପରାହ୍ନ ପ୍ରାୟ ସାଢେ ୪ଟାରେ ନିଜ ବାଇକ୍ (ଓଆର ୦୭ ଏନ୍-୩୫୨୭) ଯୋଗେ ଖେଳିବାକୁ ଯାଇଥିଲେ। ସେଠାରୁ ପ୍ରାୟ ସାଢେ ୬ଟାରେ ବାହାରି ବଣଗାଁ ଦେଇ ମାଣ୍ଡିଆପଲ୍ଲୀ ଗ୍ରାମ ରାସ୍ତାରେ ଘରକୁ ଫେରୁଥିଲେ। ଏହି ସମୟରେ ତାଙ୍କୁ କାର୍ ଯୋଗେ ଆସି କିଛି ଦୁର୍ବୃତ୍ତ ବନ୍ଧୁକ ମୁନରେ ଉଠାଇ ନେଇଥିବା ସୂଚନା ମିଳିଛି। ପୁଲିସ ନଂ.୧୮/୨୬ରେ ନିଖୋଜ ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ସୁଧୀରଙ୍କ ବାଇକକୁ ଜବତ କରି ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଛି।

■ ତହସିଲଦାରଙ୍କୁ ହତ୍ୟା ଧମକ ଘଟଣା

# ନର୍ଲା ବ୍ଲକ ଅଧ୍ୟକ୍ଷଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା

କଟକ, ୧୬।୪(ସମିସ): ନର୍ଲା ବ୍ଲକ ଅଧ୍ୟକ୍ଷ ତଥା ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ସ୍ୱାମୀ ଦୁର୍ଗାପ୍ରସାଦ ମହାନ୍ତିଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିଛି। ନର୍ଲା ତହସିଲଦାରଙ୍କୁ ଫୋନରେ ହତ୍ୟା ଧମକ ନେଇ ନର୍ଲା ଥାନାରେ ରୁଜୁ ମାମଲାରେ ଶ୍ରୀ ମହାନ୍ତିଙ୍କୁ ୬ ସପ୍ତାହ ପାଇଁ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି ହାଇକୋର୍ଟ। ଶ୍ରୀ ମହାନ୍ତିଙ୍କ ଆଗୁଆ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ତଦନ୍ତର ସାନି ସ୍ଥିତି ସଂପର୍କିତ ତଥ୍ୟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ୬ ସପ୍ତାହ ପରେ ଶ୍ରୀ ମହାନ୍ତିଙ୍କ ଆଗୁଆ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ହେବ। ମାମଲାର ବିବରଣୀରୁ ପ୍ରକାଶ ଯେ ମାର୍ଚ୍ଚ ୧୫ରେ ଶ୍ରୀ ମହାନ୍ତି ତହସିଲଦାରଙ୍କୁ ଫୋନ କରିଥିଲେ। ବାଲିସିଙ୍ଗା ଓ ସାଲେପଡ଼ା ରାଜସ୍ୱ ଗ୍ରାମ ମଧ୍ୟରେ ତିନି ବର୍ଷ ଧରି ଚାଲିଥିବା ବିବାଦକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ବେଳେ କଥା କଟାକଟି ହୋଇଥିଲା। ଶ୍ରୀ ମହାନ୍ତି ଉତ୍କ୍ଷିପ୍ତ ହୋଇ ତାଙ୍କୁ ହତ୍ୟା ଧମକ ଦେବା ସହିତ ଗାଳିଗୁଲଜ କରିଥିଲେ ବୋଲି ତହସିଲଦାର ଥାନାରେ ଅଭିଯୋଗ କରିଥିଲେ। ଶ୍ରୀ ମହାନ୍ତିଙ୍କ ତରଫରୁ ଆଇନଜୀବୀ ମାନସ ଚାନ୍ଦ ମାମଲା ପରିଚାଳନା କରୁଛନ୍ତି।

**ଏଲ୍‌ଆଇ, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ନିଯୁକ୍ତି ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ**

# ୩୩୭ ପ୍ରାର୍ଥୀଙ୍କ ନିଯୁକ୍ତି ପାଇଁ ବାଟ ଫିଟିଲା

କଟକ, ୧୬।୪ (ସମିସ): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସଏସସି) ଦ୍ୱାରା ପରିଚାଳିତ ପ୍ରାଣୀ ସମ୍ପଦ ନିରୀକ୍ଷକ (ଏଲ୍‌ଆଇ), ଫରେଷ୍ଟର୍ ଏବଂ ଫରେଷ୍ଟଗାର୍ଡ ନିଯୁକ୍ତି ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସନ୍ଦେହ ଆଧାରରେ ଅଟକିଥିବା ୩୩୭ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଗ ଦ୍ୱାରା ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସ ଓ ପୁନଃ ପରୀକ୍ଷା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏଥିସହ ୩ ସପ୍ତାହ ମଧ୍ୟରେ ଏହି ପ୍ରାର୍ଥୀମାନଙ୍କ ନାମ ସଂପୃକ୍ତ ପଦବୀ ପାଇଁ ସୁପାରିଶ କରିବାକୁ ଆୟୋଗକୁ ନିର୍ଦ୍ଦେଶ ଦିଆଯାଇଛି। ସୁପାରିସ ପରେ ତୁରନ୍ତ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ତେବେ ଏହି ନୂତନ ନିଯୁକ୍ତି ପାଇବାକୁ ଥିବା ପ୍ରାର୍ଥୀମାନେ ପୂର୍ବରୁ ଯୋଗ ଦେଇଥିବା କର୍ମଚାରୀଙ୍କଠାରୁ ବରିଷ୍ଠତା ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ୨୫୦ରୁ ଅଧିକ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ୨୦୨୩ ମସିହାରେ ୭୧୯ଟି ପ୍ରାଣୀସମ୍ପଦ ନିରୀକ୍ଷକ, ୩୧୬ଟି ଫରେଷ୍ଟର୍ ଏବଂ ୧୬୭୭ଟି ଫରେଷ୍ଟ ଗାର୍ଡ ପଦବୀ ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ପରୀକ୍ଷାରେ ୮୪୯୬ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଥିଲେ। କିନ୍ତୁ ୩୩୭ଜଣ ପ୍ରାର୍ଥୀ ପରୀକ୍ଷାରେ ଅପେକ୍ଷାକୃତ ଅଧିକ ମାର୍କ ରଖିଥିବା ହେତୁ ସେମାନଙ୍କ ଉପରେ ଅସାଧୁ ଉପାୟ ଅବଲମ୍ବନ କରିଥିବା ସନ୍ଦେହ କରି ଓଏସ୍‌ଏସ୍‌ସି ଫଳ ସ୍ଥଗିତ ରଖିଥିଲା। ଏହା ବିରୋଧରେ କେତେକ ପ୍ରାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସମସ୍ତ ୩୩୭ ପଦ ସଂରକ୍ଷିତ ରଖି ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀଙ୍କୁ ଶାରୀରିକ ପରୀକ୍ଷା ପାଇଁ ଅନୁମତି ପ୍ରଦାନ ସହ ସେମାନଙ୍କୁ ଜାରି କାରଣ ଦର୍ଶାଅ ନୋଟିସ୍ ଉପରେ ନିଷ୍ପତ୍ତି ନେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ହେଲେ ଏହା ଉପରେ କିଛି ପଦକ୍ଷେପ ନିଆଯାଇ ନଥିବା ବେଳେ ସେମାନଙ୍କୁ ପୁଣି ଏକ ପରୀକ୍ଷା ଦେବାକୁ ଓଏସଏସସି ନିର୍ଦ୍ଦେଶ ଦେଇଥିଲା। ପ୍ରାର୍ଥୀମାନେ ଏହି ନୋଟିସ୍‌କୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କେବଳ ସନ୍ଦେହ କିମ୍ବା ପୂର୍ବାନୁମାନ ଆଧାରରେ କୌଣସି ପ୍ରାର୍ଥୀଙ୍କୁ ଅଯୋଗ୍ୟ ଘୋଷଣା କରାଯାଇପାରିବ ନାହିଁ। ସେମାନେ ଅସାଧୁ ଉପାୟ ଅବଲମ୍ବନ କରିଥିବାର କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ ମିଳିନାହିଁ ବୋଲି ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

■ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ

# ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ହେବ

ଭୁବନେଶ୍ୱର,୧୬।୪(ସମିସ): ରାଜ୍ୟରେ ଉପକୂଳ ଅର୍ଥନୀତି ତଥା ସାମୁଦ୍ରିକ ପର୍ଯ୍ୟାବରଣରେ ସନ୍ତୁଳନ ରକ୍ଷା କରିବାର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଏକ ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ ବା ଏମ୍‌ଏସ୍‌ପି କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଏବଂ କେନ୍ଦ୍ର ସରକାରଙ୍କ ପୃଥ୍ୱୀ-ବିଜ୍ଞାନ ମନ୍ତ୍ରାଳୟ ମଧ୍ୟରେ ଗୁରୁବାର ଲୋକସଭା ଭବନରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ପୂଜା ମିଶ୍ର ଓ ଜାତୀୟ ଉପକୂଳ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଆର୍.ଏସ୍. କନ୍‌କରା ଏହି ଏମଓୟୁ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଏହି ମେରାଇନ୍ ସ୍ପାସିଆଲ୍ ପ୍ଲାନ୍ କାର୍ଯ୍ୟକାରୀ ହେବାଦ୍ୱାରା ରାଜ୍ୟର ନୀଳ ଅର୍ଥନୀତିର ଉନ୍ନତି ହେବା ସହିତ ସାମୁଦ୍ରିକ ପର୍ଯ୍ୟାବରଣର ସୁରକ୍ଷା ମଧ୍ୟ ହୋଇପାରିବ। ସ୍ଥାନୀୟ ଉପକୂଳ ଅର୍ଥନୀତିର ଉନ୍ନତି ସହିତ ସାମୁଦ୍ରିକ ଜୀବଜଗତ ସୁରକ୍ଷିତ ରହିବେ। ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ଯୋଜନା କାର୍ଯ୍ୟକାରୀ କରିବାରେ ଏହି ଏମଓୟୁ ଏକ ନୂଆ ବେଞ୍ଚମାର୍କ ସୃଷ୍ଟି କରିବ। ଏହା ଆମର ମତ୍ସ୍ୟଚାଷ, ପର୍ଯ୍ୟଟନ, ବନ୍ଦର, ସାମୁଦ୍ରିକ ଶକ୍ତି ଆଦି ବିଭିନ୍ନ କ୍ଷେତ୍ରର ଆବଶ୍ୟକତା ପୂରଣ କରିବା ସହିତ ମେରାଇନ୍ ଇକୋସିଷ୍ଟମର ସୁରକ୍ଷାରେ ମଧ୍ୟ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ବାଣିଜ୍ୟ ଖବର

# ଅସିତ ତ୍ରିପାଠୀ ଓଏସପିଏ ସଭାପତି



ଭୁବନେଶ୍ୱର, ୧୬।୪ (ସମିସ): ରାଜ୍ୟର ଇସ୍ପାତ କମ୍ପାନୀଗୁଡ଼ିକୁ ନେଇ ନୂତନ ଭାବେ ଗଠିତ ଶିଳ୍ପ ସଂଘ ଓଡ଼ିଶା ଷ୍ଟିଲ ପ୍ରଡ୍ୟୁସର୍ସ ଆସୋସିଏସନ (ଓଏସପିଏ)ର ସଭାପତି ଭାବେ ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଅସିତ ତ୍ରିପାଠୀ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ପ୍ରଶାସନ, ନୀତି ନିର୍ଦ୍ଧାରଣ ଓ ଶିଳ୍ପ ବିକାଶ କ୍ଷେତ୍ରରେରେ ଅନେକ ଦଶନ୍ଧିର ଅଭିଜ୍ଞତା ସହ ଶ୍ରୀ ତ୍ରିପାଠୀ ଏହି ଅବସରରେ ଶ୍ରୀ ତ୍ରିପାଠୀ କହିଛନ୍ତି, ଭାରତୀୟ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଅଗ୍ରଣୀ ଭୂମିକା ରହିଛି। ଇସ୍ପାତ ଶିଳ୍ପ ତଥା ରାଜ୍ୟର ଦୀର୍ଘ ମିଆଦି ବିକାଶ ଲକ୍ଷ୍ୟ ହାସଲ ପାଇଁ ଓଏସପିଏ ଏକ ମଜଭୁତ ଓ ଗଠନମୂଳକ ସ୍ୱର ହେବ। ଏହାସହିତ ଅବସରପ୍ରାପ୍ତ ଆଇଏଫଏସ ଅଧିକାରୀ ଏସ.କେ ପୋପଲି ମହାସଚିବ ଭାବେ ମନୋନୀତ ହୋଇଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦାର ନୂତନ ଅଞ୍ଚଳ ମୁଖ୍ୟ



ଭୁବନେଶ୍ୱର,୧୬।୪(ସମିସ): ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଞ୍ଚଳର ନୂତନ ଅଞ୍ଚଳ ମୁଖ୍ୟ ରୂପେ ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସେ ଭୁବନେଶ୍ୱର ଜୋନ୍‌ର ପ୍ରଥମ ଓଡିଆ ଅଧିକାରୀ ରୂପେ ଏହି ପଦବୀରେ ଅବସ୍ଥାପିତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହା ପୂର୍ବରୁ ସେ ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ(ବ୍ୟବସାୟ ବିକାଶ) ବିଭାଗରେ ଉପ ମହାପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ। ଶ୍ରୀ ପାଣିଗ୍ରାହୀ ୧୯୯୪ରେ ବ୍ୟାଙ୍କରେ ଯୋଗଦେଇ ୩୨ ବର୍ଷରୁ ଊର୍ଦ୍ଧ୍ୱ ସମୃଦ୍ଧ ଅଭିଜ୍ଞତା ହାସଲ କରିଛନ୍ତି। ତାଙ୍କ ଦୀର୍ଘ କ୍ୟାରିୟର ଅବଧିରେ ସେ ଓଡିଶା, ବିହାର, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ ଓ ମଧ୍ୟ ପ୍ରଦେଶ ସମେତ ଅନେକ ରାଜ୍ୟରେ କାର୍ଯ୍ୟ କରିଛନ୍ତି।

# ଗ୍ରୀଷ୍ମ ପ୍ରବାହରେ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କଲା ଟିପିସିଓଡିଏଲ୍

TPCODL
TP CENTRAL ODISHA DISTRIBUTION LIMITED

ଭୁବନେଶ୍ୱର, ୧୬।୪(ସମିସ): ରାଜ୍ୟରେ ବର୍ଦ୍ଧିତ ତାପମାତ୍ରା ଏବଂ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ଭୁବନେଶ୍ୱର, କଟକ, ପାରାଦ୍ୱୀପ ଏବଂ ଢେଙ୍କାନାଳ ଅଞ୍ଚଳରେ ୨୦୦୦ ମେଗାୱାଟର ପିକ୍ ବିଦ୍ୟୁତ ଚାହିଦାକୁ ସଫଳତାର ସହ ପୂରଣ କରିଛି। ଯାହା ଚଳିତ ଗ୍ରୀଷ୍ମ ଋତୁରେ ଏପର୍ଯ୍ୟନ୍ତର ସବୁଠାରୁ ଅଧିକ ବିଦ୍ୟୁତ ଡିମାଣ୍ଡ ଭାବେ ରେକର୍ଡ କରାଯାଇଛି। ଚଳିତ ଗ୍ରୀଷ୍ମ ଋତୁରେ ବିଦ୍ୟୁତ୍ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ ନିଜର ନେଟୱାର୍କକୁ ଅଧିକ ଶକ୍ତିଶାଳୀ କରିଛି। ଏଥିପାଇଁ କମ୍ପାନୀ ୩୩୪ ଏମଭିଏର ଅତିରିକ୍ତ କ୍ଷମତା ବୃଦ୍ଧି କରିବା ସହ ରିଅଲ୍-ଟାଇମ୍ ଗ୍ରିଡ୍ ମନିଟରିଂ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିଛି। ଏହା ବ୍ୟତୀତ, ଗ୍ରୀଷ୍ମ ସମୟରେ ଯେପରି ଉପଭୋକ୍ତାମାନେ ଭରସାଯୋଗ୍ୟ ବିଦ୍ୟୁତ୍ ପାଇପାରିବେ, ସେଥିପାଇଁ ୯,୦୦୦ରୁ ଅଧିକ ଗ୍ରାଉଣ୍ଡ ଷ୍ଟାଫଙ୍କୁ ମୁତୟନ କରାଯାଇଥିବା ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି।

**ଏଲ୍‌ପିଜି ପରେ ରୋଗ ଚିକିତ୍ସାରେ ଲାଗିବ ବଡ଼ ଝଟ୍‌କା**

# ମହଙ୍ଗା ହେବ ଜରୁରୀ ଔଷଧ ସାମଗ୍ରୀ

ନୂଆଦିଲ୍ଲୀ, ୧୬।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନାର ପ୍ରଭାବ ଏବେ ଲୋକଙ୍କ ଔଷଧ ବିଲ୍ ଉପରେ ପଡିବାକୁ ଯାଉଛି। କଞ୍ଚାମାଲ ମୂଲ୍ୟରେ ବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳ ବିପର୍ଯ୍ୟସ୍ତ ହେବା ଯୋଗୁଁ ସରକାର ଅତ୍ୟାବଶ୍ୟକ ଔଷଧଗୁଡିକର ମୂଲ୍ୟରେ ଅସ୍ଥାୟୀ ଭାବେ ୧୦ରୁ ୨୦ ପ୍ରତିଶତ ବୃଦ୍ଧି କରିବାକୁ ବିଚାର କରୁଛନ୍ତି। ଏଥିରେ କ୍ୟାନ୍‌ସର ଏବଂ ଆଣ୍ଟିବାୟୋଟିକ୍ ଭଳି ଗମ୍ଭୀର ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଔଷଧ ଅନ୍ତର୍ଭୁକ୍ତ।

ଫାର୍ମା କମ୍ପାନୀଗୁଡ଼ିକର କହିବାନୁଯାୟୀ, ଔଷଧ ତିଆରିରେ ବ୍ୟବହୃତ କଞ୍ଚାମାଲ, ଦ୍ରାବକର ଯୋଗାଣ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଅଧିକାଂଶ କଞ୍ଚାମାଲ ହେଉଛି ପେଟ୍ରୋକେମିକାଲ୍ ଉତ୍ପାଦ ଯାହା ଉପସାଗରୀୟ ଦେଶଗୁଡ଼ିକରୁ ଆସେ। ଯୁଦ୍ଧ ଯୋଗୁଁ ମୂଲ୍ୟ ବୃଦ୍ଧି ପାଇଛି ଏବଂ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଔଷଧ କମ୍ପାନୀଗୁଡ଼ିକ କହିଛନ୍ତି ଯେ ଖର୍ଚ୍ଚ ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ପୁରୁଣା ମୂଲ୍ୟରେ ଔଷଧ ଉତ୍ପାଦନ କରିବା ଯୋଗୁ ବହୁତ କ୍ଷତି ହେଉଛି।



ଯଦି ମୂଲ୍ୟ ବୃଦ୍ଧି କରା ନ ଯାଏ, ତେବେ ବଜାରରେ ଔଷଧର ଅଭାବ ଦେଖାଦେଇପାରେ। ତେବେ ଏହି ବୃଦ୍ଧି ମୂଲ୍ୟ ନିୟନ୍ତ୍ରଣରେ ଥିବା ଔଷଧଗୁଡିକ ଉପରେ ଲାଗୁ ହୋଇପାରେ। ଏଥିରେ କ୍ୟାନ୍‌ସର ସମେତ ଗୁରୁତର ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଇଞ୍ଜେକ୍ସନ ଏବଂ ଟାବଲେଟ୍ ଅନ୍ତର୍ଭୁକ୍ତ। ଏହାଛଡା ସଂକ୍ରମଣ ରୋକିବା ପାଇଁ ବ୍ୟବହୃତ ଅତ୍ୟାବଶ୍ୟକ ଔଷଧ ବା ଆଣ୍ଟିବାୟୋଟିକ୍ସର ମୂଲ୍ୟ ମଧ୍ୟ ବଢ଼ିବା ସମ୍ଭାବନା ରହିଛି। ଡାକ୍ତରଖାନାରେ ବ୍ୟବହୃତ ଜୀବନ ରକ୍ଷାକାରୀ ଇଞ୍ଜେକ୍ସନକୁ ଏଥିରେ ସାମିଲ କରାଯାଇଛି।

ଅପରପକ୍ଷେ ସରକାର ଏହି ବୃଦ୍ଧିକୁ ଏକ କ୍ଷଣସ୍ଥାୟୀ ପଦକ୍ଷେପ ଭାବରେ ବିଚାର କରୁଛନ୍ତି। ଔଷଧ ମୂଲ୍ୟରେ ବୃଦ୍ଧି ଅତି କମ୍‌ରେ ତିନି ମାସ ପାଇଁ କାର୍ଯ୍ୟକାରୀ ହୋଇପାରେ ବୋଲି ଆଲୋଚନା ହେଉଛି। ଉପସାଗରୀୟ ଦେଶଗୁଡିକରୁ ଯୋଗାଣ ସ୍ୱାଭାବିକ ହେବା ଏବଂ କଞ୍ଚାମାଲର ମୂଲ୍ୟ ହ୍ରାସ ପାଇବା ମାତ୍ରେ ଔଷଧର ମୂଲ୍ୟ ପୂର୍ବ ସ୍ତରକୁ ଫେରିଯିବ। ଯଦିଓ କିଛି କମ୍ପାନୀ ଏଭଳି ପରିସ୍ଥିତିରେ କମ୍ପାନୀ ଔଷଧ ମୂଲ୍ୟ ୫୦% ପର୍ଯ୍ୟନ୍ତ ବୃଦ୍ଧି ଦାବି କରିବାକୁ ଦାବି କରିଥିଲେ, ହେଲେ ସରକାର କେବଳ ୧୦-୨୦% ମୂଲ୍ୟ ବୃଦ୍ଧି ସପକ୍ଷରେ ଅଛନ୍ତି।

**ମୂଲ୍ୟ ୨୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ**
**ତାଲିକାରେ କ୍ୟାନସର ଔଷଧ, ଆଣ୍ଟିବାୟୋଟିକ୍ସ**
**ମଧ୍ୟପ୍ରାଚ୍ୟରେ ଉତ୍ତେଜନାରେ ବଢ଼ିବ ଔଷଧ ବିଲ୍**

# ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘର ଦିନିକିଆ ସମ୍ମିଳନୀ

ଭୁବନେଶ୍ୱର,୧୬।୪(ସମିସ): ଭୁବନେଶ୍ୱର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସଂଘ ଆନୁକୂଲ୍ୟରେ ଚଳିତମାସ ୧୮ରେ ହୋଟେଲ ମନ୍ତ୍ରା(ପାଲ ହାଇଟ୍ସ) ପାହାଲଠାରେ ଏକ ଦିନିକିଆ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଭୁବନେଶ୍ୱର, କଟକ ଓ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ ଏବଂ ଅର୍ଥ ବିଭାଗର ପଦାଧିକାରୀମାନେ ଯୋଗଦେବେ। ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସଞ୍ଜିବ କୁମାର ପାଣିଗ୍ରାହୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଅଧ୍ୟକ୍ଷ ପ୍ରଦୀପ କୁମାର ଜେନା, ଓଡ଼ିଶା ମୁଖ୍ୟ ମହାଲେଖାକାର ଦୀନବନ୍ଧୁ ସାହୁ, ମୁଖ୍ୟ ଆୟକର ଆୟୁକ୍ତ(କଟକ ଓ ସମ୍ବଲପୁର) ସରୋଜ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେବେ। ସଭାପତି ନାରଦ ପ୍ରସାଦ ସାହୁ, ଉପସଭାପତି ଚନ୍ଦ୍ରକାନ୍ତ ପୃଷ୍ଟି ଓ ଅନ୍ୟ କର୍ମକର୍ତ୍ତାମାନେ ସମ୍ମିଳନୀକୁ ପରିଚାଳନା କରିବେ।




# ବେଦାନ୍ତ ଆଲୁମିନିୟମ ଝାରସୁଗୁଡାରେ ଜାତୀୟ କରାଟେ ଚାମ୍ପିଅନସିପ୍

ଭୁବନେଶ୍ୱର,୧୬।୪(ସମିସ): ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ର ମାଧ୍ୟମରେ ଝାରସୁଗୁଡାରେ ଦ୍ୱିତୀୟ ଅଖିଳ ଭାରତୀୟ ବେଦାନ୍ତ ଓପନ ଜାତୀୟ କରାଟେ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ଦେଶର ୭ଟି ରାଜ୍ୟରୁ ୨୮୦ରୁ ଅଧିକ ଯୁବ ଖେଳାଳି ଅଂଶଗ୍ରହଣ କରିଥଲେ। ଏଥିରେ ବ୍ୟକ୍ତିଗତ କାଟା, କୁମିତେ, ଟିମ୍ କାଟା ଏବଂ ଓପନ କୁମିତେ ବର୍ଗରେ ପ୍ରତିଯୋଗିତା ସହ ମହିଳା ଆତ୍ମରକ୍ଷା ପ୍ରଦର୍ଶନ ମଧ୍ୟ କରାଯାଇଥିଲା। ବେଦାନ୍ତ ମାର୍ଶାଲ ଆର୍ଟସ ତାଲିମ କେନ୍ଦ୍ରର ଛାତ୍ରୀମାନେ ଚାମ୍ପିଅନସିପ୍ ସମୟରେ ବିଭିନ୍ନ ବର୍ଗରେ ଅନେକ ପଦକ ହାସଲ କରିଥିଲେ। ଏହି ଅବସରରେ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, କ୍ରୀଡା ଯୁବପିଢ଼ିଙ୍କ ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଦୀର୍ଘକାଳୀନ ବିକାଶର ଏକ ସହାୟକ।



## ଇସ୍ରାଏଲ-ଲେବାନନ୍ ୧୦ ଦିନିଆ ଅସ୍ତ୍ରବିରତି

ୱାସିଂଟନ, ୧୬।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ଐତିହାସିକ ୧୦ ଦିନିଆ ଅସ୍ତ୍ରବିରତି ଘୋଷଣା କରିଛନ୍ତି। ଏହି ପଦକ୍ଷେପ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ବୋଲି ବିବେଚନା କରାଯାଉଛି। ଟ୍ରମ୍ପ କହିଛନ୍ତି ଯେ ସେ ଲେବାନନ୍ ରାଷ୍ଟ୍ରପତି ଜୋସେଫ ଆଉନ୍ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ 'ଉତ୍କୃଷ୍ଟ' ଆଲୋଚନା କରିଛନ୍ତି। ଏହାପରେ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ ସୋସିଆଲ'ରେ ସୂଚନା ଦେଇଛନ୍ତି। ବିଶ୍ୱର ବିଭିନ୍ନ ସ୍ଥାନରେ ପୂର୍ବରୁ ୯ଟି ଯୁଦ୍ଧ ସମାଧାନ କରିଥିବା ଉଲ୍ଲେଖ କରି ସେ ନିଜକୁ ଶ୍ରେୟ ଦେଇଛନ୍ତି। ଇସ୍ରାଏଲ-ଲେବାନନ୍ ଯୁଦ୍ଧ ବିରତି ତାଙ୍କର ୧୦ମ ସଫଳତା ହେବ ବୋଲି ଟ୍ରମ୍ପ କହିଛନ୍ତି। ଦୀର୍ଘ ୩୪ ବର୍ଷ ପରେ ଇସ୍ରାଏଲ ଏବଂ ଲେବାନନ୍‌ର ପ୍ରତିନିଧିମାନେ ୱାସିଂଟନ ଡିସିରେ ସାମ୍ନାସାମ୍ନି ଆଲୋଚନା କରିଛନ୍ତି। ଏହି ଶାନ୍ତି ପ୍ରକ୍ରିୟାକୁ ସ୍ଥାୟୀ ରୂପ ଦେବା ପାଇଁ ଟ୍ରମ୍ପ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ, ବୈଦେଶିକ ସଚିବ ମାର୍କ ରୁବିଓ ଏବଂ ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ ଅଧ୍ୟକ୍ଷ ଡାନ କେନଙ୍କୁ ଦାୟିତ୍ୱ ଦେଇଛନ୍ତି। ଅନ୍ୟପଟେ ଏହି ଶାନ୍ତି ପ୍ରକ୍ରିୟାକୁ ଲେବାନନ୍‌ର ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲାର ସାଂସଦ ହୁସେନ୍ ହାଜ୍ ହାସନ ଏହି ଆଲୋଚନାକୁ ଏକ ବଡ଼ ଭୁଲ୍ ଏବଂ 'ପାପ' ବୋଲି ଅଭିହିତ କରିଛନ୍ତି। ଲେବାନନ୍ ସରକାର ଆମେରିକା ଆଗରେ ମୁଣ୍ଡ ନୁଆଁଇଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଗତ କିଛି ଦିନ ଧରି ଇସ୍ରାଏଲ ପକ୍ଷରୁ ଲେବାନନ୍ ଉପରେ କ୍ରମାଗତ ଆକ୍ରମଣ ଜାରି ରହିଥିଲା। ଏନେଇ ଲେବାନନ୍ ରାଷ୍ଟ୍ରପତି ଆଉନ୍ ଅସନ୍ତୋଷ ବ୍ୟକ୍ତ କରି ନେତନ୍ୟାହୁଙ୍କ ସହ କଥା ହେବାକୁ ମନା କରିଦେଇଥିଲେ।

**୧୦ମ ଯୁଦ୍ଧ ଅଟକାଇଲି: ଟ୍ରମ୍ପ**

## ଭୋଟ୍ ଦେବା ପାଇଁ କାହାକୁ ବାଧ କରାଯାଇପାରିବ ନାହିଁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି): ଭାରତରେ ମତଦାନକୁ ବାଧ୍ୟତାମୂଳକ କରିବା ପାଇଁ ଦାୟର ହୋଇଥିବା ଏକ ଜନସ୍ୱାର୍ଥ ମାମଲାକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଗଣତନ୍ତ୍ର ସଚେତନତା ଉପରେ ନିର୍ଭର କରେ, ବାଧ୍ୟବାଧକତା ଉପରେ ନୁହେଁ ବୋଲି କୋର୍ଟ ନିଜର ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟରେ କହିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିଚାରପତି ବିପୁଲ ଏମ୍ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି କହିଛନ୍ତି ଯେ, ଏଭଳି ନିଷ୍ପତ୍ତି ସରକାରଙ୍କ ନୀତିଗତ ବିଷୟ ଏବଂ ନ୍ୟାୟପାଳିକା ଏଥିରେ ହସ୍ତକ୍ଷେପ କରିପାରିବ ନାହିଁ। ମୁଖ୍ୟ ବିଚାରପତି କହିଛନ୍ତି ଯେ, ଶାସନ ବ୍ୟବସ୍ଥାରେ ନାଗରିକମାନେ ସ୍ୱେଚ୍ଛାକୃତ ଭାବେ ନିଜର ମତାଧିକାର ସାବ୍ୟସ୍ତ କରିବା ଉଚିତ। ଯଦି କେହି ଭୋଟ୍ ନଦେବାକୁ ସ୍ଥିର କରନ୍ତି, ତେବେ ତାଙ୍କୁ ସେଥିପାଇଁ ବାଧ କରାଯାଇପାରିବ ନାହିଁ। ଆବେଦନକାରୀ ଅଜୟ ଗୋୟଲ ଭୋଟ୍ ନଦେଉଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ସେମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରିବାକୁ ଦାବି କରିଥିଲେ। ମାତ୍ର କୋର୍ଟ କହିଛନ୍ତି ଯେ, ଜଣେ ନାଗରିକଙ୍କୁ ଭୋଟ୍ ନଦେବା ପାଇଁ 'ଅପରାଧୀ' ଭାବେ ବିବେଚନା କରିବା ଯୁକ୍ତିସଙ୍ଗତ ନୁହେଁ। ଖଣ୍ଡପୀଠ ଭୋଟ୍ ବାଧ୍ୟତାମୂଳକ ହେଲେ ଦେଖାଦେବାକୁ ଥିବା ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି। ଅନେକ ସମୟରେ ବିଚାରପତି, ଡାକ୍ତର ଏବଂ ଅନ୍ୟାନ୍ୟ ଜରୁରୀକାଳୀନ କର୍ମଚାରୀମାନେ ନିଜ ନିର୍ବାଚନ ମଣ୍ଡଳୀଠାରୁ ଦୂରରେ କାର୍ଯ୍ୟ କରୁଥାନ୍ତି। ସେମାନଙ୍କ ପାଇଁ କାମ ଛାଡ଼ି ଭୋଟ୍ ଦେବାକୁ ଯିବା ସବୁବେଳେ ସମ୍ଭବ ହୋଇନଥାଏ।

## ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ ବର୍ଜନ କରିବେ ବିରୋଧୀ

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି): ସଂସଦୀୟ ଗଣତନ୍ତ୍ରରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସଂଘର୍ଷ ପୁଣି ଥରେ ତୀବ୍ର ହୋଇଛି। ଆସନ୍ତାକାଲି (ଏପ୍ରିଲ ୧୭) ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସଭା ଉପାଧ୍ୟକ୍ଷ (ଡେପୁଟୀ ଚେୟାରମ୍ୟାନ) ନିର୍ବାଚନକୁ ସମସ୍ତ ବିରୋଧୀ ଦଳ ବର୍ଜନ କରିବେ ବୋଲି କଂଗ୍ରେସ ନେତା ଜୟରାମ ରମେଶ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଏକତରଫା ନିଷ୍ପତ୍ତି ଓ ବିରୋଧୀଙ୍କ ସହ ଆଲୋଚନା ନକରିବା ପ୍ରତିବାଦରେ ଏହି ପଦକ୍ଷେପ ନିଆଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସୋସିଆଲ ମିଡିଆ 'ଏକ୍ସ'ରେ ଏହି ନିଷ୍ପତ୍ତି ପଛରେ ପ୍ରମୁଖ କାରଣ ଦର୍ଶାଇଛନ୍ତି। ସେଗୁଡ଼ିକ ହେଲା ମୋଦୀ ସରକାର ଗତ ୭ ବର୍ଷ ହେବ ଲୋକସଭାରେ ଉପବାଚସ୍ପତି ନିଯୁକ୍ତି କରିନାହାନ୍ତି। ଭାରତୀୟ ସଂସଦୀୟ ଇତିହାସରେ ଏଭଳି ପୂର୍ବରୁ କେବେ ଘଟିନଥିଲା। ଏନ୍‌ଡିଏ ପକ୍ଷରୁ ହରିବଂଶଙ୍କୁ ତୃତୀୟ ଥର ପାଇଁ ଉପାଧ୍ୟକ୍ଷ ପ୍ରାର୍ଥୀ କରାଯାଇଛି। ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଏପ୍ରିଲ ୯ ରେ ଶେଷ ହୋଇଥିଲା ଏବଂ ପରଦିନ ହିଁ ରାଷ୍ଟ୍ରପତି ତାଙ୍କୁ ରାଜ୍ୟସଭାକୁ ମନୋନୀତ କରିଥିଲେ। ରମେଶଙ୍କ କହିବା ଅନୁଯାୟୀ, କୌଣସି ମନୋନୀତ ସଦସ୍ୟଙ୍କୁ ଉପାଧ୍ୟକ୍ଷ ପଦ ପାଇଁ ବିଚାର କରାଯିବା ଏହା ପ୍ରଥମ ଘଟଣା।

## 'ଲସ୍କର' ନେତାଙ୍କୁ ଗୁଳିମାଡ଼

ଲାହୋର, ୧୬।୪(ଏଜେନ୍ସି): ଭାରତ ବିରୋଧୀ ବିଭିନ୍ନ ବର୍ବରକାଣ୍ଡର ମାଷ୍ଟରମାଇଣ୍ଡ ତଥା କୁଖ୍ୟାତ ଆତଙ୍କବାଦୀ ଗୋଷ୍ଠୀ 'ଲସ୍କର-ଇ-ତୋଇବା' (ଏଲଇଟି)ର ସହ-ପ୍ରତିଷ୍ଠାତା ଅମୀର ହାମଜାଙ୍କୁ ପାକିସ୍ତାନର ଲାହୋରଠାରେ ଅଜ୍ଞାତ ଦୁର୍ବୃତ୍ତମାନେ ଗୁଳିମାଡ଼ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଏକ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଲାହୋରର ଏକ ନ୍ୟୁଜ୍ ଚ୍ୟାନେଲ୍ କାର୍ଯ୍ୟାଳୟ ବାହାରେ କିଛି ଅଜ୍ଞାତ ସଶସ୍ତ୍ର ଆତତାୟୀ ହାମଜାଙ୍କ ଉପରକୁ ଅତର୍କିତ ଗୁଳିବର୍ଷଣ କରିଥିଲେ।

# ୨୨ରେ ଶେଷ ହେବ ଯୁଦ୍ଧବିରତି



**■ ମଧ୍ୟପ୍ରାଚ୍ୟକୁ ଅଧିକ ସେନା ପଠାଉଛି ଆମେରିକା**
**■ ଜଳ ଓ ସ୍ଥଳପଥରେ ଇରାନକୁ ଘେରିବ**

ୱାସିଂଟନ, ୧୬।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଦୁଇ ସପ୍ତାହର ଯୁଦ୍ଧବିରତି ଅବଧି ଆସନ୍ତା ଏପ୍ରିଲ ୨୨ ରେ ଶେଷ ହେବାକୁ ଯାଉଛି। ଏହି ସମୟସୀମା ପୂର୍ବରୁ ଆମେରିକା ମଧ୍ୟପ୍ରାଚ୍ୟ ଅଞ୍ଚଳକୁ ନିଜର ସାମରିକ ଶକ୍ତି ବୃଦ୍ଧି କରିବା ପାଇଁ ଅଧିକ ସୈନ୍ୟ ପଠାଇବାକୁ ନିଷ୍ପତ୍ତି ନେଇଛି। 'ଦି ୱାସିଂଟନ ପୋଷ୍ଟ'ର ରିପୋର୍ଟ ଅନୁଯାୟୀ, ଆଗାମୀ ଦିନରେ ହଜାର ହଜାର ନୂତନ ସୈନ୍ୟ ଏହି ଅଞ୍ଚଳରେ ପହଞ୍ଚିବେ। ରିପୋର୍ଟ ମୁତାବକ, ଆମେରିକାର ବିମାନବାହୀ ଜାହାଜ ୟୁଏସ୍‌ଏସ୍ ଜର୍ଜ ଏଚ୍‌ଡବ୍ଲ୍ୟୁ ବୁଶ୍ ସହିତ ପ୍ରାୟ ୬, ୦୦୦ ସୈନ୍ୟ ଏବଂ ଅନ୍ୟାନ୍ୟ ଯୁଦ୍ଧ ଜାହାଜ ଚଳିତ ମାସ ଶେଷ ସୁଦ୍ଧା ମଧ୍ୟପ୍ରାଚ୍ୟରେ ପହଞ୍ଚିବେ। ଏହା ବ୍ୟତୀତ ପ୍ରାୟ ୪, ୨୦୦ ନୌସେନା ଏବଂ ମେରାଇନ କର୍ମଚାରୀ ମଧ୍ୟ ଏହି ମିଶନରେ ସାମିଲ ହେବେ। ବର୍ତ୍ତମାନ ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନର ପ୍ରାୟ ୫୦, ୦୦୦ କର୍ମଚାରୀ ଇରାନ ବିରୋଧୀ ଅପରେସନରେ ନିୟୋଜିତ ଅଛନ୍ତି। ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଏକ ସାକ୍ଷାତକାରରେ କହିଛନ୍ତି ଯେ, ଇରାନ ସହ ଚାଲିଥିବା ଏହି ସଂଘର୍ଷ ଖୁବଶୀଘ୍ର ଶେଷ ହୋଇପାରେ। ସେ ଆଶା ପ୍ରକାଶ କରିଛନ୍ତି ଯେ ଯଦି ଇରାନ ବୁଦ୍ଧିମାନର ସହ ନିଷ୍ପତ୍ତି ନିଏ, ତେବେ ଶାନ୍ତି ଫେରିଆସିବ ଏବଂ ଏହାଦ୍ୱାରା ବିଶ୍ୱ ବଜାରରେ ତୈଳ ଦର ମଧ୍ୟ ଯଥେଷ୍ଟ ହ୍ରାସ ପାଇବ। ଇସଲାମାବାଦରେ ହୋଇଥିବା ଶାନ୍ତି ଆଲୋଚନା ବିଫଳ ହେବା ପରେ ଟ୍ରମ୍ପ ଇରାନର ବନ୍ଦରଗୁଡ଼ିକୁ ନୌସେନା ଦ୍ୱାରା ଅବରୋଧ କରିବାକୁ ଘୋଷଣା କରିଥିଲେ। ଆମେରିକା କେନ୍ଦ୍ରୀୟ କମାଣ୍ଡ ଅନୁଯାୟୀ, ମାତ୍ର ୩୬ ଘଣ୍ଟା ମଧ୍ୟରେ ଇରାନର ସାମୁଦ୍ରିକ ବାଣିଜ୍ୟକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦିଆଯାଇଛି। ଇରାନ ଅର୍ଥନୀତିର ୯୦ ପ୍ରତିଶତ ବାହ୍ୟ ବାଣିଜ୍ୟ ଉପରେ ନିର୍ଭର କରେ, ଯାହା ଏବେ ଗୁରୁତର ଭାବେ ପ୍ରଭାବିତ। ଇରାନ ସାମରିକ କର୍ତ୍ତୃପକ୍ଷ ଏହି ଅବରୋଧକୁ ଯୁଦ୍ଧବିରତି ଉଲ୍ଲଂଘନର ଏକ 'ପ୍ରାରମ୍ଭ' ବୋଲି କହିଛନ୍ତି। ଇରାନର ସେନାଧ୍ୟକ୍ଷ ଅଲି ଅବଦୁଲ୍ଲାହୀ କହିଛନ୍ତି ଯେ, ଯଦି ଏହି ଅବରୋଧ ଜାରି ରହେ, ତେବେ ଇରାନ ମଧ୍ୟ ପାରସ୍ୟ ଉପସାଗର, ଓମାନ ସାଗର ଏବଂ ଲୋହିତ ସାଗର ଦେଇ କୌଣସି ଆମଦାନୀ କିମ୍ବା ରପ୍ତାନି ହେବାକୁ ଦେବ ନାହିଁ। ଏହି ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ମଧ୍ୟରେ ଚଳିତ ସପ୍ତାହ ଶେଷରେ ୱାସିଂଟନ ଓ ତେହେରାନ ମଧ୍ୟରେ ପୁଣି ଥରେ କଥାବାର୍ତ୍ତା ହେବାର ସମ୍ଭାବନା ରହିଛି। ଯଦି ଆଲୋଚନା ବିଫଳ ହୁଏ, ତେବେ ଏପ୍ରିଲ ୨୨ ପରେ ମଧ୍ୟପ୍ରାଚ୍ୟରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ।



## ମଧ୍ୟସ୍ଥତା ପାଇଁ ଇରାନରେ ପାକ୍ ସେନାଧ୍ୟକ୍ଷ

ତେହେରାନ/ଇସଲାମାବାଦ, ୧୬।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ସଂଘର୍ଷର ସମାଧାନ ପାଇଁ ପାକିସ୍ତାନ ଏବେ ଏକ ପ୍ରମୁଖ ମଧ୍ୟସ୍ଥ ଭାବେ ଉଭା ହୋଇଛି। ଏହି ପ୍ରୟାସର ଅଂଶବିଶେଷ ସ୍ୱରୂପ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ ମୁନିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ସହ ତେହେରାନରେ ପହଞ୍ଚିଛନ୍ତି। ଗତ ସପ୍ତାହରେ ଇସଲାମାବାଦରେ ହୋଇଥିବା ଶାନ୍ତି ଆଲୋଚନା ବିଫଳ ହେବା ପରେ, ପୁଣି ଥରେ କଥାବାର୍ତ୍ତାକୁ ଗତିଶୀଳ କରିବା ପାଇଁ ଏହି ଗସ୍ତର ଯୋଜନା କରାଯାଇଛି।

ପାକିସ୍ତାନ ସେନାମୁଖ୍ୟଙ୍କ ସହ ଦେଶର ଗୃହମନ୍ତ୍ରୀ ମୋହସିନ ନାକଭି ମଧ୍ୟ ଇରାନ ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚିଙ୍କ ସହ ଆଲୋଚନା କରିଛନ୍ତି। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ତିକ୍ତତା ହ୍ରାସ କରିବା ପାଇଁ ପାକିସ୍ତାନ ନିଜର ଆଞ୍ଚଳିକ ପ୍ରଭାବ ଓ ସମ୍ପର୍କକୁ ବ୍ୟବହାର କରୁଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ ମଧ୍ୟ ପାକିସ୍ତାନର ଏହି ଉଦ୍ୟମକୁ ଉଚ୍ଚ ପ୍ରଶଂସା କରାଯାଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ପାକିସ୍ତାନ ଜରିଆରେ ହିଁ ତେହେରାନ ସହ ଯୋଗାଯୋଗ ରଖିବାକୁ ଗୁରୁତ୍ୱ ଦେଇଛନ୍ତି।

ଇସଲାମାବାଦ ଆଲୋଚନା ବିଫଳ ହେବା ପଛରେ ତିନୋଟି ପ୍ରମୁଖ କାରଣ ରହିଥିଲା। ସେଗୁଡ଼ିକ ହେଲା ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ଏବଂ ୟୁରାନିୟମ ସମୃଦ୍ଧ କରିବା ଅଧିକାରକୁ ନେଇ ଅଟଳ ରହିଛି। ତେବେ ଏହାର ମାତ୍ରାକୁ ନେଇ ଆଲୋଚନା ପାଇଁ ତେହେରାନ ସହମତ ହୋଇଛି। ବିଶ୍ୱ ତୈଳ ବଜାର ପାଇଁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀରେ ଜାହାଜ ଚଳାଚଳକୁ ସ୍ୱାଭାବିକ କରିବା ପାଇଁ ଆମେରିକା ଦାବି କରିଛି। ଯଦି ଚୁକ୍ତି ସଫଳ ହୁଏ, ତେବେ ଇରାନ ଓମାନ ପାର୍ଶ୍ୱ ଦେଇ ଜାହାଜ ଚଳାଚଳକୁ ଅନୁମତି ଦେଇପାରେ। ଇସ୍ରାଏଲ ଓ ଲେବାନନ ମଧ୍ୟରେ ଜାରି ରହିଥିବା ସଂଘର୍ଷ ମଧ୍ୟ ଏହି ଆଲୋଚନାରେ ଏକ ବଡ଼ ପ୍ରତିବନ୍ଧକ ସାଜିଛି। ଆସନ୍ତା ସପ୍ତାହରେ ଆମେରିକା-ଇରାନ ମଧ୍ୟରେ ହୋଇଥିବା ଅସ୍ଥାୟୀ ଯୁଦ୍ଧବିରତି ଅବଧି ଶେଷ ହେବାକୁ ଯାଉଛି। ଏହା ପୂର୍ବରୁ ଏକ ସ୍ଥାୟୀ ସମାଧାନ ବାହାର କରିବା ପାଇଁ ପାକିସ୍ତାନର ମଧ୍ୟସ୍ଥତା ଅତ୍ୟନ୍ତ ନିର୍ଣ୍ଣାୟକ ହେବ। ଉଭୟ ୱାସିଂଟନ ଓ ତେହେରାନ ଏବେ ଇସଲାମାବାଦର ପରବର୍ତ୍ତୀ ପଦକ୍ଷେପ ଉପରେ ନଜର ରଖିଛନ୍ତି।

## ୟୁରୋପରେ ୬ ସପ୍ତାହରେ ବନ୍ଦ ହୋଇଯିବ ବିମାନ

ପ୍ୟାରିସ୍/ଲଣ୍ଡନ, ୧୬।୪(ଏଜେନ୍ସି): ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱ ଶକ୍ତି ବଜାରରେ ଏକ ବଡ଼ ଧରଣର ସଙ୍କଟ ଦେଖାଦେଇଛି। ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ)ର ମୁଖ୍ୟ ଫାତିହ ବିରୋଲ୍ ଗୁରୁବାର ଏକ ସତର୍କ ସୂଚନା ଜାରି କରି କହିଛନ୍ତି ଯେ, ୟୁରୋପ ପାଖରେ ମାତ୍ର ୬ ସପ୍ତାହର ବିମାନ ଇନ୍ଧନ (ଜେଟ୍ ଫୁଏଲ୍) ମହଜୁଦ ଅଛି। ଯଦି ତୈଳ ଯୋଗାଣରେ ବ୍ୟାଘାତ ଜାରି ରହେ, ତେବେ ଖୁବଶୀଘ୍ର ବିମାନ ଚଳାଚଳ ବନ୍ଦ ହେବା ଆରମ୍ଭ ହୋଇଯିବ। ଫାତିହ ବିରୋଲ୍ ଏହାକୁ ବିଶ୍ୱ ଇତିହାସର 'ସବୁଠାରୁ ବଡ଼ ଶକ୍ତି ସଙ୍କଟ' ଭାବେ ବର୍ଣ୍ଣନା କରିଛନ୍ତି। ହର୍ମୁଜ ପ୍ରଣାଳୀରେ ଜାରି ରହିଥିବା ଅସ୍ଥିରତା ଯୋଗୁଁ ତୈଳ, ଗ୍ୟାସ ଏବଂ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଛି। ଏହି ସଙ୍କଟ ଯୋଗୁଁ ବିଶ୍ୱ ବଜାରରେ ପେଟ୍ରୋଲ, ଗ୍ୟାସ ଏବଂ ବିଦ୍ୟୁତ୍ ଦର ଆକାଶଛୁଆଁ ହେବ, ଯାହା ସ୍ୱାଭାବିକ ଭାବେ ମୁଦ୍ରାସ୍ଫୀତି ବଢ଼ାଇବ। ଏହି ଶକ୍ତି ସଙ୍କଟ ଦ୍ୱାରା ଭାରତ, ଚୀନ୍, ଦକ୍ଷିଣ କୋରିଆ, ଜାପାନ, ପାକିସ୍ତାନ ଏବଂ ବାଂଲାଦେଶ ସବୁଠାରୁ ଅଧିକ ପ୍ରଭାବିତ ହେବେ। ବିଶେଷ କରି ଏସିଆ ଓ ଆଫ୍ରିକାର ଗରିବ ଦେଶଗୁଡ଼ିକ ଏହାର କୁପରିଣାମ ଭୋଗିବେ। ବିରୋଲ୍ କହିଛନ୍ତି ଯେ ଯଦି ହର୍ମୁଜ ପ୍ରଣାଳୀ ତୁରନ୍ତ ନ ଖୋଲେ, ତେବେ ସ୍ଥିତି ଆହୁରୀ ସଙ୍କଟଜନକ ହେବ। ଇରାନ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଯେଉଁ 'ଟୋଲ୍' ବା ମାସୁଲ ବ୍ୟବସ୍ଥା ଲାଗୁ କରିବାକୁ ଚେଷ୍ଟା କରୁଛି, ତାହାକୁ ବିରୋଲ୍ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଯଦି ଏହା ସ୍ଥାୟୀ ହୋଇଯାଏ, ତେବେ ବିଶ୍ୱର ଅନ୍ୟାନ୍ୟ ଜଳପଥ ଯଥା ଏସିଆର 'ମଲାକ୍କା ପ୍ରଣାଳୀ'ରେ ମଧ୍ୟ ଏଭଳି ବ୍ୟବସ୍ଥା ଲାଗୁ ହେବାର ଆଶଙ୍କା ରହିଛି, ଯାହା ବିଶ୍ୱ ବାଣିଜ୍ୟ ପାଇଁ ଆଦୌ ଶୁଭଙ୍କର ନୁହେଁ।

# ଆମେରିକାକୁ କିପରି ଟାର୍ଗେଟ୍ କରୁଛି ଇରାନ

ତେହେରାନ/ବେଜିଂ, ୧୬।୪(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ମଧ୍ୟରେ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଇରାନ ନିଜର ଶତ୍ରୁପକ୍ଷ, ବିଶେଷ କରି ଆମେରିକାର ସାମରିକ ଗତିବିଧି ଉପରେ ନଜର ରଖିବା ପାଇଁ ଚୀନ୍ ନିର୍ମିତ ଏକ ଗୁପ୍ତଚର ଉପଗ୍ରହର ସହାୟତା ନେଉଥିବା 'ଫାଇନାନ୍ସିଆଲ୍ ଟାଇମ୍ସ'ର ଏକ ରିପୋର୍ଟରୁ



ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ, 'ଟିଇଇ-ଓଆଇବି' ନାମକ ଏହି ଉପଗ୍ରହଟିକୁ ଚୀନ୍‌ର 'ଅର୍ଥ ଆଇ କମ୍ପାନୀ' ବିକଶିତ କରିବା ସହ ମହାକାଶକୁ ପ୍ରେରଣ କରିଥିଲା। ଏହାକୁ ଏକ ସ୍ୱତନ୍ତ୍ର ରପ୍ତାନି ମଡେଲ୍ 'ଇନ୍-ଅର୍ବିଟ୍ ଡେଲିଭରି' ଜରିଆରେ ଇରାନର 'ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ' (ଆଇଆରଜିସି)କୁ ହସ୍ତାନ୍ତର କରାଯାଇଛି। ଏହି ବ୍ୟବସ୍ଥାରେ ଉପଗ୍ରହଟି କକ୍ଷପଥରେ ସଫଳତାର ସହ ସ୍ଥାପିତ ହେବା ପରେ ହିଁ ଏହାର ନିୟନ୍ତ୍ରଣ କରୁଥିବା ଦେଶକୁ ଦିଆଯାଇଥାଏ। ଇରାନ ଏହି ଉପଗ୍ରହ ବ୍ୟବହାର କରି ଆଞ୍ଚଳିକ ସ୍ତରରେ ଆମେରିକାର ପ୍ରମୁଖ ସାମରିକ ଆଡ୍ଡାଗୁଡ଼ିକର ଗୁପ୍ତ ତଥ୍ୟ ଓ ଚିତ୍ର ସଂଗ୍ରହ କରୁଛି।

**■ ଚୀନ୍‌ଠାରୁ କକ୍ଷପଥରେ ଉପଗ୍ରହ କିଣିଲା ଇରାନ**
**■ ଆମେରିକା ସେନାଘାଟିକୁ ଟାର୍ଗେଟ୍ କରିବା ପାଇଁ ହେଉଛି ବ୍ୟବହାର**

ପ୍ରିନ୍ସ ସୁଲତାନ ଏୟାର ବେସର ଚିତ୍ର ମାର୍ଚ୍ଚ ୧୩-୧୫ ମଧ୍ୟରେ ସଂଗ୍ରହ କରାଯାଇଥିଲା, ଯାହା ପରେ ସେଠାରେ ଆମେରିକୀୟ ବିମାନ କ୍ଷତିଗ୍ରସ୍ତ ହୋଇଥିବା ନେଇ ରାଷ୍ଟ୍ରପତି ଟ୍ରମ୍ପ ସ୍ୱୀକାର କରିଥିଲେ। ଜୋର୍ଡାନର ମୁୱାଫକ ସାଲତି ଏୟାର ବେସ, ବାହାରିନର ଆମେରିକୀୟ ପଞ୍ଚମ ନୌବାହିନୀ ମୁଖ୍ୟାଳୟ ଏବଂ ଇରାକର ଏରବିଲ ବିମାନବନ୍ଦର ଉପରେ ମଧ୍ୟ ଏହା ଜରିଆରେ ନଜର ରଖାଯାଇଛି। କୁଏତର କ୍ୟାମ୍ପ ବୁହେରିଙ୍ଗ ଏବଂ ଜିବୁଟିର କ୍ୟାମ୍ପ ଲେମନିୟର ଭଳି ପ୍ରମୁଖ ସ୍ଥାନଗୁଡ଼ିକ ମଧ୍ୟ ଇରାନର ଏହି ମହାକାଶ ଗୁଇନ୍ଦା ପରିସରଭୁକ୍ତ। ଜଣେ ପୂର୍ବତନ ପଶ୍ଚିମ ଗୁଇନ୍ଦା ଅଧିକାରୀଙ୍କ କହିବା ଅନୁଯାୟୀ, ଚୀନ୍ ସରକାରଙ୍କ ଅନୁମତି ବିନା କୌଣସି କମ୍ପାନୀ ଏଭଳି ସମ୍ବେଦନଶୀଳ ପ୍ରଯୁକ୍ତିବିଦ୍ୟା ହସ୍ତାନ୍ତର କରିବା ଅସମ୍ଭବ। ଚୀନ୍ ନିଜକୁ ପ୍ରତ୍ୟକ୍ଷ ସଂଘର୍ଷରୁ ଦୂରେଇ ରଖି ପରୋକ୍ଷରେ ଇରାନକୁ ସାମରିକ କୌଶଳ (ଇଣ୍ଟେଲିଜେନ୍ସ) ଯୋଗାଇ ଦେଉଥିବା ଅନୁମାନ କରାଯାଉଛି। ଏହା ଗଲ୍ଫ ଦେଶଗୁଡ଼ିକ ପାଇଁ ଚିନ୍ତାର ବିଷୟ, କାରଣ ଚୀନ୍ ଏହି ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟିକ ଅଂଶୀଦାର। ଯଦିଓ ଚୀନ୍ ବୈଦେଶିକ ମନ୍ତ୍ରାଳୟ ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଛି, ତଥାପି 'ଆଇଆରଜିସି'ର ଗତିବିଧି ଏବଂ ଏହାର ଓଜଏଉ ସହ ସମ୍ପର୍କ ଏକ ଭିନ୍ନ ସଙ୍କେତ ଦେଉଛି। ରୁଷରୁ ମିଳୁଥିବା ସହାୟତା ପରେ ଏବେ ଚୀନ୍‌ର ଏହି 'ସାଟେଲାଇଟ୍ ଡିପ୍ଲୋମାସି' ଇରାନକୁ ପଶ୍ଚିମ ଶକ୍ତି ବିରୋଧରେ ଅଧିକ ଶକ୍ତିଶାଳୀ କରିବାର ଆଶଙ୍କା ସୃଷ୍ଟି କରିଛି।

## ହର୍ମୁଜକୁ ନେଇ ଚୀନ୍ ବହୁତ ଖୁସି: ଟ୍ରମ୍ପ

ୱାସିଂଟନ୍/ବେଜିଂ, ୧୬।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ 'ଟ୍ରୁଥ୍ ସୋସିଆଲ'ରେ ଏକ ଚାଞ୍ଚଲ୍ୟକର ପୋଷ୍ଟ କରିଛନ୍ତି। ବିଶ୍ୱ ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ସେ 'ସ୍ଥାୟୀ ଭାବେ' ଉନ୍ମୁକ୍ତ କରୁଥିବାରୁ ଚୀନ୍ ବହୁତ ଖୁସି ଅଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ସେ ଚୀନ୍ ଏବଂ ସାରା ବିଶ୍ୱ ପାଇଁ ଏହି ସାମୁଦ୍ରିକ ପଥକୁ ସବୁଦିନ ପାଇଁ ଖୋଲା ରଖୁଛନ୍ତି ଏବଂ ଏହା ଆଉ କେବେବି ଅବରୋଧ ହେବନାହିଁ। ଟ୍ରମ୍ପ ଦାବି କରିଛନ୍ତି ଯେ ଚୀନ୍ ଏବେ ଇରାନକୁ କୌଣସି ଅସ୍ତ୍ରଶସ୍ତ୍ର ନପଠାଇବାକୁ ସମ୍ମତି ପ୍ରକାଶ କରିଛି। ଯଦିଓ ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ଇରାନକୁ ସାମରିକ ସହାୟତା ଦେବା କଥାକୁ ବାରମ୍ବାର ଅସ୍ୱୀକାର କରିଆସୁଛି। ଟ୍ରମ୍ପ ଲେଖିଛନ୍ତି ଯେ ଆସନ୍ତା ମେ ମାସରେ ସେ ଯେତେବେଳେ ବେଜିଂ ଗସ୍ତ କରିବେ, ଚୀନ୍ ରାଷ୍ଟ୍ରପତି ଶି ଜିନପିଙ୍ଗ ତାଙ୍କୁ ଆଲିଙ୍ଗନ କରି ସ୍ୱାଗତ କରିବେ। ସେ କହିଛନ୍ତି, 'ଆମେ ବୁଦ୍ଧିମାନର ସହ ମିଶି କାମ କରୁଛୁ... ଏହା ଯୁଦ୍ଧ କରିବା ଅପେକ୍ଷା ଭଲ ନୁହେଁ କି?' ଟ୍ରମ୍ପ ଶାନ୍ତି ଓ ସହଯୋଗର କଥା କହୁଥିବା ବେଳେ ଚୀନ୍ କିନ୍ତୁ ଆମେରିକାର କିଛି ପଦକ୍ଷେପକୁ କଡ଼ା ସମାଲୋଚନା କରିଛି। ଇରାନର ବନ୍ଦରଗୁଡ଼ିକୁ ଆମେରିକା ଅବରୋଧ କରିବାକୁ ଚୀନ୍ 'ବିପଜ୍ଜନକ ଏବଂ ଦାୟିତ୍ୱହୀନ' ବୋଲି କହିଛି।

# ରନ୍‌ୱେରେ ସ୍ପାଇସ୍‌ଜେଟ୍-ଆକାଶ ବିମାନ ଧକ୍କା

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି): ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ପାର୍କିଂ ଅଞ୍ଚଳରେ ଗୁରୁବାର ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ସ୍ପାଇସ୍‌ଜେଟ୍‌ର ଏକ ବିମାନ ଟ୍ୟାକ୍ସିଂ କରୁଥିବା ସମୟରେ ସେଠାରେ ଠିଆ ହୋଇଥିବା ଆକାଶ ଏୟାରର ଏକ ବିମାନକୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ଉଭୟ ବିମାନ କ୍ଷତିଗ୍ରସ୍ତ ହୋଇଥିଲେ ହେଁ ସମସ୍ତ ଯାତ୍ରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି। ସ୍ପାଇସ୍‌ଜେଟ୍‌ର ବୋଇଂ ୭୩୭-୭୦୦ ବିମାନଟି ରନ୍‌ୱେ ଆଡ଼କୁ ଯାଉଥିବା ବେଳେ ଏହାର ଡାହାଣ ପାର୍ଶ୍ୱର 'ୱିଙ୍ଗଲେଟ୍' ଅନ୍ୟ ବିମାନ ସହ ପିଟି ହୋଇ ଯାଇଥିଲା। ବିମାନଟିକୁ ବର୍ତ୍ତମାନ ଯାଞ୍ଚ ପାଇଁ ବିମାନବନ୍ଦରରେ ଅଟକ ରଖାଯାଇଛି। ଆକାଶ ଏୟାରର ଫ୍ଲାଇଟ୍ 'କ୍ୟୁପି ୧୪୦୬' ଦିଲ୍ଲୀରୁ ହାଇଦ୍ରାବାଦ ଅଭିମୁଖେ ଯାତ୍ରା କରିବା ପାଇଁ ପାର୍କିଂ ବେ'ରେ ସ୍ଥିର ହୋଇ ରହିଥିଲା। ସ୍ପାଇସ୍‌ଜେଟ୍ ବିମାନର ଧକ୍କା ଯୋଗୁଁ ଏହାର ପଛ ଭାଗର 'ହରାଇଜେଣ୍ଟାଲ୍ ଷ୍ଟାବିଲାଇଜର' କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଆକାଶ ଏୟାର ବିମାନଟିକୁ ପୁଣି ଥରେ ପାର୍କିଂ ବେ'କୁ ଫେରାଇ ଅଣାଯାଇଥିଲା। ବିମାନରେ ଥିବା ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ନିରାପଦରେ ଓହ୍ଲାଇ ଦିଆଯାଇଛି। ଆକାଶ ଏୟାର ପକ୍ଷରୁ କୁହାଯାଇଛି ଯେ, ହାଇଦରାବାଦ୍ ଯିବାକୁ ଥିବା ଯାତ୍ରୀମାନଙ୍କ ପାଇଁ ଖୁବଶୀଘ୍ର ଏକ ବିକଳ୍ପ ବିମାନର ବ୍ୟବସ୍ଥା କରାଯାଉଛି। ଆକାଶ ଏୟାରର ଜଣେ ମୁଖପାତ୍ର କହିଛନ୍ତି ଯେ, ସେମାନଙ୍କ ବିମାନଟି ସମ୍ପୂର୍ଣ୍ଣ ଭାବେ ସ୍ଥିର ଥିବା ବେଳେ ଅନ୍ୟ ଏକ ଏୟାରଲାଇନ୍ସର ବିମାନ ଆସି ଏହାକୁ ଧକ୍କା ଦେଇଥିଲା। ଏହି ଘଟଣାରେ ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ଡିଜିସିଏ (ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ) ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣା ଯୋଗୁଁ କିଛି ସମୟ ପାଇଁ ବିମାନବନ୍ଦରରେ ବିମାନ ଚଳାଚଳ ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲା।



## ଟାଇମ୍ସର ପ୍ରଭାବଶାଳୀ ତାଲିକାରେ ୩ ଭାରତୀୟ

ନୂଆଦିଲ୍ଲୀ, ୧୬।୪(ଏଜେନ୍ସି): ବିଶ୍ୱର ଜଣାଶୁଣା ପ୍ରତିଷ୍ଠିତ ପତ୍ରିକା 'ଟାଇମ୍' (ଟାଇମ ମାଗାଜିନ୍) ବୁଧବାର ୨୦୨୬ ମସିହା ପାଇଁ ବିଶ୍ୱର ୧୦୦ ଜଣ ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶ କରିଛି। ଚଳିତ ବର୍ଷ ଏହି ତାଲିକାରେ ଅନେକ ଭାରତୀୟ ବ୍ୟକ୍ତିତ୍ୱ ସ୍ଥାନ ପାଇଥିବା ବେଳେ ଟେକ୍ନୋଲୋଜି, ମନୋରଞ୍ଜନ ଏବଂ ରୋଷେଇ କଳା କ୍ଷେତ୍ରରେ ଭାରତର ପ୍ରଭାବ ଦେଖିବାକୁ ମିଳିଛି। ଏହି ତାଲିକାରେ ଭାରତର ଗୁଗଲ ଓ ଆଲଫାବେଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ସୁନ୍ଦର ପିଚାଇ, ବଲିଉଡ୍ ସୁପରଷ୍ଟାର ରଣବୀର କପୁର ଓ ବିଶ୍ୱ ପ୍ରସିଦ୍ଧ ଚେଫ୍ ବିକାଶ ଖାନ୍ନାଙ୍କୁ ସ୍ଥାନ ମିଳିଛି।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2026-27/01 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.03.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ଗୋଷ୍ଠୀ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା | 1 | 55 | 62 |

ବିଜ୍ଞାପନ ସଂ. CRPD/SCO/2026-27/04 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.03.2026 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ମୁଖ୍ୟ ବ୍ୟବସାୟ ବିଶ୍ଳେଷକ | 8 | 30 | 40 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/ web/ careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 13.04.2026 ରୁ 04.05.2026 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 13.04.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ଭୋଟ ପାଇଁ ଧାଉଁଛନ୍ତି ହଜାର ହଜାର ପ୍ରବାସୀ ଶ୍ରମିକ

**ନାଗରିକତ୍ୱ ହରାଇବା ଭୟ**

ନୂଆଦିଲ୍ଲୀ/କୋଲକାତା, ୧୬।୪(ଏଜେନ୍ସି): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଦେଶର ବିଭିନ୍ନ ମେଟ୍ରୋ ସହରରେ ରହୁଥିବା ବଙ୍ଗୀୟ ପ୍ରବାସୀ ଶ୍ରମିକମାନଙ୍କ ମଧ୍ୟରେ ଏକ ଅଜଣା ଭୟ ଓ ଉତ୍ସାହ ଦେଖିବାକୁ ମିଳିଛି। ଚାକିରି ହରାଇବା କିମ୍ବା ମଜୁରି କଟିବାର ଭୟ ଥିଲେ ମଧ୍ୟ ହଜାର ହଜାର ଘରୋଇ ସହାୟକ, ରୋଷେୟା ଏବଂ ଶ୍ରମିକ ନିଜ ଗାଁକୁ ଫେରିବା ପାଇଁ ଷ୍ଟେସନରେ ଭିଡ଼ ଜମାଉଛନ୍ତି। ସମ୍ପ୍ରତି କାର୍ଯ୍ୟକାରୀ ହୋଇଥିବା ଏସ୍‌ଆଇଆର୍ (ଭୋଟର ତାଲିକା ସଂଶୋଧନ) ଅଭ୍ୟାସ ଏବଂ ବିଭିନ୍ନ ରାଜନୈତିକ ଦଳର ବୟାନବାଜି ଯୋଗୁଁ ପ୍ରବାସୀ ଶ୍ରମିକମାନଙ୍କ ମଧ୍ୟରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି। ସେମାନେ ମନେ କରୁଛନ୍ତି ଯେ, ଯଦି ସେମାନେ ଚଳିତ ଥର ଭୋଟ୍ ନଦେବେ, ତେବେ ଭୋଟର ତାଲିକାରୁ ସେମାନଙ୍କ ନାମ କଟିଯିବ। ଭବିଷ୍ୟତରେ ସେମାନେ ନିଜର ଭାରତୀୟ ନାଗରିକତା ହରାଇପାରନ୍ତି କିମ୍ବା ସେମାନଙ୍କୁ 'ବିଦେଶୀ' କହି ଦେଶାନ୍ତର କରାଯାଇପାରେ। 'ଲକ୍ଷ୍ମୀ ଭଣ୍ଡାର' ଓ 'କନ୍ୟାଶ୍ରୀ' ଭଳି ସରକାରୀ ଯୋଜନାର ସୁବିଧା ବନ୍ଦ ହୋଇଯାଇପାରେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ଓ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ, ଏହି ଏସ୍‌ଆଇଆର ପ୍ରକ୍ରିୟା ଜରିଆରେ ଲୋକଙ୍କ ଭୋଟ୍ ଅଧିକାର ଛଡ଼ାଇ ନେବାକୁ ଚେଷ୍ଟା କରାଯାଉଛି। ଅନ୍ୟପଟେ, ବିଜେପି ସୀମାନ୍ତ ଜିଲ୍ଲାଗୁଡ଼ିକରେ ଅସ୍ୱାଭାବିକ ଜନସଂଖ୍ୟା ବୃଦ୍ଧିକୁ ଅନୁପ୍ରବେଶ ବୋଲି ଦର୍ଶାଇ ଏହାର ତଦନ୍ତ ଦାବି କରୁଛି। ଏହି ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତି ସାଧାରଣ ଶ୍ରମିକଙ୍କ ମନରେ ନାଗରିକ ପଞ୍ଜୀକରଣ ଭୟ ବଢ଼ାଇ ଦେଇଛି। ଉତ୍ତର ପ୍ରଦେଶର ଖୁର୍ଜାଠାରେ ଥିବା ସିରାମିକ ଶିଳ୍ପର ଶ୍ରମିକମାନେ ଦଳ ଦଳ ହୋଇ ବଙ୍ଗଳା ଫେରୁଥିବାରୁ ପ୍ରାୟ ୨୫୦ରୁ ଅଧିକ କାରଖାନା ୨୦ ଦିନ ପାଇଁ ବନ୍ଦ ହେବା ସ୍ଥିତିକୁ ଆସିଛି। ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ଭଳି ସହରରେ ଘରୋଇ କାମ କରୁଥିବା ଶ୍ରମିକମାନେ ଏକାଠି ବସ୍ ଭଡ଼ା କରି ୧୯୦୦ରୁ ୨୦୦୦ କିଲୋମିଟର ଦୂର ନିଜ ଗାଁକୁ ଯାଉଛନ୍ତି। ସରକାରୀ ସ୍ତରରେ ଭୋଟ୍ ନଦେଲେ ନାଗରିକତା ଚାଲିଯିବାର କୌଣସି ନିୟମ ନଥିଲେ ମଧ୍ୟ, ଗୁଜବ ଏବଂ ଅତୀତର ତିକ୍ତ ଅନୁଭୂତି ଶ୍ରମିକମାନଙ୍କୁ ଭୟଭୀତ କରିଛି। ଏହା ଏବେ ପଶ୍ଚିମବଙ୍ଗ ନିର୍ବାଚନକୁ କେବଳ ଏକ ରାଜନୈତିକ ଲଢେଇ ନୁହେଁ, ବର୍ଗ ଅସ୍ତିତ୍ୱ ରକ୍ଷାର ଲଢେଇରେ ପରିଣତ କରିଛି।

## ପ୍ରଭସିମରନ-ଶ୍ରେୟସଙ୍କ ଆଗରେ କ୍ୱିଣ୍ଟନ-ନମନଙ୍କ ଯୋଡି ଫିକା

# ମୁମ୍ବାଇକୁ ହରାଇ ପଞ୍ଜାବ ଅପରାଜେୟ

ମୁମ୍ବଇ,୧୬।୪(ଏଜେନ୍ସି):

ପ୍ରଭସିନରନ ସିଂହ ଓ ଶ୍ରେୟସ ଆୟରଙ୍କ ଶତକୀୟ ଭାଗୀଦାରି ବଳରେ ପଞ୍ଜାବ କିଙ୍ଗସ ୭ ୱିକେଟରେ ମୁମ୍ବଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ଏହା ଫଳରେ ୫ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ପଞ୍ଜାବ ପଏଣ୍ଟ ଟେବଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। କେକେଆର୍ ବିପକ୍ଷ ବାତିଲ ମ୍ୟାଚ୍‌କୁ ମିଶାଇ ପଞ୍ଜାବ ୯ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷରେ ମୁମ୍ବଇ ୫ମ ମୁକାବିଲାରୁ ୪ର୍ଥ ପରାଜୟ ସହ ପଏଣ୍ଟ ଟେବଲର ୯ମ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ର ପାୱାର ପ୍ଲେ'ରେ ଘାତକ ବୋଲିଂ କରି ପ୍ରଥମ ୨ ଓଭରରେ ୨ଟି ଏବଂ ୪ ଓଭର ସ୍ପେଲ୍‌ରେ ୨୨ ରନ୍ ଦେଇ ୩ଟି ୱିକେଟ ନେଇଥିବା ପଞ୍ଜାବର ଫାଷ୍ଟ ବୋଲର ଅର୍ଶଦୀପ ସିଂହଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ୍ ଖେଳୁଥିବା କ୍ୱିଣ୍ଟନ ଡି କକ୍‌ଙ୍କ ଅପରାଜିତ ୧୧୨ ଓ ନମନ ଧୀରଙ୍କ ୫୦ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବଇ ୬ ୱିକେଟରେ ୧୯୫ ରନ୍ କରିଥିଲା। ଦଳ ୧୨ ରନ୍‌ରେ ମୁମ୍ବଇ ୨ ୱିକେଟ ହରାଇବା ପରେ କ୍ୱିଣ୍ଟନ-ନମନ ତୃତୀୟ ୱିକେଟ ଭାଗୀଦାରିରୁ ୬୮ ବଲ୍‌ରେ ୧୨୨ ରନ୍ ଉଠାଇ ଦଳକୁ ଏକ ସମ୍ମାନଜନକ ସ୍କୋର ଦେଇଥିଲେ। ଜବାବରେ ୧୯୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ପଞ୍ଜାବ ୧୬.୩ ଓଭରରେ ୩ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରୁ ପ୍ରଭସିମରନ ସିଂହ ଓ ଶ୍ରେୟସ ଆୟର ତୃତୀୟ ୱିକେଟରେ ୬୬ବଲ୍‌ରୁ ୧୩୯ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ମ୍ୟାଚ୍ ଜିତିବାକୁ ଆଉ ୨୨ ରନ୍ ଆବଶ୍ୟକ ହେଉଥିଲାବେଳେ ଶ୍ରେୟସ ୬୬ ରନ୍‌ରେ ଆଉଟ ହୋଇଥିଲେ। ମାତ୍ର ୩୧ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ଶ୍ରେୟସ ୩୫ବଲ୍‌ରୁ ସାମ୍ନା କରି ୫ ଚୌକା ଓ ୪ ଛକା ସହାୟତାରେ ଏହି ସ୍କୋର କରିଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ତାଙ୍କର ଏହା କ୍ରମାଗତ ତୃତୀୟ ଅର୍ଦ୍ଧଶତକ। ପୂର୍ବରୁ ସେ ସିଏସ୍‌କେ ବିପକ୍ଷରେ ୨୯ ବଲ୍‌ରୁ ୫୦ ଓ ହାଇଦରାବାଦ୍ ବିପକ୍ଷରେ ୩୩ ବଲ୍‌ରୁ ଅପରାଜିତ ୬୯ ରନ୍ କରିଥିଲେ। ଅନ୍ୟ ପକ୍ଷରେ ପ୍ରଭସିମରନ ମାତ୍ର ୩୯ ବଲ୍‌ର ସାମ୍ନା କରି ୧୧ଚୌକା ଓ ୨ଛକା ସହାୟତାରେ ଅପରାଜିତ ୮୦ ରନ୍ କରି ଦଳକୁ ଏହି ସହଜ ବିଜୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟାଂଶ ଆର୍ଯ୍ୟ ୧୫, କୁପର କନୋଲି ୧୭ ରନ୍‌ର ଯୋଗଦାନ ଦେଇଥିଲେ। ଏହି ମ୍ୟାଚ୍‌ରେ ଭାରତର ନଂ-୧ ବୋଲର ଯଶପ୍ରୀତ ବୁମ୍‌ରା କ୍ରମାଗତ ୫ମ ମ୍ୟାଚ୍‌ରେ ୱିକେଟ ପାଇନାହାନ୍ତି। ଚଳିତ ଆଇପିଏଲ୍‌ରେ ସେ ସମସ୍ତ ୫ଟି ମ୍ୟାଚ୍‌ରେ ସେ ୧୧୪ ବଲ୍ ପକାଇବା ପରେ ମଧ ଜଣେ ହେଲେ ବ୍ୟାଟରଙ୍କୁ ଆଉଟ କରିପାରି ନାହାନ୍ତି। ଅନ୍ୟପକ୍ଷରେ ପଞ୍ଜାବ ପକ୍ଷରୁ ଖେଳୁଥିବା ଅର୍ଶଦୀପ ସିଂହ ଏଠାରେ ୩ଟି ୱିକେଟ ପାଇବା ସହ ଆଇପିଏଲ୍‌ରେ ୧୦୦ତମ ୱିକେଟ ପୂରଣ କରିଛନ୍ତି।


ପ୍ରଭସିମରନ୍ ସିଂହ


କ୍ୱିଣ୍ଟନ ଡି କକ୍

**ଆଜିର ଆଇପିଏଲ୍ ମ୍ୟାଚ୍**
ଗୁଜରାଟ ବନାମ କୋଲକାତା
ଭେନ୍ୟୁ - ଅହମ୍ମଦାବାଦ୍
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ସଂକ୍ଷିପ୍ତ ସ୍କୋର

**ମୁମ୍ବଇ ଇଣ୍ଡିଆନ୍ସ:** ୧୯୫/୬,୨୦ ଓଭର (କ୍ୱିଣ୍ଟନ ଡି କକ୍-୧୧୨*, ନମନ ଧୀର-୫୦, ଅର୍ଶଦୀପ ସିଂହ-୩/୨୨)।

**ପଞ୍ଜାବ କିଙ୍ଗ୍‌ସ:** ୧୯୮/୩, ୧୬.୩ ଓଭର (ପ୍ରଭସିମରନ ସିଂ-୮୦*, ଶ୍ରେୟସ ଆୟର-୬୬, ଅଲି ଘଜନଫର-୨/୩୧, ଶାର୍ଦ୍ଦୁଳ ଠାକୁର-୧/୪୨)।

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ପଞ୍ଜାବ | ୫ | ୪ | ୦ | ୧ | ୯ | +୧.୦୬୭ |
| ବେଙ୍ଗାଲୁରୁ | ୫ | ୪ | ୧ | ୦ | ୮ | +୧.୫୦୩ |
| ରାଜସ୍ଥାନ | ୫ | ୪ | ୧ | ୦ | ୮ | +୦.୮୮୯ |
| ହାଇଦରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ | ୫ | ୨ | ୩ | ୦ | ୪ | -୦.୮୦୪ |
| ଚେନ୍ନଇ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବଇ | ୫ | ୧ | ୪ | ୦ | ୨ | -୧.୦୭୬ |
| କୋଲକାତା | ୫ | ୦ | ୪ | ୧ | ୧ | -୧.୩୮୩ |

■ ଆଇପିଏଲ୍‌ରେ ୧୦୦ ୱିକେଟ

## ଅର୍ଶଦୀପ୍ ପଞ୍ଜାବର ପ୍ରଥମ ବୋଲର

ମୁମ୍ବଇ, ୧୬।୪ (ଏଜେନ୍ସି): ଆଇପିଏଲ୍ ଇତିହାସରେ ୩୧ତମ ଓ ପଞ୍ଜାବ କିଙ୍ଗ୍‌ସର ପ୍ରଥମ ବୋଲର ଭାବେ ଅର୍ଶଦୀପ୍ ସିଂହ ୧୦୦ ୱିକେଟ୍ ପୂରଣ କରିଛନ୍ତି। ଗୁରୁବାର ୱାଙ୍ଖେଡେ ଷ୍ଟାଡିୟମରେ ଘରୋଇ ମୁମ୍ବାଇ ଇଣ୍ଡିଆନ୍ସର ରିୟାନ ରିକ୍ଲେଟନଙ୍କୁ ଆଉଟ୍ କରି ଅର୍ଶଦୀପ୍ ଏହି କ୍ଲବରେ ସାମିଲ ହୋଇଥିଲେ। ୮୭ତମ ଆଇପିଏଲ୍ ମ୍ୟାଚ ଖେଳୁଥିବାବେଳେ ଅର୍ଶଦୀପ୍ ଏହି କୀର୍ତ୍ତିମାନ କରିଛନ୍ତି। ଉଲ୍ଲେଖନୀୟ କଥା ହେଉଛି ଅର୍ଶଦୀପ୍ କେବଳ ପଞ୍ଜାବ ଫ୍ରାଞ୍ଚାଇଜ ପକ୍ଷରୁ ଖେଳି ଆଇପିଏଲ୍‌ରେ ଏହି ୧୦୦ ୱିକେଟ୍ ମାଇଲଖୁଣ୍ଟ ହାସଲ କରିଛନ୍ତି। ଆଇପିଏଲ୍‌ରେ ଗୋଟିଏ ଫ୍ରାଞ୍ଚାଇଜ ପାଇଁ ୧୦୦ ୱିକେଟ୍ ନେବାରେ ସେ ୯ମ ବୋଲର ହୋଇଛନ୍ତି। ୱେଷ୍ଟଇଣ୍ଡିଜ ସ୍ପିନର ସୁନୀଲ ନାରାୟଣ କୋଲକାତା ପାଇଁ ୧୯୫ ୱିକେଟ ନେଇ ଏହି ତାଲିକାର ଶୀର୍ଷରେ ରହିଛନ୍ତି।

## ଖଲୀଲ ଓ ପେନ୍ ବାଦ୍ ପଡ଼ିଲେ

ନୂଆଦିଲ୍ଲୀ,୧୬।୪(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) କ୍ରିକେଟ ପ୍ରତିଯୋଗିତା ଯେଉଁ ଉଚ୍ଚସ୍ତରରେ ଖେଳାଯାଉଛି ତାହାକୁ ଖେଳିବା ସାଧାରଣ ଖେଳାଳିଙ୍କ ଲାଗି ଏକ ଆହ୍ୱାନ ସୃଷ୍ଟି କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ଗୁଣାତ୍ମକ ଖେଳ ପ୍ରଦର୍ଶନ କରି ଯେତିକି ଜରୁରୀ, ତା'ଠାରୁ ଅଧିକ ଫିଟ୍ ରହିବା ମଧ ଜରୁରୀ। କିନ୍ତୁ ଆଇପିଏଲ୍‌ରେ ସାମିଲ ହୋଇଥିବା ସମସ୍ତ ୧୦ଟିଯାକ ଦଳ କିଛି କିଛି ଆହତ ସମସ୍ୟାକୁ ନେଇ ସଂଘର୍ଷ କରୁଛନ୍ତି। ଆଜି ଦୁଇଜଣ ଖେଳାଳି ଆଘାତ ଜନିତ ସମସ୍ୟା ଯୋଗୁଁ ଟୁର୍ଣ୍ଣାମେଣ୍ଟର ଅବଶିଷ୍ଟ ମ୍ୟାଚ୍ ଗୁଡ଼ିକରୁ ବାଦ୍ ପଡ଼ିଛନ୍ତି। ସେମାନେ ହେଲେ ଚେନ୍ନଇ ସୁପର କିଙ୍ଗ୍‌ସ (ସିଏସ୍‌କେ)ର ଫାଷ୍ଟ ବୋଲର ଖଲୀଲ ଅହମ୍ମଦ ଓ ସନ୍‌ରାଇଜର୍ସ ହାଇଦରାବାଦ୍‌ର ଫାଷ୍ଟ ବୋଲର ଡେଭିଡ୍ ପେନ୍। ଉଭୟ ବାମହାତୀ ବୋଲର ଏହି ଟୁର୍ଣ୍ଣାମେଣ୍ଟରେ ଆଉ ଖେଳିପାରିବେ ନାହିଁ। ହାଇଦ୍ରାବାଦ ପାଇଁ ଖୁସୀର ଖବର ଯେ ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଖୁବଶୀଘ୍ର ଦଳ ସହ ଯୋଗଦେବେ।

## ଦେଶରେ ପ୍ରଥମ କ୍ରିକେଟ୍ ସଂଘ ମୁମ୍ବଇ

### ଖେଳାଳିଙ୍କ ପାଇଁ ପ୍ରଚଳନ ହେଲା ବାର୍ଷିକ ଚୁକ୍ତି

ମୁମ୍ବଇ, ୧୬।୪ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍‌ରେ ମୁମ୍ବଇ ପ୍ରଥମ ସଂଘ ଭାବେ ଖେଳାଳିଙ୍କ ଲାଗି ବାର୍ଷିକ ଚୁକ୍ତି ବ୍ୟବସ୍ଥା ଲାଗୁ କରିଛି। ମୁମ୍ବଇ କ୍ରିକେଟ୍ ସଂଘ (ଏମ୍‌ସିଏ) ଆଗାମୀ ୨୦୨୬-୨୭ ସିଜିନ୍ ପୂର୍ବରୁ ଏହି ଖେଳାଳି ଚୁକ୍ତି ବ୍ୟବସ୍ଥା ଘୋଷଣା କରିଛି। ଏଥିସହ ଖେଳାଳି ଚୁକ୍ତି ବ୍ୟବସ୍ଥା ପ୍ରଚଳନ କରିବାରେ ଏମ୍‌ସିଏ ଦେଶର ପ୍ରଥମ ସଂଘ ଭାବେ ହୋଇଛି। ଏହି ଚୁକ୍ତି ବ୍ୟବସ୍ଥା ଅନୁଯାୟୀ ଗ୍ରେଡ୍-ଏ'ରେ ଥିବା ଖେଳାଳିମାନଙ୍କୁ ବାର୍ଷିକ ୧୨ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ଦିଆଯିବ। ସେହିଭଳି ଗ୍ରେଡ-ବି'ରେ ଥିବା ଖେଳାଳି ପାଉଣା ବାବଦକୁ ୮ରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ପାଇବେ। ଅନ୍ତିମ ତଥା ଗ୍ରେଡ-ସି'ରେ ସ୍ଥାନିତ ରହିଥିବା ଖେଳାଳିମାନଙ୍କୁ ବାର୍ଷିକ ୮ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହାବାଦ ମୁମ୍ବଇର ଚୁକ୍ତିନାମାପ୍ରାପ୍ତ ଖେଳାଳିମାନେ ବୋର୍ଡର ନୀତି ଅନୁଯାୟୀ ମ୍ୟାଚ୍ ଫି, ଦୈନିକ ଭତ୍ତା ଏବଂ ପ୍ରଦର୍ଶନ-ଭିତ୍ତିକ ପ୍ରୋତ୍ସାହନ ପାଇବା ପାଇଁ ମଧ ହକଦାର ହେବେ। ଏହି ପଦକ୍ଷେପ ଉଦୀୟମାନ କ୍ରିକେଟର୍‌ଙ୍କ ପାଇଁ ଆର୍ଥିକ ସୁରକ୍ଷା, ବୃତ୍ତିଗତ ଗଠନ ଏବଂ ଦୀର୍ଘକାଳୀନ ବିକାଶ ପଥ ପ୍ରଦାନ କରିବ।

## ଫ୍ରେଞ୍ଚ ଓପନ ଟେନିସ୍‌ରେ ପୁରସ୍କାର ରାଶି ୯.୫% ବୃଦ୍ଧି

ପ୍ୟାରିସ୍,୧୬।୪(ଏଜେନ୍ସି): ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନରେ ଚଳିତବର୍ଷ ପୁରସ୍କାର ରାଶି ୯.୫ ଶତକଡ଼ା ବୃଦ୍ଧି ପାଇଛି। ଏହି ରାଶି ବୃଦ୍ଧି ପାଇବାରେ ପରେ ଏହା ଏକ୍ଷବ ୬୧.୭ ମିଲିୟନ ୟୁରୋସ ବା ୭୨.୬୯ ଡଲାର ବା ୬୭୭.୩୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୫ରେ ଦିଆଯାଇଥିବା ପୁରସ୍କାର ରାଶି ଅନୁଯାୟୀ ଏହା ୯.୫ ଶତକଡ଼ା ବୃଦ୍ଧି ଘଟିଛି। ଉଭୟ ପୁରୁଷ ଓ ମହିଳାଙ୍କ ଲାଗି ସମାନ ପୁରସ୍କାର ରାଶି ପ୍ରଦାନ କରୁଥିବା ଫ୍ରେଞ୍ଚ୍ ଓପନରେ କେବଳ ଚାମ୍ପିଅନ କିମ୍ବା ରନର୍ସ ଅପ୍ ନୁହଁନ୍ତି, ପ୍ରତ୍ୟେକ ରାଉଣ୍ଡରେ ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଛି। କିନ୍ତୁ ଏହି ବୃଦ୍ଧି ସତ୍ତ୍ୱେ ବିଶ୍ୱରେ ଖେଳାଯାଉଥିବା ଅନ୍ୟ ୩ଟି ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟଠାରୁ ଫ୍ରେଞ୍ଚଓପନରେ ପୁରସ୍କାର ରାଶି କମ୍। ସୂଚନା ଅନୁଯାୟୀ ୟୁଏସ୍ ଓପନରେ ସର୍ବାଧିକ ୯୦ ମିଲିୟନ୍ ଡଲାର ପୁରସ୍କାର ରହିଛି। ଏହି ପୁରସ୍କାର ରାଶି ୱିମ୍ବଲଡନରେ ୭୨.୭୦ ମିଲିୟନ ଡଲାର ଓ ଅଷ୍ଟ୍ରେଲିଆନ ଓପନରେ ୭୯.୯୨ ମିଲିୟନ ଡଲାର ରହିଛି।

## ଆଜିଠୁ ଭାରତ-ଦ.ଆଫ୍ରିକା ମହିଳା ଟି-୨୦ ସିରିଜ

ଡର୍ବାନ୍, ୧୬।୪ (ଏଜେନ୍ସି): ଘରୋଇ ଦକ୍ଷିଣ ଆଫ୍ରିକା ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଶୁକ୍ରବାରଠାରୁ ଡର୍ବାନରେ ଆରମ୍ଭ ହେବାକୁଯାଉଛି। ଚଳିତ ବର୍ଷ ମଧ୍ୟଭାଗରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ପୂର୍ବ ପ୍ରସ୍ତୁତି ଲାଗି ଉଭୟ ଦଳ ଲାଗି ଏହି ସିରିଜ ବେଶ୍ ଗୁରୁତ୍ୱବହନ କରୁଛି। ଏହି ସିରିଜକୁ ନେଇ ଭ୍ରମଣକାରୀ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ବେଶ୍ ଆଶାବାଦୀ ରହିଛନ୍ତି। 'ଦିନକିଆ ବିଶ୍ୱକପ୍ ବିଜୟ ପରେ ଖେଳାଳିଙ୍କ ମନୋବଳ ଦୃଢ଼ ରହିଛି। ନିକଟରେ ଅଷ୍ଟ୍ରେଲିଆ ବିପକ୍ଷରେ ୨-୧ରେ ଏବଂ ଡିସେମ୍ବରରେ ଶ୍ରୀଲଙ୍କା ବିପକ୍ଷରେ ୫-୦ରେ ଆମେ ଟି-୨୦ ସିରିଜ ଜିତିଥିଲୁ। ଟି-୨୦ ବିଶ୍ୱକପ୍ ପୂର୍ବରୁ ଦଳର କମ୍ବିନେସନକୁ ସଜାଡ଼ିବାକୁ ଆମ ଲାଗି ଏହା ଏକ ଭଲ ସୁଯୋଗ। ଦକ୍ଷ ଅଲ୍‌ରାଉଣ୍ଡକୁ ନେଇ ଗଠିତ ଦକ୍ଷିଣ ଆଫ୍ରିକା ଏକ ଶକ୍ତିଶାଳୀ ଦଳ। ଗତ କିଛି ବର୍ଷ ଧରି ସେମାନେ ଭଲ ପ୍ରଦର୍ଶନ କରିଆସୁଛନ୍ତି। ଏଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ଖେଳିଲେ ମନୋବଳ ବୃଦ୍ଧି ପାଇଥାଏ' ବୋଲି ହରମନପ୍ରୀତ୍ ଗୁରୁବାର ଡର୍ବାନରେ ସାମ୍ବାଦିକ ଏହା କହିଛନ୍ତି। ରେକର୍ଡ ଉପରେ ନଜର ପକାଇଲେ ଉଭୟ ଦଳ ଟି-୨୦ରେ ୧୯ଥର ସାମ୍ନାସାମ୍ନି ହୋଇଛନ୍ତି। ଯେଉଁଥିରେ ଭାରତ ୧୦ଥର ଓ ଦକ୍ଷିଣ ଆଫ୍ରିକା ୬ଥର ବିଜୟୀ ହାସଲ କରିଛି। ତିନୋଟି ମ୍ୟାଚର ଫଳାଫଳ ବାହାରିନି।



**ଟି-୨୦ ସିରିଜ କାର୍ଯ୍ୟସୂଚୀ:** ୧୭।୪: ପ୍ରଥମ ଟି-୨୦, ରାତି ୯ଟା ୩୦, ୧୯।୪: ଦ୍ୱିତୀୟ ଟି-୨୦, ସନ୍ଧ୍ୟା ୫ଟା ୩୦, ୨୨।୪: ତୃତୀୟ ଟି-୨୦, ରାତି ୯ଟା ୩୦, ୨୫।୪: ଚତୁର୍ଥ ଟି-୨୦, ରାତି ୯ଟା ୩୦, ୨୭।୪: ପଞ୍ଚମ ଟି-୨୦, ସନ୍ଧ୍ୟା ୫ଟା ୩୦

## ବିଶ୍ୱ ବିଲିଆର୍ଡ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶାର ସୁବ୍ରତ



ଭୁବନେଶ୍ୱର,୧୬।୪(ସମିସ): ଓଡ଼ିଶାର ପ୍ରତିଷ୍ଠିତ ଖେଳାଳି ସୁବ୍ରତ ଦାସ ପ୍ରଥମଥର ଲାଗି ଆଇଏସ୍‌ବିଏଫ୍ ବିଶ୍ୱ ବିଲିଆର୍ଡ୍ସ ଚାମ୍ପିଅନସିପ୍‌ରେ ଖେଳିବାକୁ ଯାଉଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଏପ୍ରିଲ ୨୪ରୁ ୨୯ ତାରିଖ ଯାଏ ମାକାଉରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସେ ଆର୍ୟଲାଣ୍ଡର କାର୍ଲୋଠାରେ ଆସନ୍ତାକାଲିଠାରେ ହେବାକୁ ଥିବା ଆଇରିସ୍ ଓପନରେ ଅଭିଯାନ ଆରମ୍ଭ କରିବେ। ଏହା ପରେ ବିଶ୍ୱ ଚାମ୍ପିଅନସିପ୍ ପୂର୍ବରୁ ମାକାଉଠାରେ ଏପ୍ରିଲ ୨୦ରୁ ୨୪ ଯାଏ ଆୟୋଜିତ ହେବାକୁ ଥିବା ୱାର୍ଲ୍ଡ ମ୍ୟାଚ୍ ପ୍ଲେ ବିଲିଆର୍ଡ୍ସ ଚାମ୍ପିଅନସିପ୍‌ରେ ଖେଳିବାର କାର୍ଯ୍ୟକ୍ରମ ରହିଛି।

**ଖେଲୋ ଇଣ୍ଡିଆ ଅସ୍ମିତା ଜାତୀୟ ସନ୍ତରଣ**

## ଜେଏସଡବ୍ଲ୍ୟୁ ଏଚ୍‌ସିପିକୁ ୧୦ ପଦକ

ଭୁବନେଶ୍ୱର, ୧୬।୪ (ସମିସ): ଅହମ୍ମଦାବାଦରେ ଏପ୍ରିଲ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଅସ୍ମିତା ଜାତୀୟ ମହିଳା ସନ୍ତରଣ ଲିଗ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ଆଇଆଇଏସ୍ ଜେଏସ୍‌ଡବ୍ଲ୍ୟୁ ସୁଇମିଂ ଏଚ୍‌ପିସିର ପ୍ରତିଯୋଗୀ ୧୦ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଯେଉଁଥିରେ ୩ଟି ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୫ କାଂସ୍ୟ ପଦକ ରହିଛି। ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ୫୦, ମିଟର, ୧୦୦ ମିଟର ଓ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ସେ ୨୦୦ ମିଟର ବ୍ୟକ୍ତିଗତ ମେଡଲେ'ରେ କାଂସ୍ୟ ପଦକ ସଫଳତା ପାଇଥିଲେ। ସୋନିଆ ପଟେଲଙ୍କୁ ୪ଟି ପଦକ ମିଳିଛି। ସୋନିଆ ୫୦ ମିଟର ଓ ୧୦୦ ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ଏବଂ ୨୦୦ ମିଟର ଫ୍ରିଷ୍ଟାଇଲ ଓ ୫୦ ମିଟର ବଟରଫ୍ଲାଏ'ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଅଂଶିକା ଆରାଧନା ସାହୁ ୨୦୦ ମିଟର ଫ୍ରିଷ୍ଟାଇଲ ଓ ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଥିଲେ।



## ଓସିଏ ଆନ୍ତଃଜିଲ୍ଲା ମହିଳା ଟି-୨୦ ଆରମ୍ଭ

ଭୁବନେଶ୍ୱର,୧୬।୪(ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆନ୍ତଃଜିଲ୍ଲା ମହିଳା ଟି-୨୦ ପ୍ରତିଯୋଗିତାର ଫେଜ-୧ ଗୁରୁବାରଠାରୁ କଟକରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୬ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଭୁବନେଶ୍ୱର ୪୫ ରନରେ ବାଲେଶ୍ୱରକୁ, ଖୋର୍ଦ୍ଧା ୭ ୱିକେଟରେ କେନ୍ଦ୍ରାପଡ଼ାକୁ, ସୋନପୁର ୧୦୯ ରନରେ ପାରାଦୀପକୁ, ଯାଜପୁର ୭ ୱିକେଟରେ ସମ୍ବଲପୁରକୁ, ଢେଙ୍କାନାଳ ୯ ୱିକେଟରେ ଝାରସୁଗୁଡ଼ାକୁ ଓ ପୁରୀ ୮ ୱିକେଟରେ ବୌଦ୍ଧକୁ ହରାଇଦେଇଛି। ଢେଙ୍କାନାଳର ଖୁସି ମୁଖୀ (୬୩ ରନ), ଯାଜପୁରର କାଜଲ ଜେନା (୩ ୱିକେଟ), ସୋନପୁରର ହରପ୍ରିୟା ଉଲ୍ଲାକା (୬୦ ରନ), ଭୁବନେଶ୍ୱରର ସୁଶ୍ରୀ ଦିବ୍ୟଦର୍ଶିନୀ (୨ଟି ୱିକେଟ) ପ୍ରଭାବୀ ପ୍ରଦର୍ଶନ କରିଥିଲେ।


ହରପ୍ରିୟା ଉଲ୍ଲାକା


ଖୁସି ମୁଖୀ




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS